


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୯ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 09 NOVEMBER 2023

Vol.No. 34 ■ No. 294■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମେମୁ ଟ୍ରେନ୍ ଲାଇନଚ୍ୟୁତ


ଭୁବନେଶ୍ୱର, ୮/୧୧: (ନି.ପ୍ର) ଝାରସୁଗୁଡ଼ାରୁ ସମ୍ବଲପୁର ଆସୁଥିବା ବେଳେ ମେମୁ ଟ୍ରେନ୍ ସରଲା ନିକଟରେ ଲାଇନଚ୍ୟୁତ ହୋଇଛି । ମଇଁଷିକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଥିବା ଅନୁମାନ କରାଯାଉଛି । ଟ୍ରେନର ଗୋଟିଏ ବଗି ଲାଇନଚ୍ୟୁତ ହୋଇଛି । ଦୁର୍ଘଟଣାରେ କ୍ଷୟକ୍ଷତି ନେଇ ଏଯାବତ ସୂଚନା ମିଳିନାହିଁ । ନିର୍ଦ୍ଧାରିତ ସମୟରେ ଝାରସୁଗୁଡ଼ାରୁ ଛାଡ଼ିଲା ମେମୁ ପାସେଞ୍ଜର ଟ୍ରେନ୍ । ଟ୍ରେନ୍‌ରେ ଖଚାଖଚ ଭିଡ଼ ଥିଲା । ସରଲା ନିକଟରେ ଗୋଟିଏ ମଇଁଷି ଟ୍ରାକ୍ ଅତିକ୍ରମ କରୁଥିଲା । ସେହି ସମୟରେ ମେମୋ ଟ୍ରେନ୍ ଟି ମଇଁଷିକୁ ଧକ୍କା ଦେଇଥିଲା । ଯାହାଫଳରେ ଗୋଟିଏ ବଗି ଲାଇନ୍ ଚ୍ୟୁତ ହୋଇଛି । ଏହାଯୋଗୁଁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି ।

## ଦୀପାବଳିରେ ରାସାୟନିକ ବାଣକୁ ନାଁ : ପ୍ରଦୂଷଣ ରୋକିବାକୁ ବଜାରରେ ମିଳୁଛି ସବୁଜ ବାଣ

ଭୁବନେଶ୍ୱର, ୮/୧୧: (ନି.ପ୍ର) ଦୀପାବଳି ପାଇଁ ବ୍ରହ୍ମପୁର ଉପକଣ୍ଠ ଲାଠି ଓ ଢ଼େଙ୍ଗାପଦର ଠାରେ ବାଣ ବଜାର ଖୋଲା ଯାଇଛି । ବର୍ଷ ବର୍ଷଧରି ବ୍ରହ୍ମପୁର ନିଳକଣ୍ଠେଶ୍ୱର ବାଣ ବଜାର ରେ ବାଣ ବିକ୍ରି ହେଉଥିଲା । କିନ୍ତୁ ସେଠାରେ ଜନବସତି ବଢ଼ିବା ହେତୁ ସେଠାରେ ବାଣ ବିକ୍ରୀ ବନ୍ଦ ହୋଇଗଲା । ଏବେ କିନ୍ତୁ ଢ଼େଙ୍ଗା ପଦର ଓ ଲାଠିରେ ବିକ୍ରି ହେଉଛି । ଏଠାରେ ସରକାରୀ ନିୟମ ଅନୁଯାୟୀ ଗୋଟିଏ ଦୋକାନରୁ ଆଉ ଏକ ଦୋକାନ ମଧ୍ୟରେ ୧୫ ଫୁଟର ଦୂରତା ରହିଛି । ଏଠରେ ଧିରେ ଧିରେ ଲୋକଙ୍କ ମଧ୍ୟ ଭିଡ଼ ଜମିବାରେ ଲାଗିଛି । ଚଳିତ ବର୍ଷ ବ୍ୟବସାୟୀ ସବୁଜ ବାଣକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । କାରଣ ପରିବେଶ ପ୍ରଦୂଷଣ ବଢୁଥିବାରୁ ସବୁଜ ବାଣ ବିକ୍ରି ଉପରେ ଗୁରୁତ୍ୱ ଦିଆଯାଉଛି । ବିଭିନ୍ନ ସ୍ଥାନରେ ସବୁଜ ବାଣ ହିଁ ବିକ୍ରି ହେଉଛି । ବାଣ ବଜାରରେ ୫୦ ଟଙ୍କାରୁ ଆରମ୍ଭ କରି ୫୦୦୦ ଟଙ୍କା ପର୍ଯ୍ୟନ୍ତ ମିଳୁଛି ।

# ବିବାଦ ତେଜିବା ପରେ ଭୁଲ ମାଗିଲେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର

### ମହିଳାଙ୍କ ସେକ୍ସ ଏଜୁକେସନ୍ ବିଷୟରେ ବୟାନ ପଡିଲା ଭାରି



ନୂଆଦିଲ୍ଲୀ, ୮/୧୧ ମହିଳାଙ୍କ ଉଦ୍ଦେଶ୍ୟରେ ବିବାଦୀୟ ଦେଇ ସମସ୍ୟା ଘେରରେ ନୀତୀଶ କୁମାର । ବୟାନକୁ ନେଇ ବିବାଦ ତେଜିବାରୁ ଭୁଲ ମାଗିଛନ୍ତି ବିହାର ମୁଖ୍ୟମନ୍ତ୍ରୀ । ନୀତୀଶ କହିଛନ୍ତି, ମୁଁ ତ ମହିଳାଙ୍କ ଶିକ୍ଷା ବିଷୟରେ ଆଲୋଚନା କରିଥିଲି । ଏଭଳି କହୁ କହୁ ସେକ୍ସ ଏଜୁକେସନକୁ ନେଇ ଏଭଳି କହି ଦେଇଥିଲି । ମୋର ବୟାନ ଯଦି କାହାକୁ ଆଘାତ ପହଁଚାଇଛି ତାହାଲେ ମୁଁ କ୍ଷମା ପ୍ରାର୍ଥନା କରୁଛି । ନୀତୀଶ ଆହୁରି କହିଛନ୍ତି ମୁଁ ଜାଣି ନଥିଲି ମୋ କଥାକୁ ନେଇ ଏତେ ବିବାଦ ଉପୁଜିବ । ମହିଳାଙ୍କ ସେକ୍ସ ଏଜୁକେସନକୁ ନେଇ ବିହାର ବିଧାନସଭାରେ ବକ୍ତବ୍ୟ ରଖିବା ପରେ ବିବାଦ ତେଜିଥିଲା । ମଙ୍ଗଳବାର ବିହାର ବିଧାନସଭାରେ, ଜନସଂଖ୍ୟା ନିୟନ୍ତ୍ରଣ ନୀତି ଉପରେ ବକ୍ତବ୍ୟ ରଖିଥିଲେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ନୀତୀଶ କହିଥିଲେ, ସେକ୍ସ ଏଜୁକେସନରେ ଆମ ରାଜ୍ୟର ମହିଳାମାନେ ଆଗରେ ରହିଛନ୍ତି । ଆମ ସରକାର ମହିଳାଙ୍କୁ ଏହି ଶିକ୍ଷା ଯୋଗାଇବାରେ ସଫଳ ହୋଇଛି । ସେଥିପାଇଁ ଆମ ରାଜ୍ୟର ଜନସଂଖ୍ୟା ନିୟନ୍ତ୍ରଣରେ ରହିଛି । ତାଙ୍କର ଏହି ବୟାନକୁ ନେଇ ନୀତୀଶଙ୍କ ସରକାରର ମହିଳା ମନ୍ତ୍ରୀ ବି ପ୍ରଶ୍ନ ଉଠାଇଥିଲେ ।

# ମହୁଆ ମୋଇତ୍ରାଙ୍କ ପାଇଁ ବଢ଼ିଲା ଅଡୁଆ: ସିବିଆଇ ଯାଂଚ ପାଇଁ ଆଦେଶ



ନୂଆଦିଲ୍ଲୀ, ୮/୧୧ : ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିବା ମାମଲାରେ ଏବେ ଟିଏମସି ସାଂସଦ ମହୁଆ ମୋଇତ୍ରାଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି । ସଂସଦର ନୈତିକତା କମିଟି ଏନେଇ ମହୁଆଙ୍କୁ ଜେରା କରିବା ପରେ ଏହି ମାମଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସିବିଆଇ ଯାଂଚ କରିବାକୁ ଲୋକପାଳ ସିବିଆଇକୁ ଆଦେଶ ଦେଇଛନ୍ତି । ଏନେଇ ବିଜେପି ସାଂସଦ ନିଶିକାନ୍ତ ଦୁବେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି । ନିଶିକାନ୍ତ ଦୁବେ ସୋସିଆଲ ମିଡିଆ ଆକାଉଣ୍ଟ ଟ୍ୱିଟର (ଏକ୍ସ) ରେ ଲେଖିଛନ୍ତି ଯେ ମୋ ଅଭିଯୋଗ କ୍ରମେ ଲୋକପାଳ ଅଭିଯୁକ୍ତ ସାଂସଦ ମହୁଆ ମୋଇତ୍ରାଙ୍କ କ୍ୟାସ ଫର କ୍ୱେରୀ ମାମଲାରେ ସିବିଆଇ ଯାଂଚ ପାଇଁ ଆଦେଶ ଦେଇଛନ୍ତି ।

ବିଜେପି ସାଂସଦ ନିଶିକାନ୍ତ ଦୁବେ ଅଭିଯୋଗ କରିଥିଲେ କି ସଂସଦରେ ଟିଏମସି ସାଂସଦ ମହୁଆ ମୋଇତ୍ରା ଟଙ୍କା ନେଇ ପ୍ରଶ୍ନ ପଚାରିଛନ୍ତି । ଏନେଇ ସେ ଆଇଟି ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ମଧ୍ୟ ଚିଠି ଲେଖିଥିଲେ ।

ସେପଟେ ମହୁଆ ମୋଇତ୍ରାଙ୍କ ପୂର୍ବତନ ପୁରୁଷ ବନ୍ଧୁ ତଥା ଓକିଲ ଜୟ ଅନନ୍ତ ଦେହାଦ୍ରଇ ମହୁଆଙ୍କ ବିରୋଧରେ ଏକ ନୂଆ ମାମଲା ଦାଖଲ କରିଛନ୍ତି । ସେ ଅଭିଯୋଗ କରିଛନ୍ତି କି ମହୁଆ ମୋଇତ୍ରା ତାଙ୍କ ବାସଭବନରେ ପ୍ରବେଶ କରି ତାଙ୍କ କର୍ମଚାରୀଙ୍କ ଧମକ ଚମକ ଦେଉଛନ୍ତି । ଏନେଇ ସେ ହୋଜ ଖ୍ୱାସ ଥାନାରେ ଅଭିଯୋଗ କରିଛନ୍ତି ।

# ପ୍ରଯୋଜକ ଟୁଟୁ ନାୟକଙ୍କୁ ମିଳିଲା ଜାମିନ୍



ଭୁବନେଶ୍ୱର, ୮/୧୧: (ନି.ପ୍ର) ଜେଲରୁ ମୁକୁଳିଲେ ପ୍ରଯୋଜକ ଟୁଟୁ ନାୟକ । ମହିଳା ସାମ୍ବାଦିକାଙ୍କୁ ମାଡ଼ ଅଭିଯୋଗରେ ଜେଲ ଯାଇଥିବା ସିନେ ପ୍ରଯୋଜକ ଟୁଟୁ ଓରଫ୍ ସଞ୍ଜୟ ନାୟକଙ୍କୁ ଜାମିନ ମିଳିଲା ପରେ ଆଜି ସେ ଭୁବନେଶ୍ୱର ଝାରପଡ଼ା ଜେଲରୁ ମୁକୁଳିଛନ୍ତି । ଟୁଟୁ ନାୟକଙ୍କୁ ଭୁବନେଶ୍ୱର ଏସଡିଜେଏମ୍ କୋର୍ଟ ପକ୍ଷରୁ ଜାମିନ ମିଳିଥିଲା । ୫୦ ହଜାର ଟଙ୍କା ଓ ଜଣେ ଜାମିନଦାର ବଦଳରେ ଜାମିନ ପାଇଛନ୍ତି ଟୁଟୁ ନାୟକ । ଉଲ୍ଲେଖ ଥାଉ କି ଶ୍ରୀୟା ସ୍ୱାତି ସିନେ କମ୍ପ୍ଲେକ୍ସରେ ପ୍ରଥା ଫିଲ୍ମର ପ୍ରିମିୟର ବେଳେ ମହିଳା ସାମ୍ବାଦିକ ଦେବସ୍ମିତା ରାଉତଙ୍କୁ ମାଡ଼ ମାରିବା ଅଭିଯୋଗରେ ପ୍ରଯୋଜକ ଟୁଟୁ ଓରଫ୍ ସଞ୍ଜୟ ନାୟକଙ୍କୁ ଖାରବେଳନଗର ଥାନା ପୁଲିସ ଦଫା ୩୫୪, ୩୪୧, ୩୨୩, ୨୯୪ରେ ଗିରଫ କରି ଗତ ଶନିବାର କୋର୍ଟ ଚାଲାଣ କରିଥିଲା । ଏହାପରେ କୋର୍ଟ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ ।

## ଭିଜିଲାନ୍ସ ଜାଲରେ ଅଧିକ୍ଷଣ ଯନ୍ତ୍ରୀ

ଭୁବନେଶ୍ୱର, ୮/୧୧: (ନି.ପ୍ର) ଭିଜିଲାନ୍ସ ଜାଲରେ ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱବନ୍ଧୁ ପାଣିଗ୍ରାହୀ । ଭୁବନେଶ୍ୱର ଓ ଭଦ୍ରକର ୬ଟି ସ୍ଥାନରେ ଚଢାଉ କରିଛି ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ଟିମ୍ । ଏଥିରେ ୭ଜଣ ଡିଏସ୍ପି, ୫ଜଣ ଇନ୍ସପେକ୍ଟର , ୮ଜଣ ଏଏସଆଇ ଏହି ଚଢଉରେ ସାମିଲ ହୋଇଛନ୍ତି । ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱବନ୍ଧୁ ପାଣିଗ୍ରାହୀଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୂଳ କରିବାର ଅଭିଯୋଗ ହୋଇଥିଲା । ଏହାକୁ ଆଧାର କରି ଭିଜିଲାନ୍ସ ଦ୍ୱାରା ଏହି ଚଢାଉ ହୋଇଛି । ତାଙ୍କ ଭୁବନେଶ୍ୱର ଭିଏସ୍‌ଏସ୍ ନଗର ବାସଭବନ, ରୁଦ୍ରପୁର ନିକଟରେ ଥିବା ଫ୍ଲାଟ୍, ଭଦ୍ରକ ତୋରଣପଡା ସ୍ଥିତ ପୈତୃକ ବାସଭବନ, ମଠସାହି ସ୍ଥିତ କୋଠା ସମେତ ବିଭିନ୍ନ ସମ୍ପର୍କୀୟଙ୍କ ଘରେ ଏକାକାଳୀନ ଚଢଉ କରିଛି ଭିଜିଲାନ୍ସ ବିଭାଗ ।

# ବିଷ ବଳୟରେ ଦିଲ୍ଲୀ: ଏୟାର କ୍ୱାଲିଟି ଇଣ୍ଡେକ୍ସରେ ଶୋଚନୀୟ ରେକର୍ଡ



ନୂଆଦିଲ୍ଲୀ, ୮/୧୧ : ଉତ୍କଟ ହେଉଛି ଦିଲ୍ଲୀ ବାୟୁ ପ୍ରଦୂଷଣ ସମସ୍ୟା । ସ୍ଥିତିରେ କୌଣସି ସୁଧାର ଆସୁନଥିବା ଦେଖିବାକୁ ମିଳିଛି । ଆଜି ସକାଳୁ ବି ବିଷାକ୍ତ ବାୟୁର ଆସ୍ତରଣ ଦିଲ୍ଲୀ ଆକାଶରେ ଛାଇ ରହିଥିବା ଦେଖିବାକୁ ମିଳିଛି । ଆଜି ସକାଳୁ ଦିଲ୍ଲୀ ବାୟୁମଣ୍ଡଳର ମାନ ଅତ୍ୟନ୍ତ ଖରାପ ସ୍ତରରେ ରହିଥିବା ରେକର୍ଡ ହୋଇଛି । ଏକ୍ୟୁଆଇ ମିଟରରେ ଦିଲ୍ଲୀର ଅଧିକାଂଶ ସ୍ଥାନର ବାୟୁର ମାନ ୪ଶହ ଉପରେ ରହିଥିବା ଦେଖିବାକୁ ମିଳିଛି । ଦିଲ୍ଲୀ ପଞ୍ଜାବୀ ବାଗରେ ଏକ୍ୟୁଆଇ ୪୬୦ ରେକର୍ଡ ହୋଇଛି । ସେହିପରି ଆନନ୍ଦ ବିହାରରେ ୪୫୨, ବୱାନାରେ ୪୬୨, ରୋହିଣୀରେ ୪୫୧, ନଏଡାରେ ୪୦୯, ଗୁରୁଗାଓଁରେ ୩୭୦, ଫରିଦାୱାଦରେ ୩୯୬ ଓ ଗାଜିଆବାଦରେ ୩୮୨ ରେକର୍ଡ ହୋଇଛି । ତେବେ ଗତକାଲି ରାତିରେ ପ୍ରଦୂଷଣ ମାତ୍ରା ୯ଶହ ଟପିଥିବା ଏକ୍ୟୁଆଇ ମିଟରରେ ରେକର୍ଡ ହୋଇଥିଲା । ଯାହା ସାଧାରଣ ଲୋକଙ୍କ ପାଇଁ ଗ୍ୟାସ୍ ଚାମ୍ବରରେ ରହିବା ସଦୃଶ୍ୟ । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦିଲ୍ଲୀ ସରକାର ନେଇଥିବା ପଦକ୍ଷେପ ଯଥେଷ୍ଟ ନୁହେଁ ବୋଲି ଗତକାଲି କହିଥିଲେ ସର୍ବୋଚ୍ଚ ନ୍ୟାୟାଳୟ । ମିଳିମିଶି ପ୍ରଦୂଷଣ ନିରାକରଣ ଦିଗରେ କାମ କରିବାକୁ ୫ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ । ଏହାପରେ ଆଜି ୫ ରାଜ୍ୟର କ୍ୟାବିନେଟ୍ ମନ୍ତ୍ରୀଙ୍କୁ ନେଇ ବୈଠକ ହେବାକୁ ଯାଉଛି । ପଂଜାବ, ହରିଆଣା, ଦିଲ୍ଲୀ, ଉତରପ୍ରଦେଶ ଓ ରାଜସ୍ଥାନ ସରକାର ମିଳିତ ଭାବେ ପ୍ରଦୂଷଣ ନେଇ ନିଷ୍ପତି ନେବାକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ ।

# ଉପବାଚସ୍ପତି ପଦରୁ ଇସ୍ତଫା ଦେଲେ ରଜନୀକାନ୍ତ ସିଂହ



ଭୁବନେଶ୍ୱର, ୮/୧୧:(ନି.ପ୍ର) ଓଡିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ ବୁଧବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସେ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ଭେଟି ନିଜ ଇସ୍ତଫାପତ୍ର ଦେଇଛନ୍ତି । ସେ କହିଛନ୍ତି ଯେ ଉପବାଚସ୍ପତି ଏକ ସାମ୍ବିଧାନିକ ପଦ । ସାମ୍ବିଧାନିକ ପଦବୀରେ ଥିବାରୁ ଦଳୀୟ ସଂଗଠନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରୁନଥିଲି । ଆଖି ଆଗରେ ନିର୍ବାଚନ ଅଛି । ତେଣୁ ଦଳୀୟ ସଂଗଠନ ସହ ଦଳୀୟ କାର୍ଯ୍ୟ ପାଇଁ ଇସ୍ତଫା ଦେଇଛି । ସାମ୍ବିଧାନିକ ପଦରେ ଥିବାରୁ ସଂଗଠନ ଓ ଦଳୀୟ ଲୋକଙ୍କ ସହ ମିଶି ପାରୁ ନଥିଲି । ସଂଗଠନ ଓ ଦଳୀୟ ଲୋକଙ୍କ ସହ ମିଶିବା ପାଇଁ ଇସ୍ତଫା ଦେଇଛି । ଏହା ହଠାତ୍ ନିଷ୍ପତି ନୁହେଁ । ବହୁ ଦିନର ନିଷ୍ପତି ଥିଲା । ୨୦୦୪ ମସିହାରୁ ଶ୍ରୀ ସିଂହ କ୍ରମାଗତ ଭାବେ ଅନୁଗୁଳ ବିଧାନସଭା ଆସନରୁ ଜିତି ଆସୁଛନ୍ତି । ୨୦୧୯ ଜୁନ୍ ମାସରୁ ସେ ଉପବାଚସ୍ପତି ଭାବେ କାର୍ଯ୍ୟ କରୁଥିଲେ । ଅନୁଗୁଳରେ ଦଳର ସ୍ଥିତି ଖରାପ ଥିବାରୁ ତାଙ୍କୁ ସଂଗଠନ କଥା ବୁଝିବାକୁ କୁହାଯାଇଥିବା ଚର୍ଚ୍ଚା ହେଉଛି ।

## ବୀରପୁଅକୁ ହରାଇ ଗୁମୁରି କାନ୍ଦୁଛି ଗୋପାଳପୁର

# ଶେଷ ଶ୍ରଦ୍ଧାଞ୍ଜଳି ଦେଲା ବେଳେ ସବୁଠି ଲୁହ କୋହର ପରିବେଶ

ଭୁବନେଶ୍ୱର, ୮/୧୧:(ନି.ପ୍ର) ନିଜ ବୀର ପୁଅକୁ ହରାଇ ଆଜି ଜନ୍ମମାଟି ଗୋପାଳପୁର ଯେତିକି କାନ୍ଦୁଛି । ସେତିକି ବି ଗର୍ବ କରୁଛି । କାରଣ ଦେଶ ମାତୃକା ପାଇଁ ବୀରପୁଅ ପ୍ରାଣ ବଳି ଦେଇ ସହିଦ ହୋଇଯାଇଛି । ଚୀର ନିଦ୍ରାରେ ଶୋଇଯାଇଛନ୍ତି ଗୋପାଳପୁରର ବୀରପୁତ୍ର । କର୍ମଭୂମୀରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ପ୍ରାଣ ହରାଇଛନ୍ତି ଓଡିଆ ଯବାନ ପ୍ରକାଶ ଶିଅଳ । ତେବେ ସହିଦଙ୍କ ପ୍ରାର୍ଥୀବ ଶରୀରକୁ ଜନ୍ମଭୂମି ଅଭିମୁଖେ ନିଆଯାଉଥିବା ବେଳେ ବାଟେ ବାଟେ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ସ୍ଥାନୀୟ ଲୋକେ । ବାଇକ୍ ଶୋଭଯାତ୍ରାରେ ନିଜ ମାଟିକୁ ପାଛୋଟି ନିଆଯାଉଛି । ସହିଦ ଯବାନ ଅମର ରହେର ନାରା ଦେଇ ହଜାର ହଜାର ଲୋକ ଏକାଠି ହୋଇଛନ୍ତି । ପିଲାଠୁ ବୁଢା ଆଜି ତାଙ୍କ ଗୁଣଗାନ କରୁଛନ୍ତି ଏବଂ ଦେଶର ସୁନା ପୁଅ ପାଇଁ ଏକ ବିଶାଳ ତ୍ରିରଙ୍ଗା ଧରି ପିଲାମାନେ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି । ସେପଟେ ଗାଁରେ ଅପେକ୍ଷା କରିଛନ୍ତି ମାଆ, ସ୍ତ୍ରୀ, ଦୁଇ କୁନି କୁନି ପିଲା ଏବଂ ସମ୍ପର୍କୀୟ । ଛତିଶଗଡ଼ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସହିଦ ହୋଇଛନ୍ତି ଗୋପାଳପୁର ଗାଁର ପ୍ରକାଶ ଶିଅଳ । ସେ ଛତିଶଗଡ଼ କୋବ୍ରା ୨୦୬ ବାଟାଲିଅନରେ କାମ କରୁଥିଲେ । ସାଥୀ ଯବାନଙ୍କ ସହ ସୁକ୍ମା ଜିଲ୍ଲା ମିନାପା ଅଂଚଳର ଏକ ଭୋଟ୍ ଗ୍ରହଣ କେନ୍ଦ୍ରକୁ ଜଙ୍ଗଲ ରାସ୍ତା ଦେଇ ଯାଉଥିଲେ । ସେତିକିବେଳେ ମାଓବାଦୀମାନେ ବିଛାଇଥିବା



ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା । ଫଳରେ ପ୍ରକାଶଙ୍କ ସହ ୪ ଜଣ ବିଏସଏଫ୍ ଯବାନ ଗୁରୁତର ଆହତ ହୋଇଥିଲେ । ସମସ୍ତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତି କରାଯାଇଥିଲା । ପ୍ରକାଶଙ୍କ ଦୁଇ ଗୋଡରେ ଅସ୍ତ୍ରୋପଚାର କରାଯାଉଥିବା ବେଳେ ତାଙ୍କ ଜୀବନ ଚାଲିଯାଇଥିଲା । ଏହି ଖବର ଜଣାପଡ଼ିବା ପରେ ଜନ୍ମମାଟି ଗୋପାଳପୁର ସହ ବାଲେଶ୍ୱରରେ ଶୋକ ପ୍ରକାଶ ଛାୟା ଖେଳି ଯାଇଛି ।

# ଡିସେମ୍ବର ପହିଲାରୁ ବସ୍ ଧର୍ମଘଟ ଚେତାବନୀ : ୨୨ରୁ ବିଧାନସଭା ଆଗରେ ଧାରଣା ଦେବେ ବସ୍ ମାଲିକ

ଭୁବନେଶ୍ୱର, ୮/୧୧:(ନି.ପ୍ର) ଡିସେମ୍ବର ୧ ତାରିଖରୁ ରାଜ୍ୟ ତମାମ ବସ୍ ଧର୍ମଘଟ ଚେତାବନୀ ଦେଇଛି ଘରୋଇ ବସ୍ ମାଲିକ ସଂଘ । ସେହିପରି ନଭେମ୍ବର ୨୨ରୁ ବସ୍ ମାଲିକମାନେ ବିଧାନସଭା ସମ୍ମୁଖରେ ଧାରଣା ବସିବେ । ବସ ଧର୍ମଘଟ ନେଇ ଭବାନୀପାଟଣାରେ ବସିଥିବା ଘରୋଇ ବସ୍ ମାଲିକ ସଂଘ ବୈଠକରେ ଏହି ନିଷ୍ପତି ହୋଇଛି । ଏସମ୍ପର୍କରେ ସୂଚନା ଦେଇଛନ୍ତି ବସ୍ ମାଲିକ ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ । ସୂଚନା ଅନୁଯାୟୀ ବୁଧବାର ଦିନ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରେ ଅଲ୍ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକ ବସିଥିଲା । ଏଥିରେ ରାଜ୍ୟ ସରକାରଙ୍କ ବ୍ଲକ ସଦର ମହକୁମାରୁ ଜିଲ୍ଲା ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ଚଳାଚଳକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ଆସନ୍ତା ନଭେମ୍ବର ୨୨ ତାରିଖରୁ ୩୦ ଡିସେମ୍ବର ଯାଏଁ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ରାଜ୍ୟ ସରକାର ନ ଶୁଣିଲେ ଆସନ୍ତା ଡିସେମ୍ବର ୧ ତାରିଖରୁ ସାରା ରଜ୍ୟରେ ବସ ଧର୍ମଘଟ କରାଯିବ । ବିବାଦ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ସହିତ ବହୁବାର ଆଲୋଚନା କରିଛୁ । ମାତ୍ର ସବୁଥିରେ ବିଫଳ ହୋଇଛି । ଏବେ ମଧ୍ୟ ସମୟ ଅଛି । ରାଜ୍ୟ ସରକାର ଚାହିଁଲେ ବସ୍ ଧର୍ମଘଟକୁ ଏଡାଇ ଦିଆଯାଇ ପାରିବ ବୋଲି ଶ୍ରୀ ସାହୁ କହିଛନ୍ତି ।

# ଅଧାପନ୍ତରିଆ ପାର୍କ ନିର୍ମାଣ : କାମ ଛାଡି ଠିକାଦାର ଛୁ

ଚମ୍ପୁଆ, ୦୮/୧୧ (ନି.ପ୍ର): ଚମ୍ପୁଆ ବ୍ଲକର ପ୍ରତି ପଂଚାୟତରେ ଜନସାଧାରଣଙ୍କ ଆମୋଦ ପ୍ରମୋଦ ପାଇଁ ପଂଚାୟତ ମୁଖ୍ୟାଳୟ ମାନଙ୍କରେ ପାର୍କ ନିର୍ମାଣ ଯୋଜନା ସରକାର ହାତକୁ ନେଇଛନ୍ତି । ପାର୍କ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇ ଅନୁଦାନ ମଧ ଯୋଗାଇ ଦିଆଯାଇଥିବା ବେଳେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ପର୍ଶଳା ପଂଚାୟତର ପର୍ଶଳା ଗ୍ରାମରେ ନିର୍ମାଣ ହେଉଥିବା ପାର୍କ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି । କାମକୁ ଅଧାରେ ଛାଡି ଠିକାଦାର ଛୁ ମାରିଥିବାରୁ କାର୍ଯ୍ୟର ସମ୍ପୂର୍ଣ୍ଣ ନେଇ ଗ୍ରାମବାସୀଙ୍କ ମଧରେ ସନ୍ଦେହ ଦେଖାଦେଇଛି । ପ୍ରାୟ ୨ ଏକର ପରିମିତ ସରକାରୀ ଜମିରେ ୨୦ ଲକ୍ଷରୁ ଅଧିକ ବ୍ୟୟ ଅଟକଳରେ ଏହି ପାର୍କ ନିର୍ମାଣ କରାଯାଉଥିବା ବେଳେ ଝୁମ୍ପୁରା ବ୍ଲକର ଜଣେ ଜୈନିକ ଠିକାଦାର ଏହି ନିର୍ମାଣ କାର୍ଯ୍ୟର କାର୍ଯ୍ୟାଦେଶ ପାଇଥିଲେ । ତେବେ ଇତିମଧରେ ୬ ମାସରୁ ଅଧିକ ସମୟ ବିତି ଯାଇଯାଇଥିବା ବେଳେ ପାର୍କ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡି ରହିଥିବା ଦେଖିବାକୁ ମିଳିଛି । ଠିକାଦାର ଜଣକ ବିନା ସୂଚନା ଫଳକରେ କାର୍ଯ୍ୟ ଆରମ୍ଭ କରି କେବଳ ପାର୍କ ର ପାଚେରି ଫେବର ବ୍ଲକ ଓ ମୁଖ୍ୟ ଫାଟକ କାର୍ଯ୍ୟ କରି କାମକୁ ଅଧାରେ ଛାଡି ଛୁ ମାରି ଥିବାରୁ ଏବେ କାର୍ଯ୍ୟଟି ଅଧାପନ୍ତରିଆ ଭାବେ ପଡି ରହିଛି । ଠିକାଦାର କାମକୁ ଅଧାରେ ବନ୍ଦ ରଖିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଉକ୍ତ କାର୍ଯ୍ୟରେ ନିମ୍ନମାନର ଫେବର ବ୍ଲକ ବିଛା ଯାଇଥିବା ଯୋଗୁଁ ଫେବର ବ୍ଲକ ଗୁଡ଼ିକ ଦବି ଯାଇଥିବା ବେଳେ ପାର୍କ ପାଚେରୀର କିଛି ଅଂଶ ଭାଙ୍ଗି ଅସାମାଜିକ ବ୍ୟକ୍ତି ମାନେ ସନ୍ଧ୍ୟା ହେଲେ ଏଠାରେ ଆସର ଜମାଉ ଥିବା ଦେଖିବାକୁ ମିଳୁଛି । ନିମ୍ନମାନର କାମ ସହ ଅଧାପନ୍ତରିଆ କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏ ବାବଦରେ ଉକ୍ତ ପଂଚାୟତ ଦାୟିତ୍ୱରେ ଥିବା ଚମ୍ପୁଆ ବ୍ଲକର କନିଷ୍ଠ ଯନ୍ତ୍ରୀ ସ୍ୱଦେଷ୍ଟା ପାତ୍ରଙ୍କୁ ଯୋଗାଯୋଗ କରାଯିବାରୁ କାର୍ଯ୍ୟ ବନ୍ଦ ଥିଲା ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସଫେଇ ଦେଇଛନ୍ତି ।

# ପୁଲିସର ଆକ୍ରୋଶମୂଳକ ଗିରଫ ପ୍ରତିବାଦରେ ଆରକ୍ଷୀ ଅଧୀକ୍ଷକଙ୍କୁ ନ୍ୟାୟ ଭିକ୍ଷା

କୋରେଇ, ୦୮/୧୧ (ନି.ପ୍ର): ମିଥ୍ୟା ଅଭିଯୋଗରେ ପୁଲିସ ଗିରଫ କରିବାର ପ୍ରତିବାଦ କରି ନ୍ୟାୟ ଭିକ୍ଷା ପାଇଁ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆରକ୍ଷ ! ଅଧିକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି ଶଙ୍କର । ଆଜ୍ଞା ଆମେ ଗରୀବ ଲୋକ ବୋଲି ଆମକୁ କଣ ନ୍ୟାୟ ମିଳିବ ନାହିଁ। ମୋର କୌଣସି ଦୋଷ ନଥାଇ ମଧ୍ୟ ପୁଲିସ ମୋତେ ଗିରଫ କରି ଜେଲରେ ପୁରାଇଲା। ଯଦି ଏସପି ମୋତେ ନ୍ୟାୟ ପ୍ରଦାନ ନକରିବେ ତେବେ ଆମେ ସପରିବାରେ ଆତ୍ମହତ୍ୟା କରିଦେବୁ ପଛେ ଆଉ ଏ ସ୍ଥାନକୁ ଆସିବୁ ନାହିଁ। ଏଭଳି କାନ୍ଦି କାନ୍ଦି ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି ଯାଜପୁର ଜିଲ୍ଲା ଯଖପୁରା ଥାନା ଅନ୍ତର୍ଗତ ଦଳିତ ଯୁବକ କେଶବ ମଲ୍ଲିକଙ୍କ ପୁଅ ଶଙ୍କର ମଲ୍ଲିକ। ପ୍ରକାଶଯେ ଯଖପୁରା ମୌଜାରେ ନିର୍ମାଣଧିନ ଜଟିଆ ଷ୍ଟିଲ ପ୍ଲାଂଟ ନିମନ୍ତେ ଅଧିଗ୍ରହଣ ହୋଇଥିବା ସରକାରୀ ଜମିରେ ଶଙ୍କରଙ୍କ ପୂର୍ବପୁରୁଷ ମାନେ କୋଳଥ, ମାଣ୍ଡିଆ, ବାଜରା, ହରଡ଼ ଆଦି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଉକ୍ତ ପ୍ଲାଂଟର ନିର୍ମାଣ ନିମନ୍ତେ ଉକ୍ତ ଜମିକୁ ଅଧିଗ୍ରହଣ ପରେ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଶଙ୍କର ଓ ତାଙ୍କର ସହଯୋଗୀ ମାନେ ଉକ୍ତ ପ୍ଲାଂଟରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ନଚେତ ପ୍ଲାଂଟରେ ଠିକା କାର୍ଯ୍ୟ ଦେବା ଲାଗି ଦାବି କରି ଆସୁଥିଲେ। ମାତ୍ର ଯଖପୁରା ଗ୍ରାମର ଜୈନେକ ପ୍ରଭାବଶାଳୀ ବ୍ୟକ୍ତି ସମସ୍ତ ଠିକା କାର୍ଯ୍ୟକୁ ଏକା ହାତେଇବାକୁ ଚାହୁଁଥିଲେ। ଏ ନେଇ ଗଣ୍ଡଗୋଳ, ମାରପିଟ ଓ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ତେବେ ସୁକିନ୍ଦା ବିଧାୟକ ତଥା ମାନ୍ୟବର ଦକ୍ଷତା ବିକାଶ ମନ୍ତ୍ରୀ ଇଂ ପ୍ରିତିରଞ୍ଜନ ଘଡ଼ାଇ ଉଭୟ ପକ୍ଷଙ୍କ ସମେତ ସ୍ଥାନୀୟ ସରପଂଚଙ୍କୁ ଡ଼ାକି ସମାଧାନ ମଧ୍ୟ କରିଥିଲେ। ପରେ ସମସ୍ତ ପକ୍ଷ ନିଜ ନିଜର ଠିକା କାର୍ଯ୍ୟ ଚାଲୁ ରଖିଥିଲେ। ପରେ ଉକ୍ତ ଠିକାଦାର ଜଣକ ଶଙ୍କର ଓ ତାଙ୍କ ସହଯୋଗୀ ମାନଙ୍କ ଉପରେ ଆକ୍ରୋଶ ରଖି ଠିକାଦାରଙ୍କ କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁରର ଜୈନେକ ବନ୍ଧୁଙ୍କ ସହାୟତାରେ ଶଙ୍କରଙ୍କ ସମେତ ଶରତ ମଳିକଙ୍କ ପୁଅ ପପୁ ମଳିକ, ଦୀପୁ ମଳିକ ଓ ମାଗୁଣୀ ମଳିକଙ୍କ ପୁଅ ନିରଂଜନଙ୍କ ନାମରେ ବାଟରେ ଅଟକାଇ ୧୫ ଲକ୍ଷ ଟଙ୍କା ମାଗୁଛନ୍ତି ଓ ଜୀବନରୁ ମାରି ଦେବା ଲାଗି ଧମକ ଦେଉଛନ୍ତି ବୋଲି ଯଖପୁରା ଥାନାରେ ଗତ ମାସ ୨୬ ତାରିଖ ଦିନ ଏକ ମିଥ୍ୟା ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇବା ପରେ କେଶ ନମ୍ବର ୧୨୦/୨୩ ରୁଜୁ କରି ସମସ୍ତ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଶଙ୍କର ଓ ତାଙ୍କ ସହଯୋଗୀ ଉକ୍ତ ଅଭିଯୋଗକାରୀଙ୍କୁ ଜାଣି ନଥିବା ବେଳେ ପୁଲିସ କୌଣସି ଅନୁସନ୍ଧାନ ନକରି ପରଦିନ ରାତିରେ ସମସ୍ତଙ୍କୁ ଘରୁ ଉଠାଇ ଆଣିଥିଲା। ଏ ନେଇ ଗ୍ରାମରେ ଖବର ପ୍ରସାରିତ ହେବା ପରେ ଗ୍ରାମର ମହିଳା ମାନେ ଥାନାରେ ପହଂଚିବା ପରେ ପୁଲିସ ଶଙ୍କରଙ୍କ ସମେତ ସମସ୍ତ ସହଯୋଗୀ ମାନଙ୍କୁ ଦାନଗଦୀ ଫାଣ୍ଡିକୁ ସ୍ଥାନାନ୍ତରିତ କରିବା ପରେ କୋର୍ଟ ଚାଲାଣ କରିଥିଲା। ତେବେ ସୋମବାର ଦିନ ସମସ୍ତେ କୋର୍ଟରୁ ଜାମିନରେ ଆସିବା ପରେ ଶଙ୍କର ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଉକ୍ତ ଘଟଣାର ସଠିକ ତଦନ୍ତ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବା ଲାଗି ଦାବି କରିଛନ୍ତି । ତେବେ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ ଉକ୍ତ ଘଟଣାକୁ ଗୁରୁତର ଭାବେ ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ସଠିକ ତଦନ୍ତ କରି ରିପୋର୍ଟ ଦେବାକୁ ଦାୟିତ୍ୱ ପ୍ରଦାନ କରିଛନ୍ତି।

# ଲୋଧା ସମ୍ପ୍ରଦାୟର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରଶାସନକୁ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର, ୦୮/୧୧ (ନି.ପ୍ର): ଅଧାରେ ଅଟକିଛି ଆଦିମ ଆଦିବାସୀଙ୍କ ବିକାଶ । ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଯୋଜନା ରହିଛି, ହେଲେ ଆନ୍ତରିକତା ଅଭାବରୁ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ । ଫଳରେ ହିତାଧିକାରୀ ମାନେ ସରକାରୀ ଯୋଜନାରୁ ବଂଚିତ ହେଉଛନ୍ତି। ନିଜର ଅସୁବିଧା ସମ୍ପର୍କରେ ମୂଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ । ଏପରି ଏକ ଘଟଣା ମୟୂରଭଞ୍ଜ ଜିଲ୍ଲାର ଉଦଳା ବ୍ଲକ ଅନ୍ତର୍ଗତ ପାଟଶାଣିପୁର ଗ୍ରାମପଂଚାୟତର ଅମ୍ବିକାଦେଇପୁର ଦେଖିବାକୁ ମିଳିଛି। ଏହି ଅଂଚଳରେ ଥିବା ଗ୍ରାମରେ ଭୂମିହୀନ ଲୋଧା ସମ୍ପ୍ରଦାୟର ଲୋକେ ଦୀର୍ଘବର୍ଷ ଧରି ବସବାସ କରି ଆସୁଛନ୍ତି। ତେବେ ଏବେ ବନ ବିଭାଗ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଯୋଗୁଁ ସେମାନେ ବେସାହାରା ହୋଇପଡ଼ିଛନ୍ତି । ଯାହାକୁ ନେଇ ସେମାନେ ସୋମବାର ଜିଲ୍ଲାପାଳଙ୍କ ନିକଟରେ ପହଂଚି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁଯାୟୀ, ଅମ୍ବିକାଦେଇପୁର ରାଜସ୍ୱ ଗ୍ରାମର ଅନେକ ଅଂଶ ଜାମପାଣି ବନ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲ ପରିସର ମଧରେ ଯାଉଛି। ଏଥିପାଇଁ ବନ ବିଭାଗ ପକ୍ଷରୁ ୨୮ଟି ଲୋଧା ଜନଜାତି ପରିବାରକୁ ଉଚ୍ଛେଦ କରାଯାଇଛି। ଲୋଧା ଜନଜାତି ପରିବାର ଏଠାରେ ବାସଗୃହ କରି ଜୀବନ ଜୀବିକା ପାଇଁ ଚାଷ ତଥା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି। ଏହାଛଡା ଜୀବନ ଜୀବିକା ପାଇଁ ଅନ୍ୟ କୌଣସି ବିକଳ୍ପ ପନ୍ଥା ସେମାନଙ୍କ ନିକଟରେ ନାହିଁ । ହେଲେ ଜଙ୍ଗଲ ବିଭାଗ ବେଆଇନ ଭାବେ ଉଚ୍ଛେଦ କରି ସେମାନଙ୍କୁ ବେସାହାରା କରିଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ ବିଭାଗ ଲଗାତାର ଭାବେ ଜଙ୍ଗଲ ଅଧିକାର ଆଇନର ଧାରା ୪(୫) ର ଉଲ୍ଲଙ୍ଘନ କରି ଉଚ୍ଛେଦ କରିଛି। ଏସ.ସି ଏସ.ଟି ନିର୍ଯ୍ୟାତନା ନିବାରଣ ଆଇନର ଧାରା ୩(୫) ଅନୁଯାୟୀ ଏହା ବନ ବିଭାଗର ଏକ ଦଣ୍ଡନୀୟ ଅପରାଧ ବୋଲି ଅଭିଯୋଗରେ ଦର୍ଶାଇ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ ପୁଲିସ ଏତଲାକୁ ଗ୍ରହଣ କରିନାହିଁ । ଏହାର ସମାଧାନ ନେଇ ବାରମ୍ବାର ଦାବି କରିଥିଲେ ସୁଦ୍ଧା ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଅଭିଯୋଗ ନେଇ ଆସିଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦେଖାନପାଇ ଦାବିପତ୍ରକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମଚନ୍ଦ୍ର ସୋରେନଙ୍କୁ ପ୍ରଦାନ କରିଛନ୍ତି।

# ଜିଲ୍ଲା କଳାକାର ସଂଘର ସାଧାରଣ ପରିଷଦ ବୈଠକ

ବଲାଙ୍ଗିର, ୦୮/୧୧ (ନି.ପ୍ର): ଜିଲ୍ଲା କଳାକାର ସଂଘର ସାଧାରଣ ପରିଷଦ ବୈଠକ ସଂପାଦକ ପ୍ରଭାକର ମିଶ୍ରଙ୍କ ଆବାହକତ୍ୱରେ ସ୍ଥାନୀୟ ଯାଦବ ଭବନରେ ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ଧର୍ମପତ୍ନୀଙ୍କ ଦେହାନ୍ତ ହୋଇଥିବାରୁ ଅମର ଆତ୍ମାର ସଦ୍ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ସଭାପତି ଅବଦୁଲ ଜମାଲ ଖାନ । ଶ୍ରୀ ଖାନ ଉପସ୍ଥିତ ଥିବା ଜିଲ୍ଲାର ସାଂସ୍କୃତିକ ସଂଗଠନର ସଂଘ କିପରି ଭାବରେ ସୁଦୃଢ ହୋଇ କଳାକାରମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବ ତା ଉପରେ ଆଲୋକପାତ କରିଥିଲେ । ଇଣ୍ଡିଆନ୍ ଆଇଡଲ୍ ପ୍ରତିଯୋଗିତା ରେ ଗୋଲଡେନ ଟିକଟ ହାସଲ କରିଥିବା ଦିଲ୍ଲୀପ କୁମାର ସିଂଦେଓ ଓ ନଳୀନି ସିଂଦେଓଙ୍କ ସୁପୁତ୍ର ଅଜୟ ଅମର ସିଂଦେଓଙ୍କୁ ଫୁଲତୋଡା ଓ ପ୍ରଶସ୍ତୀ ପତ୍ର ପ୍ରଦାନ କରି ସଂବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା କରିଥିଲେ ବରିଷ୍ଠ କଳାକାର କାଳୀପ୍ରସାଦ ଷଡଙ୍ଗୀ ଓ ସନାତନ ଠାକୁର ଏବଂ ସମ୍ବର୍ଦ୍ଧନା ପତ୍ର ପଠନ କରିଥିଲେ ଜିଲ୍ଲା କଳାକାର ସଂଘ ମହିଳା ସଂଯୋଜିକା ସଂଗୀତା ଦାସ । ସମ୍ବର୍ଦ୍ଧିତ ପ୍ରତିଭା ଅଜୟ ଅମର ତାଙ୍କର ହାସଲ କରିଥିବା କୃତିତ୍ୱ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ସମ୍ବଲପୁର କୋଶଳୀ ଭାଷାରେ ନିର୍ମିତ ମାଇଣ୍ଡ ଗେମ୍ ସିନେମା ରୟାଲ ସିନେମା ହଲରେ ଅନ୍ତତଃ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଜନସାଧାରଣଙ୍କୁ ଦେଖାଇବା ପାଇଁ ଅଜୟ କୁମାର ନାଗ ଙ୍କ ନେତୃତ୍ୱରେ ହଲ୍ ର ମ୍ୟାନେଜରଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ସଂପାଦକ ଶ୍ରୀ ମିଶ୍ର କଳାମଣ୍ଡଳ ପଡିଆ ପାଇଁ ଉଦିଷ୍ଟ ସ୍ଥାୟୀ କମିଟି ଉପରେ ତଥା କୋଶଳ କଳା ମଣ୍ଡଳ ପଡିଆର ଉନ୍ନତି ଉପରେ ଆଲୋଚନା କରିଥିଲେ । ଜିଲ୍ଲା କଳାକାର ସଂଘକୁ କିପରି ସୁଦୃଢ କରାଯାଇପାରିବ ସେ ବିଷୟରେ ନବୀନ କୁମାର ବେହେରା, ବିନୋଦ ଦାସ, ବେଣୁମାଧବ ଭୁଏ, ମୁରଲୀ ମଗର, ସୁରଥ ସାହୁ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରାମ ପ୍ରସାଦ ଦାଶ, ରାଜେନ୍ଦ୍ର କୁମାର ଶର୍ମା, ନିରାକାର ସାଏ, ଦିପକ କୁମାର ବରାଳ, ବ୍ୟାସଦେବ ପୁରୋହିତ, ଅନୀତା ତ୍ରିପାଠୀ, ଶ୍ରାବଣୀ ମେହେର, ରବିନ୍ଦ୍ର କୁମାର ଦାସ, ସତ୍ୟନାରାୟଣ ଦେଓ, ଭକ୍ତ ନାଏକ, ମଳୟ ତ୍ରିପାଠୀ, ଗିରିଧାରୀ ଥପା, ଦିପ୍ତୀ ପ୍ରକାଶ ଦାସ, ମିଲି ବାରିକ, ପ୍ରଭଞ୍ଜନ ରାୟଗୁରୁ, ମୁରଲୀଧାରୀ ପତି, ପ୍ରଦୀପ କୁମାର ବରାଳ, ମୀନକେତନ ପ୍ରଧାନ, ସୁରେନ୍ଦ୍ର କୁମାର ତ୍ରିପାଠୀ ଆଲୋଚନା କରି ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଶେଷରେ ଆଗାମୀ ବଲାଙ୍ଗିର ଲୋକ ଉତ୍ସବ ରେ ଜିଲ୍ଲା କଳାକାର ସଂଘ ତରଫରୁ ଏକ ଦଳ ଅଭିନୟ କରିବା ପାଇଁ ତଥା ଉକ୍ତ ଲୋକ ଉତ୍ସବ ରେ କଳାକାର ସଂଘ ସାଂସ୍କୃତିକ କାର୍ଯ୍ୟକ୍ରମକୁ ହାତକୁ ନେବା ପାଇଁ ପ୍ରସ୍ତାବ ଦେବା ସକାଶେ ବାସୁଦେବ ମେହେର ପ୍ରସ୍ତାବ ଜରିଆରେ ନିବେଦନ କରିଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚିତ୍ରଗୁପ୍ତ ମହାରାଜଙ୍କ ପୂଜା ପ୍ରସ୍ତୁତି

ସମ୍ବଲପୁର, ୦୮/୧୧ (ନି.ପ୍ର): ଆଗାମୀ ୧୫ ତାରିଖରେ କରଣ ସମାଜ ପକ୍ଷରୁ ହେବାକୁ ଥିବା ଚିତ୍ରଗୁପ୍ତ ମହାରାଜ୍ ଙ୍କ ବାର୍ଷିକ ପୂଜା ପାଇଁ ଗତ ସୋମବାର ସନ୍ଧ୍ୟାରେ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ଭକ୍ତିମଣ୍ଡପ ନିକଟସ୍ଥ ନୃସିଂହ ମନ୍ଦିର ପରିସରରେ କରଣ ସମାଜର ଇଷ୍ଟଦେବତା ଚିତ୍ରଗୁପ୍ତ ମହାରାଜଙ୍କ ବାର୍ଷିକ ପୂଜା ସମ୍ପର୍କରେ ଆଇନଜୀବୀ ନମ୍ରସ୍କାନ୍ତ ପଟ୍ଟନାୟକଙ୍କ ଅଧକ୍ଷତାରେ ବିସ୍ତୃତ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତି ନିଆଯାଇଛି । ବିଶେଷ ଭାବରେ ଏହି ପୂଜା ଯେପରି ଶାନ୍ତିଶୃଙ୍ଖଳାର ସହ ସୁରୁଖୁରୁରେ ସମାପନ ହେବ ସେ ବିଷୟରେ ଆଲୋଚନା ହୋଇଥିଲା ।

ଆହୂତ ବୈଠକରେ ସର୍ବ ସମ୍ମତି କ୍ରମେ ପ୍ରସନ୍ନ ପଟ୍ଟନାୟକ (ସଭାପତି), ମନୋରଂଜନ ପଟ୍ଟନାୟକ (ସାଧାରଣ ସଂପାଦକ) ଓ ଯୁଗ୍ମ କୋଷାଧକ୍ଷ ଭାବେ ସୁଶାନ୍ତ ପଟ୍ଟନାୟକ ଏବଂ ପ୍ରଭାତ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ପୂଜାର କର୍ତା ହିସାବରେ ପ୍ରଦୀପ ଦାସ ଓ ତାଙ୍କ ସହଧର୍ମିଣୀ ରହିବେ। ନବନିର୍ମିତ ଉପଦେଷ୍ଟା ମଣ୍ଡଳୀରେ ନମ୍ରସ୍କାନ୍ତ ପଟ୍ଟନାୟକ, ପ୍ରଦୀପ ଦାସ, ସନ୍ତୋଷ କାନୁନଗୋ, ରଞ୍ଜିତ ପଟ୍ଟନାୟକ ଓ ପ୍ରଭାସ ପୃଷ୍ଟେ ପ୍ରମୁଖ ରହିଛନ୍ତି । ପୂଜା ଓ ଭୋଗ ଦାୟିତ୍ୱରେ ଆଶିଷ ପଟ୍ଟନାୟକ, ଆଶିଷ ପଟ୍ଟନାୟକ, ଜୟନ୍ତ ଦାସ, ଭାଲୁ ମହାନ୍ତି, ବି.କେ.ପଟ୍ଟନାୟକ ଓ ଦିବ୍ୟଜ୍ୟୋତି ଦାନି ପ୍ରମୁଖ ରହିଥିବା ଜଣାଯାଇଛି ।

# ବଲାଙ୍ଗିରରେ କ୍ରେତା ବିକ୍ରେତା ସମ୍ମିଳନୀ

ବଲାଙ୍ଗିର , ୦୮/୧୧ (ନି.ପ୍ର): ବଲାଙ୍ଗିର ରେ ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନରେ ଓରମାସ ଓ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ କ୍ରେତା ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଜିଲ୍ଲାର ସମସ୍ତ ଚାଷୀ ଏବଂ ବିକ୍ରେତା ଙ୍କ ସମସ୍ୟା, ସୁବିଧା ଏବଂ ପରସ୍ପର ସହ ଆଳାପ ପାଇଁ ଏହି ପ୍ଲାଟଫର୍ମ ଖୁବ ଉପଯୋଗୀ ବୋଲି ଉପସ୍ଥିତ ଅତିଥି କହିଥିଲେ । ଏହା ଦ୍ୱାରା ସମସ୍ତଙ୍କୁ ବ୍ୟାକୱାର୍ଡ ଲିଙ୍କେଜ ଓ ଫୋରୱାର୍ଡ ଲିଙ୍କେଜ ମିଳିପାରିବ। ହସ୍ତତନ୍ତ, ହସ୍ତଶିଳ୍ପ , ବାଦାମ , ଡାଲି , ମସଲା, ଫଳ, ପନିପରିବା, ଛତୁ, ଛତୁ ଖଟା ଆଦି ଉତ୍ପାଦନ କରାଯାଉଛି । ଜିଲ୍ଲାରେ ସମୁଦାୟ ୨୧୯ ଟି ଗ୍ରୁପ ରେ ୧୫୧୯୫ ଜଣ ଓରମାସ ସହ ପ୍ରତିବିନ୍ଧିତ ହେଇ ଏହି ଉତ୍ପାଦ ଉତ୍ପାଦନ କରୁଛନ୍ତି । ପୂର୍ବରୁ ଏସବୁ ଚାଷ ବ୍ୟକ୍ତିଗତ ଭାବେ କରାଯାଉଥିଲା । ସମୟ ସହ ଏବେ ସାମୁହିକ ବିକାଶ ଦିଗରେ ସମସ୍ତେ ଚେଷ୍ଟିତ । ଏକ ରୁ ଅନେକ ଭଳି ଜଣଙ୍କ ଠି ସୀମିତ ନ ହୋଇ ଏହା ବଡ ବଡ ଉଦ୍ୟୋଗ ରେ ପରିଣତ ହେଉଛି । ସରକାରଙ୍କ ମେକ ଇନ ଓଡିଶା ତଥା ଆତ୍ମନିର୍ଭରଶୀଳ ହେଇ ବଜାରକୁ ଅଧିକରୁ ଅଧିକ ବିକଳ୍ପର ଉତ୍ପାଦ ଚାଷୀ ମାନେ ପଠାଉଛନ୍ତି । ଏହି ବିକ୍ରେତା ଏହାକୁ ଲୋକଙ୍କ ପାଖକୁ ପଠାଇ ବଜାର ଶୃଙ୍ଖଳ କୁ ସଂପୂର୍ଣ୍ଣ କରାଇଥାଏ । କୃଷି ବଲାଙ୍ଗିର ର ଶିଳ୍ପ ଏବଂ ଓରମାସ ଏହି ଶିଳ୍ପ କୁ ନବଦିଗନ୍ତ ଦେଇଛି ବୋଲି ଉପସ୍ଥିତ ଅତିଥି ପ୍ରକାଶ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟ ରେ ଜିଲ୍ଲାପାଳ ଏହି ସମ୍ମିଳନୀ ଦ୍ୱାରା ମିଡିଲ ମ୍ୟାନ ର ଭୂମିକା କୁ ହଟେଇହେବ ବୋଲି କହିବା ସହ ଚାଷୀ ନିଷ୍ପେସିତ ହେବାକୁ ବଂଚିପାରିବେ ବୋଲି କହିଥିଲେ । ଯେହେତୁ ଚାଷୀ ଓ କ୍ରେତା ଉଭୟ ଗୋଟେ ସ୍ଥଳରେ ଉପସ୍ଥିତ ଅଛନ୍ତି ତେଣୁ ଏହା ଆଗାମୀ ଦିନରେ ଉଭୟ ଙ୍କୁ ସହାୟକ ହେବ । ଭିତିଭୂମି ସୁଦୃଢ ହେଲେ ଆମ ପ୍ରଦେଶ ର ଚାଷୀ ବେଙ୍ଗଲ, ମହାରାଷ୍ଟ୍ର ର ଚାଷୀଙ୍କୁ ଟକ୍କର ଦେଇପାରିବେ । ବଲାଙ୍ଗିରର ଉତ୍ପାଦ ବିଶ୍ୱ ତଥା ଦେଶ ଉତ୍ପାଦ ସହ ନିଜ ସ୍ଥାନ ବଜାୟ ରଖିପାରିଲେ ଏହି ସମ୍ମିଳନୀ ମୁଖ୍ୟ ଉଦେଶ୍ୟ ସାଧିତ ହେଇପାରିବ ବୋଲି କହିଥିଲେ । ସମ୍ମିଳନୀରେ ଜିଲ୍ଲାପରିଷଦ ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସୁଶାନ୍ତ ସିଂ, ଫ୍ୟଟୋବିୟକ୍ସ କାର୍ଯ୍ୟକାରୀ ସମ୍ପାଦକ ଏସ କେ ଦାସ, ଉପନିର୍ଦ୍ଦେଶକ ପ୍ରଫୁଲ ଭଞ୍ଜ , ମୁଖ୍ୟ କୃଷି ଅଧିକାରୀ ସୁବାଷ ବେହେରା, ଡିଡିଏମ ନାବାର୍ଡ ଉପସ୍ଥିତ ଥିଲେ । ଚାଷୀରୂପେ ବାବୁଲାଲ ଜାନୀ, ବିଷ୍ଣୁ ସାହୁ , ପ୍ରଦୀପ ପୃଷ୍ଟି , ଶ୍ରୀପତି ବେହେରା , ଶିବାନନ୍ଦ ବାରାଡ, ସନତ ଚାଣ୍ଡୀ, ରୋମାଂଚଳ ସାହୁ ଆଦି ନିଜର ଅଭିଜ୍ଞତା ବଖାଣି ଥିଲେ ।

# ଅପହରଣ କରି ମୁଣ୍ଡ ଜାମିନ ସହ ଅର୍ଥ ଦାବି ଅଭିଯୋଗରେ ୪ ଗିରଫ

ଚମ୍ପୁଆ, ୦୮/୧୧ (ନି.ପ୍ର): ଯୁବକଙ୍କୁ ଟଙ୍କା ପାଇଁ ଅପହରଣ କରିବା ପରେ ପ୍ରବଳ ମାଡ଼ ମାରି ଫୋନ ପେ' ଜରିଆରେ ଟଙ୍କା ଆଦାୟ କରିବା ଅଭିଯୋଗରେ ୪ ଜଣଙ୍କୁ ଚମ୍ପୁଆ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଚମ୍ପୁଆ ଥାନା ଅଧିନସ୍ଥ ରିମୁଳି ପଂଚାୟତ ଅନ୍ତର୍ଗତ ତଡୁଆବାହାଳ ଗ୍ରାମର ଗିରିଜା ମହାନ୍ତ ଗତ ୫ ତାରିଖ ରାତି ୫୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ତାଙ୍କ ବ୍ୟବସାୟିକ କ୍ୟାମ୍ପ ଅଫିସରେ ଥିବାବେଳେ କିଛି ଯୁବକ ହଠାତ୍ ତାଙ୍କ ଅଫିସ ଆସି ତାଙ୍କୁ ମାଡ଼ ମାରିବା ସହ ବନ୍ଧୁକ ମୁନରେ ଅପହରଣ କରି ଝୁମ୍ପୁରା ଥାନା ଅଧିନସ୍ଥ ଜାମୁଦାପାଳ ଗ୍ରାମକୁ ନେଇ ଯାଇଥିଲେ। ଜାମୁଦାପାଳ ଗ୍ରାମ ପଡ଼ିଆରେ ତାଙ୍କୁ ପ୍ରବଳ ମାଡ଼ ମାରିବା ପରେ ବନ୍ଧୁକ ମୁନରେ ବାଇକରେ ବସାଇ ମୟୂରଭଞ୍ଜ ଜିଲ୍ଲା ଘାଗରବେଢ଼ା ଥାନା ଅଧିନସ୍ଥ ସୁଲଗୋଡ଼ା ଗ୍ରାମ ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ ଘରକୁ ନେଇ ପ୍ରବଳମାଡ଼ ମାରିଥିଲେ। ସେଠାରେ ଗିରିଜାଙ୍କୁ ପ୍ରବଳ ମାଡ଼ ମାରିବା ସହ ଭିଡିଓ କଲ୍‌ରେ ତାଙ୍କ ଘର ଲୋକଙ୍କୁ ଭୟଭିତ କରି ପର୍ଯ୍ୟାୟ କ୍ରମେ ୧ ଲକ୍ଷ ୪୫ ହଜାର ଟଙ୍କା ଫୋନ ପେ' ମାଧ୍ୟମରେ ନେବା ପରେ ଅଧିକ ଟଙ୍କା ଦାବୀ କରିଥିଲେ। ତାଙ୍କ ମାଡ଼ରେ ଗିରିଜା ଗୁରୁତର ଭାବେ ଆହତ ହୋଇଥିବା ସହିତ ଗିରିଜାଙ୍କୁ ମାଡ଼ ମାରିବା ସମୟରେ ଭିଡ଼ିଓ କଲ ମାଧ୍ୟମରେ ଘର ଲୋକଙ୍କୁ ଟଙ୍କା ପାଇଁ ଚାପ ପକାଇଥିଲେ। ଏହାକୁ ନେଇ ତାଙ୍କ ଭଉଣୀ ଦିପ୍ତିମୟୀ ମହାନ୍ତ ଚମ୍ପୁଆ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଚମ୍ପୁଆ ପୋଲିସ ଗିରିଜାଙ୍କ ମୋବାଇଲକୁ ଟ୍ରାକ କରି ଗିରିଜାଙ୍କୁ ଉଦ୍ଧାର କରିଥିଲେ। ତେବେ ପୋଲିସ ଆଜି କୌଣସି ସୂତ୍ରରୁ ଖବର ପାଇ ଘାଗର ବେଢ଼ା ଅଂଚଳରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ବ୍ୟକ୍ତିମାନେ ହେଲେ ଝୁମ୍ପୁରା ଥାନା ଅଧିନସ୍ଥ ଜାମୁଦାପାଳ ଗ୍ରାମର ଅଶୋକ ମହାକୁଡ଼, ମୟୂରଭଞ୍ଜ ଜିଲ୍ଲା ଘାଗରବେଢ଼ା ଥାନା ଅନ୍ତର୍ଗତ ହୁଣ୍ଡୁଳା ଗ୍ରାମର କିଶାନ ମହାନ୍ତ ଓ ବୁଟି ସାହୀ ଗ୍ରାମର ସାନ ମହାନ୍ତ ଓ ବଡ଼ ମହାନ୍ତ ବୋଲି ଜଣାପଡ଼ିଛି। ପୋଲିସ ସେମାନଙ୍କ ନିକଟରୁ ଏକ ବାଇକ୍ ଓ ମାରଣାସ୍ତ୍ର ଜବତ କରିଛି। ଚମ୍ପୁଆ ପୋଲିସ ଥାନା କେସ୍ ନମ୍ବର ୧୯୨/ ୨୦୨୩ ଦଫା ୩୬୪, ୩୬୪(ଏ), ୩୬୫ ଆଇପିସି ଏବଂ ୨୫, ୨୭ ଆର୍ମ ଆକ୍ଟରେ ମାମଲା ରୁଜୁକରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଅନ୍ୟ ପଟେ ଅପହରଣର ଶିକାର ହୋଇଥିବା ଗିରିଜା ମହାନ୍ତଙ୍କୁ ଚିକିତ୍ସା ପାଇଁ ଚମ୍ପୁଆ ଡାକ୍ତରଖାନାରେ ଭର୍ତି କରାଯାଇଥିଲା।

## ଡକାୟତି ଯୋଜନା ପଣ୍ଡ, ୭ ଅଭିଯୁକ୍ତ ଗିରଫ କଲା ସଦର ପୋଲିସ

ଜୟପୁର , ୦୮/୧୧ (ନି.ପ୍ର): ଡକାୟତି ଯୋଜନା ପଣ୍ଡ କରିଛି ଜୟପୁର ସଦର ପୋଲିସ । ଏହି ମାମଲାରେ ୭ ଜଣଙ୍କୁ ଗିରଫ କରିଛି । ପୋଲିସ ସୁଚନା ଅନୁଯାୟୀ ଜୟପୁର ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡା ଠାରେ ପେଟ୍ରୋଲିଂ କରୁଥିବା ବେଳେ ପୋଲିସ ସୁଚନା ପାଇଥିଲା । କେତେ ଜଣ ଦୁବୃତ୍ତ ମିଶି ଯୋଜନା ବଦ୍ଧ ଭାବେ କୁମୁଲିପୁଟ ହାଟରେ ବସି ଡକାୟିତି କରିବାକୁ ଯୋଜନା କରୁଥିଲେ । ଦୁବୃତ୍ତମାନେ ଏକ ଡାୟକିତି ଗ୍ୟାଙ୍ଗ କରି ହରଡାପୁଟ ସ୍ଥିତ ପେଟ୍ରୋଲ ପମ୍ପରେ ଡକାୟତି କରିବାକୁ ଉଦ୍ୟମକରୁଥିଲେ । ଏମିତିକି ପମ୍ପର ନକଲି ଚାବି ମଧ ପ୍ରସ୍ତୁତ କରିବା ସହ ଆଧୁନିକ ଯନ୍ତପାତି ରଖି ପ୍ରସ୍ତୁତ ହୋଇଥିଲେ ।

# ଗାଈ ଚରାଳିଙ୍କ କ୍ଷତବିକ୍ଷତ ଶବ ଉଦ୍ଧାର: ହତ୍ୟା ସନ୍ଦେହ

ଗଞ୍ଜାମ, ୦୮/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଓ ବଡଗଡ଼ ଥାନା ଅଧିନ ମଥୁରା ଗ୍ରାମ ଶନିଦେବ ମନ୍ଦିର ନିକଟ ହରଭଙ୍ଗି କେନାଲରୁ ଗତକାଲି ରାତିରେ ଜଣେ ଗାଈ ଚରାଳୀଙ୍କ ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର ହୋଇଛି । ମୃତକ ଜଣକ ହେଉଛନ୍ତି ମଛାକୋଟ ପଂଚାୟତ କରାତଳି ଗ୍ରାମର ରବିନ୍ଦ୍ର ଗୌଡ (୩୫) । ରବିନ୍ଦ୍ରଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ କପାଳ ଓ ବେକରେ କଟା ଚିହ୍ନ ରହିଛି । ଫଳରେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧାନ କରି ବଡଗଡ଼ ଥାନାରେ ଏ ସଂକ୍ରାନ୍ତରେ ୨୮/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ କରୁଛି ।

# ନଭେମ୍ବର ୯ ଓ ୧୦ ତାରିଖରେ ମାଣ୍ଡିଆ ଦିବସରେ ମାଣ୍ଡିଆକୁ ଅଧିକ ଲୋକପ୍ରିୟ କରାଇବା ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

କେନ୍ଦୁଝର, ୦୮/୧୧ (ନି.ପ୍ର): ମାଣ୍ଡିଆ ଜାତୀୟ ଖାଦ୍ୟ ଅତ୍ୟନ୍ତ ପୁଷ୍ଟିକର ହୋଇଥିବାରୁ ଏହାକୁ ଅଧିକ ଲୋକପ୍ରିୟ କରାଇବା ଉପରେ ଜିଲ୍ଲାପାଳ ଆଶିଷ ଠାକରେ ଗୁରୁତ୍ୱାରୋପ କରିଛନ୍ତି । ଚଳିତ ନଭେମ୍ବର ୯ ଓ ୧୦ ତାରିଖ ଦିନ କେନ୍ଦୁଝର ଜିଲ୍ଲାରେ ମାଣ୍ଡିଆ ଦିବସ ପାଳନ ପରିପ୍ରେକ୍ଷୀରେ ୭ତାରିଖ ମଙ୍ଗଳବାର ଅପରାହ୍ନରେ ଦରବାର ହଲ୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ଠାକରେ ମାଣ୍ଡିଆ ଜାତୀୟ ଖାଦ୍ୟର ଉପକାରିତା ସଂପର୍କରେ ଆଲୋକପାତ କରି ଏହାର ବହୁଳ ଉପଯୋଗ ପାଇଁ ଆହ୍ୱାନ ଦେଇଛନ୍ତି । ଜିଲ୍ଲାପାଳ ସୂଚନା ଦେଇ କହିଥିଲେ ଯେ ମିଳିତ ଜାତିସଂଘ ୨୦୨୩ମସିହାକୁ ଆନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବରେ ଘୋଷଣା କରିଛନ୍ତି। ନଭେମ୍ବର ୧୦ତାରିଖକୁ ମିଲେଟ୍ ଦିବସ (ମାଣ୍ଡିଆ ଦିବସ) ଭାବରେ ପାଳନ କରାଯାଉଛି । ତଦନୁଯାୟୀ କେନ୍ଦୁଝରେ ଜିଲ୍ଲାରେ ଡି.ଏମ୍.ଏଫ୍. ସହଯୋଗରେ ନମ୍ବେର ୯ ଓ ୧୦ତାରିଖରେ ଧରଣୀଧର ବିଶ୍ୱ ବିଦ୍ୟାଳୟ ପଡିଆରେ ଦୁଇଦିନିଆଁ ମାଣ୍ଡିଆ ଦିବସ ପାଳନ ଆୟୋଜନ କରାଯାଇଛି । ୧୦ତାରିଖ ଦିନ ମୁଖ୍ୟ ଅତିଥି ଭାବେ ଓଡିଶାର କ୍ରୀଡା ଓ ଯୁବସେବା,ଇଲେକ୍ ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ମନ୍ତ୍ରୀ ତୁଷାକାନ୍ତି ବେହେରା,ସମ୍ମାନନୀୟ ଅତିଥି ଭାବେ ଏବଂ ଜିଲ୍ଲାର ସାଂସଦ ଓ ବିଧାୟକଗଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ୯ତାରିଖ ଦିନ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଏସ୍.ପି. ଏବଂ ଡି.ଏଫ୍.ଓ.ଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ସୁସ୍ଥ ମିଲେଟ୍ – ସୁସ୍ଥ ଜୀବନ"ଉପରେ ମିଲେଟ୍ ଖାଦ୍ୟ ପ୍ରତିଯୋଗିତା, ମିଲେଟ୍ ଆଧାରିତ ଖେଳ ଜୋନ୍,କୁଇଜ୍ ପ୍ରତିଯୋଗିତା, ମାଣ୍ଡିଆ ଚାଷର ପ୍ରଦର୍ଶନୀ,ମିଲେଟ୍ ଶକ୍ତି କାଫେର ପ୍ରତିକୃତି, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଜିଲ୍ଲାବାସୀ ତଥା ପଡୋଶୀ ଜିଲ୍ଲାର ଅଧିବାସୀମାନେ ଉକ୍ତ କାର୍ଯ୍ୟକ୍ରମରେ ବହୁଳ ଭାବେ ଯୋଗଦାନ କରିବାକୁ ଜିଲ୍ଲାପାଳ ଶ୍ରୀ ଠାକରେ ନିବେଦନ କରିଛନ୍ତି । ଉକ୍ତ ସମ୍ମିଳନୀରେ ଜିଲ୍ଲାପାଳ, ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ କହିଥିଲେ ଯେ ରାଜ୍ୟ ସରକାର ୨୦୧୭ ମସିହାରେ ମିଲେଟ୍ ମିଶନ ଆରମ୍ଭ କରିଥିଲେ ଏବଂ ୨୦୧୮ମସିହା ଡିସେମ୍ବର ମାସରେ କେନ୍ଦୁଝର ଜିଲ୍ଲାରେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଡି.ଏମ୍.ଏଫ୍. ସହଯୋଗରେ ପର୍ଯ୍ୟାୟ କ୍ରମେ ଜିଲ୍ଲାର ୧୧ଟି ବ୍ଲକ୍‌ରେ ମିଲେଟ୍ କାର୍ଯ୍ୟକ୍ରମକୁ ସଂପ୍ରସାରିତ କରାଯାଇଛି । ବର୍ଷକୁ ବର୍ଷ ଜିଲ୍ଲାରେ ମିଲେଟ୍ ଚାଷ ପ୍ରଶଂସନୀୟ ବୃଦ୍ଧି ପାଇଛି । ୨୦୧୯-୨୦ବର୍ଷରେ ୧୮୪.୮୨ହେକ୍ଟର ଚାଷ କରାଯାଇଥିବାବେଳେ ୨୦୨୩-୨୪ବର୍ଷରେ ୮୧୮୮.୯୨ହେକ୍ଟର ଜମିରେ ମିଲେଟ୍ ଚାଷ କରାଯାଇଛି । ବିଗତ ବର୍ଷମାନଙ୍କରେ ମାଣ୍ଡିଆର କ୍ରୟ ଯଥେଷ୍ଟ ବୃଦ୍ଧି ପାଇଛି । ଏହି ପ୍ରୟାସ କୃଷି କ୍ଷେତ୍ର ଏବଂ ଚାଷୀଙ୍କ ଜିବୀକା ଉପରେ ସକରାତ୍ମକ ପ୍ରଭାବ ପକାଇଛି । ୧୧ଟି ବ୍ଲକ୍ ?ରେ ୨୮ଟି କଷ୍ଟମ କେନ୍ଦ୍ର ସ୍ଥାପନ କରାଯାଇ ସ୍ଥାନୀୟ ଚାଷୀମାନଙ୍କ ପାଇଁ ଚାଷ ଉପକରଣ ନିମନ୍ତେ ସୁବିଧା ଉପଲବ୍ଧ କରାଯାଇଛି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ୧୧୦ରାଗି ଥ୍ରେସର, ୭ରାଗି ପ୍ରକ୍ରିୟାକରଣ ୟୁନିଟ୍ ଏବଂ ୨୫୭ରାଗି ପୋଲଭରାଇଜ୍ ସ୍ଥାପନ କରାଯାଇ ଅମଳ ପରବର୍ତୀ ମାଣ୍ଡିଆ ପ୍ରକ୍ରିୟାକରଣକୁ ବଢାଇବାରେ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାରେ ସମୁଦାୟ ୩୨୫୭ ଅଙ୍ଗନୱାଡି କେନ୍ଦ୍ରରେ ୮୭୦୦୦ପିଲାମାନଙ୍କୁ ମାଣ୍ଡିଆ ଲଡୁ ପ୍ରଦାନ କରାଯାଉଛି । ଏତଦ୍ ବ୍ୟତୀତ ଜିଲ୍ଲାର ଅନୁସୂଚୀତ ଜନଜାତି ଓଅନୁସୂଚୀତ ଜାତି ଉନ୍ନୟନ ବିଭାଗ ପରିଚାଳିତ ହଷ୍ଟେଲ୍‌ର ଅନ୍ତେବାସୀଙ୍କୁ ସକାଳ ଜଳଖିଆ ଭାବରେ ମାଣ୍ଡିଆ ଲଡୁ ଯୋଗାଇ ଦିଆଯାଉଛି । ଏ ପ୍ରକାର ପଦକ୍ଷେପ ରାଜ୍ୟ ତଥାଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି । ରାଜ୍ୟରେ ପ୍ରଥମ ମିଲେଟ୍ ଶକ୍ତି କାଫେ ପ୍ରତିଷ୍ଠା କରାଯାଇ ଲୋକଙ୍କର ମାଣ୍ଡିଆ ଜାତୀୟ ଖାଦ୍ୟ ଅଭ୍ୟାସ ବୃଦ୍ଧି କରିବାରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ କହିଥିଲେ । ଉନ୍ନତ ମାଣ୍ଡିଆ ଚାଷ ପ୍ରଣାଳୀ ଅବଲମ୍ବନ କରିବାକୁ ଚାଷୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ୫ବର୍ଷ ପର୍ଯ୍ୟନ୍ତ ସରକାରୀ ପ୍ରୋତ୍ସାହନ ପ୍ରଦାନ କରାଯାଉଛି ବୋଲି ଜିଲ୍ଲାପାଳ କହିଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମିହିର କୁମାର ସାହୁ,ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର ସଂଜୀବ ବାରିକ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ମହକରେ ଖୋର୍ଦ୍ଧା ଜିଲ୍ଲା ଚମ୍ପିୟାନ

ଖୋର୍ଦ୍ଧା, ୦୮/୧୧ (ନି.ପ୍ର): ଦୁଇଦିନ ଧରି ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ମହକ ଉତ୍ସବ ଉଦଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ୧୮ବର୍ଷରୁ କମ ପିଲାମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା 'ମହକ-୨୦୨୩'ରେ ଖୋର୍ଦ୍ଧା ଜିଲ୍ଲା ଚମ୍ପିୟାନ ହୋଇଛି। ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୃତ୍ୟ, ସଙ୍ଗୀତ, ତର୍କ ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲ୍ଲାର ପିଲାମାନେ ପାରଦର୍ଶିତା ଲାଭ କରି ଏହି ରାଜ୍ୟସ୍ତରୀୟ ମହକ କାର୍ଯ୍ୟକ୍ରମରେ ଚମ୍ପିୟାନ ହୋଇଛନ୍ତି। ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ସଚିବ ଶୁଭା ଶର୍ମା ଏହି ପୁରସ୍କାର ଖୋର୍ଦ୍ଧା ଜିଲ୍ଲାକୁ ପ୍ରଦାନ କରିଥିଲେ।ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ସଚିବ ରେଗା ଗୀତାରଣୀ ପଟ୍ଟନାୟକ, ଓଡିଶା ସିନେ ଜଗତର ଯୁବ ପ୍ରତିଭା ସ୍ୱରାଜ ବାରିକ, ଅନୁ ଚୌଧୁରୀ, ସିନେ ଜଗତର କଣ୍ଠଶିଳ୍ପୀ ଦିପ୍ତିରେଖା ପାଢୀ, ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା, ଖୋର୍ଦ୍ଧା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗୀତା ମହକର ଚମ୍ପିୟାନ ଦଳକୁ ଉତ୍ସାହିତ କରିଥିଲେ।

# ବୟସ୍କଙ୍କ ପାଇଁ ଆଂଟି ଅକ୍ସିଡାଂଟର ଆବଶ୍ୟକତା

**ପରିଣତ ବୟସରେ ଶରୀରକୁ ସୁସ୍ଥ ରଖିବା ପାଇଁ ତଥ୍ୟ ଭାବେ ଆଂଟିଅକ୍ସିଡାଂଟ[ [ ଉପଯୁକ୍ତ ପରିମାଣରେ ଖାଇବା ଅପରିହାର୍ଯ୍ୟ। ପୋଷଣ ଆଂଟିଅକ୍ସିଡାଂଟ[ ଗୁଡ଼ିକର ଶରୀର ଉପରେ ଯଥେଷ୍ଟ ପ୍ରଭାବ ରହିଛି। ତେବେ ବୟସ୍କମାନେ କିପରି ନିୟମିତ ଆଂଟିଅକ୍ସିଡାଂଟ[ ଆହାର ଭାବେ ବ୍ୟବହାର କରିବେ, ସେଥିପ୍ରତି ପରିବାର ଲୋକ ଯଥେଷ୍ଟ ଦୃଷ୍ଟିଦେବାର ଆବଶ୍ୟକତା ରହିଛି।**



ଆଂଟିଅକ୍ସିଡାଂଟଙ୍କ ପରିଣତ ବୟସର ଲୋକଙ୍କ ପାଇଁ ନିହାତି ଆବଶ୍ୟକ। ଏହାଦ୍ୱାରା ଶରୀରକୁ ଉପଯୁକ୍ତ ପୋଷଣ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ। ଏଣୁ କେଉଁଥିଷର ଆଂଟିଅକ୍ସିଡାଂଟ ରହିଛି, ଆସନ୍ତୁ ସେ ସମ୍ପର୍କରେ ଜାଣିବା।

୧. ଅନରିଫାଇନ ଖାଦ୍ୟଶସ୍ୟ ଯଥା: ଚାଉଳ ଓ ଡାଲିରେ ଅଧିକ ପରିମାଣର ଭିଟାମିନ, ଖଣିଜ ପଦାର୍ଥ ଓ ତନ୍ତୁଯୁକ୍ତ ପଦାର୍ଥ ଥାଏ। ଏସବୁ ଖାଦ୍ୟ ଯଥାବିଧି ଭାବରେ ଖାଇବା ଦରକାର।

୨. ଟମାଟୋରେ ପ୍ରଚୁର ପରିମାଣର ଆଣ୍ଟଅକ୍ସିଡାଣ୍ଟ ଲାଇକୋପିନ ଥାଏ। ଏହା ଶରୀରକୁ ବିଭିନ୍ନ ରୋଗ କବଳରୁ ରକ୍ଷା କରିଥାଏ। ତେଣୁ ଟମାଟୋ ଉତ୍ପାଦିତ ସାମଗ୍ରୀ ଯଥା ସସ୍, ଓ ଜୁସ ଆଦି ଉପଯୁକ୍ତ ପରିମାଣରେ ଆହାର କରିବା ଉପାକରୀ।

୩. ବ୍ରୋକଲି, ବ୍ରୁସେଲସ, ଫୁଲକୋବି, ମୂଳା ଆଦି ଜାତୀୟ ପରିବାରେ ଜୀବସାର ଓ ଖଣିଜ ପଦାର୍ଥ, ପୁଷ୍ଟିସାର ଆଦି ରହିଛି। ଏସବୁ ଖାଦ୍ୟକୁ ଧାରାବାହିକ ଭାବରେ ଖାଇବା ଅପରିହାର୍ଯ୍ୟ।

୪. ଡାଳିମ୍ବ ଫଳରେ ପ୍ରଚୁର ପରିମାଣରେ ଆଂଟିଅକ୍ସିଡାଂଟଣ୍ଟ ଫୋଲିଫେନଲସ ଏବଂ ଭିଟାମିନ-ଇ ଆଦି ଥାଏ। ଏସବୁ ପଦାର୍ଥଗଉଡ଼ିକ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ମସ୍ତିଷ୍କର ଉନ୍ନତି କରିଥାନ୍ତି। ଡାଳିମ୍ବରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ କର୍କଟ ରୋଗ ଚିକିତ୍ସାରେ ବିଶେଷ ଫଳପ୍ରଦ ହୋଇଥାଏ। ବୈଜ୍ଞାନିକଙ୍କ ମତରେ ଡାଳିମ୍ବ ରସ, ମଞ୍ଜି ଓ ଚୋପା ଆଦିରେ ଥିବା ଆଣ୍ଟ ଅକ୍ସିଡାଣ୍ଟ ଉପାଦାନଗୁଡ଼ିକ ଗ୍ରନ୍ଥିରୋଗ ଜୀବାଣୁକୁ ମାରିବାରେ ସହାୟକ ହୋଇଥାନ୍ତି। ତେଣୁ ବାର୍ଦ୍ଧକ୍ୟ ଅବସ୍ଥାରେ ଡାଳିମ୍ବ ଫଳ ନିୟମିତ ଖାଇବା ଅପରିହାର୍ଯ୍ୟ।

୫. ସେଓ ଏକ କ୍ଷାରୀୟ ଫଳ ହୋଇଥିବା ବେଳେ ଏଥିରେ ଥିବା ଫାଇଟୋ କେମିକାଲସ ଉପାଦାନଗଉଡ଼ିକ ଆଣ୍ଟଅକ୍ସିଡାଣ୍ଟ ଭଳି କାମ କରନ୍ତି। ଏଥିରେ ତନ୍ତୁ ଜାତୀୟ ଉପାଦାନ ଅଧିକ ମାତ୍ରାରେ ଥାନ୍ତି। ଏହି ଫଳକୁ ନିୟମିତ ଭାବରେ ଖାଇଲେ ଶରୀରର ଯକୃତ ସୁସ୍ଥ ଓ କ୍ରିୟାଶୀଳ ହୁଏ।

୬. ସପୁରି, ପିଜୁଳି, ଅମୃତଭଣ୍ଡା, ଆମ୍ବ, ପଣସ ଆଦି ଫଳରେ ଭିଟାମିନ-ସି, ଭିଟାମିନ-ଏ, ଭିଟାମିନ-ବି ଓ ଖଣିଜ ପଦାର୍ଥ କ୍ୟାଲସିୟମ, ମାଙ୍ଗାନିଜ, ପୋଟାସିୟମ ଓ ଲୌହ ଆଦି ଧାତୁ ରହିଥାଏ । ଏସବୁ ଫଳଗୁଡ଼ିକ ଉପଯୁକ୍ତ ପରିମାଣରେ ପ୍ରତିଦିନ ଖାଇବା ଆବଶ୍ୟକ। କାରଣ ଏସବୁ ଖାଦ୍ୟ ମନୁଷ୍ୟକୁ ଶକ୍ତିଶାଳୀ କରିବା ସହ ମନରେ ପ୍ରଫୁଲ୍ଲତା ଆଣିଥାଏ। ପୋଷଣ ବିଜ୍ଞାନବିତ୍‌ଙ୍କ ମତରେ ବାଲାନ୍ସ ଡାଏଟରେ ଅନ୍ତତଃ ୧୧୫ ଗ୍ରାମ ପୋଷଣ ଖାଦ୍ୟ ରହିବା ଦରକାର।

୭. ତରଭୁଜରେ ଶତକଡ଼ା ୯୦ଭାଗ ଜଳ, ଲାଇକୋପିନ ଆଣ୍ଟଅକ୍ସିଡାଣ୍ଟ, ଭିଟାମିନ-ଏ, ବି,ସି ଆଦି ଥାଏ। ଆଣ୍ଟଏଜିଂ ପାଇଁ ଏହା ଏକ ଅସାଧାଣର ଖାଦ୍ୟ। ଏହାକୁ ନିୟମିତ ଖାଇବା ଅପରିହାର୍ଯ୍ୟ।

୮. ବ୍ଲାକବେରୀ, ବ୍ଲୁବେରୀ, ୱାଲନଟ, ଉଲକୋବି, ଲେମ୍ବୁରସ ଆଦି ଆଣ୍ଟ ଅକ୍ସିଡାଣ୍ଟ ହୋଇଥିବାରୁ ଏସବୁ ଖାଦ୍ୟରେ ସାମିଲ ହେବା ନିହାତି ଅପରିହାର୍ଯ୍ୟ।

୯. ଗ୍ଲୁଟାଥାୟନ-ଆଂଟିଅକ୍ସିଡାଂଟ ଶରୀର ପାଇଁ ଏକ ଅତିଶୟ ଗୁରୁତ୍ୱପୂର୍ଣ୍ଣ ଆଣ୍ଟଅକ୍ସିଡାଣ୍ଟ। ଏହା ଶରୀରର ଜୀବକୋଷ ଭିତରେ ଉତ୍ପତ୍ତି ହୋଇଥାଏ। ଏହାର ଅଭାବରେ ଶରୀରରେ ବହୁବିଧ ରୋଗ ଦେଖାଯାଏ। ତେଣୁ ଶରୀର ଭିତରେ ଏହାର ସମସ୍ଥିତିର ଆବଶ୍ୟକତା ରହିଛି। ସେଲ୍‌ନିୟମ ଖଣିଜପଦାର୍ଥ ଶରୀରରେ ଗ୍ଲୁଟାଥାୟନ ତିଆରିରେ ସହାୟକ ହୋଇଥାଏ। ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ, ବ୍ରୋକଲି, ପାଳଙ୍ଗ, ଟମାଟୋ, ଗାଜର, ନାଲିବିଟ, ପତ୍ରକୋବି, ଫୁଲକୋବି, ଡାଳିମ୍ବ, ସେଓ, କମଳା, କଦଳୀ, ଆସପେରାଗସ ଆଦିରେ ଅଧିକ ପରିମାଣରେ ଗ୍ଲୁଟାଥାୟନ ପଦାର୍ଥ ରହିଛି। ସେହିପରି ବ୍ରାଜିଲ ନଟ, ଜଅ,



ଶିମ୍ବ, ୱାଲନଟ୍ ଆଦିରେ ସେଲନିୟମ ଖଣିଜ ପଦାର୍ଥ ଅଧିକ ପରିମାଣରେ ରହିଛି। ତେଣୁ ଏହି ସବୁ ଖାଦ୍ୟ ପଦାର୍ଥଗୁଡ଼ିକ ନିୟମିତ ଭାବେ ତଥା ଉପଯୁକ୍ତ ପରିମାଣରେ ଖାଇବା ଉପାକରୀ।

୯. ଶରୀରର ଆଂଟି ଏଜିଂ ପାଇଁ କମ୍ କ୍ୟାଲୋରୀ ବ୍ୟବହାର ସ୍ୱାଗତଯୋଗ୍ୟ। ନିୟମିତ ଫଳ ଆହାର କଲେ ମଣିଷ ଶରୀରରେ ହଜମ ଶକ୍ତି ବଢ଼ିବା ସହିତ ଶରୀର ସୁସ୍ଥ ରହିଥାଏ। କମ୍ ଦକ୍ଷତା ବିଶିଷ୍ଟ ଖାଦ୍ୟ ଖାଇଲେ ଶରୀରରେ ଏକାଧିକ ରୋଗ ହେବାର ବିପଦ ଥାଏ। ତେଣୁ ବାଲାନ୍ସ ଡାଏଟ୍ ଖାଇବା ବୟସ୍କ ବ୍ୟକ୍ତି ପାଇଁ ଅପରିହାର୍ଯ୍ୟ। ବୟସ୍କ ମନୁଷ୍ୟ ପାଇଁ ପୋଷଣ ଆଣ୍ଟଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟ ଓ ଔଷଧ ରୂପେ କାର୍ଯ୍ୟ କରିଥାନ୍ତି। ପୋଷଣ ପୂର୍ଣ୍ଣ ଆଣ୍ଟଅକ୍ସିଡାଣ୍ଟ ଶରୀର ପାଇଁ ଅପରିହାର୍ଯ୍ୟ।

# ଶୀଘ୍ର ଭାଷା ଶିଖନ୍ତି ଦ୍ୱିଭାଷୀ

ଗୋଟିଏ ଭାଷା ଜାଣିଥିବା ପିଲାଙ୍କ ତୁଳନାରେ ଦ୍ୱିଭାଷୀ ପିଲା ନୂଆ ଭାଷା ଶୀଘ୍ର ଶିଖିଥାନ୍ତି ବୋଲି ଏକ ଅଧ୍ୟୟନ ଜାଣିବାକୁ ପାଇଛି। ଦ୍ୱିଭାଷୀ ଓ ଏକଭାଷୀ ମସ୍ତିଷ୍କ ଉପରେ ଏହି ପରୀକ୍ଷା ପ୍ରଥମ। ଭାଷା ଶିଖୁଥିବା ପିଲାଙ୍କ ମସ୍ତିଷ୍କ ପ୍ୟାଟର୍ଣ୍ଣରେ ଏହି ଦେଖାଯାଇଥିଲା। ନୂଆ ଭାଷା ଶିଖିବା ସମୟରେ ସାଧାରଣତଃ ଦେଶୀୟ ଭାଷା ପାଇଁ ଲୋକେ ବ୍ୟବହାର କରୁଥିବା ମସ୍ତିଷ୍କ ପ୍ରକ୍ରିୟା ଉପରେ ଏକଭାଷୀଙ୍କ ତୁଳନାରେ ଦ୍ୱିଭାଷୀମାନେ ବେଶୀ ନିର୍ଭର କରିଥିଲେ ବୋଲି ଆମେରିକା ସ୍ଥିତ ଜର୍ଜଟାଉନ୍ ୟୁନିଭର୍ସିର୍ଟିର ପ୍ରଫେସର ମାଇକେଲ ଟି ଉଲମ୍ୟାନ କହିଛନ୍ତି। ଫର୍ଡ଼ହାମ ୟୁନିଭର୍ସିଟିର ସାରା ଗ୍ରେଙ୍କ ଅନୁସାରେ, ଏକଭାଷୀଙ୍କ ତୁଳନାରେ ଦ୍ୱିଭାଷୀମାନେ ଅଧିକ ଶୀଘ୍ର ନୂଆ ଭାଷା ଶିଖିଥିବା ମଧ୍ୟ ଜଣାପଡ଼ିଲା। ଆମେରିକାରେ ବଢ଼ିଥିବା ୧୩ ଜଣ ଦ୍ୱିଭାଷୀ କଲେଜ ଛାତ୍ରଙ୍କୁ ଉକ୍ତ ଅଧ୍ୟୟନରେ ସାମିଲ କରାଯାଇଥିଲା। ସେମାନଙ୍କ ମା' ବାପା ମାଣ୍ଡାରିନ ଭାଷା କହୁଥିଲେ ଏବଂ କମ୍ ବୟସରେ ଉଭୟ ଇଂରାଜୀ ଓ ମାଣ୍ଡାରିନ୍ ଶିଖିଥିଲେ। ଏମାନଙ୍କ ସହ ପ୍ରାଞ୍ଜଳ ଭାବେ କେବଳ ଇଂରାଜୀ କହୁଥିବା ୧୬ଜଣ ଏକଭାଷୀର କଲେଜ ଛାତ୍ରଙ୍କୁ ଅଧ୍ୟୟନରେ ସାମିଲ କରାଗଲା। ଗବେଷକମାନେ ମାଣ୍ଡାରିନ ଓ ଇଂରାଜୀ ଜାଣିଥିବା ପିଲାଙ୍କ ଉପରେ ଗବେଷଣା କଲେ। କାରଣ ଉଭୟ ଭାଷା ନୂଆ ଭାଷାଠାରୁ ମୂଳ ରୂପେ ଅଲଗା ଥିଲା। ନୂଆ ଭାଷା ଉତମ ରୂପେ ଅଧ୍ୟୟନ ହୋଇଥିବା ରୋମାନ୍ସ ଭାଷା ବ୍ରୋକାଣ୍ଟୋ ୨ର କାଳ୍ପନିକ ସଂସ୍କରଣ, ଯାହାକୁ ପ୍ରତିଯୋଗୀମାନେ କହିବା ଓ ବୁଝିବା ପାଇଁ ଶିଖିଲେ। ଗୋଟିଏ ସ୍ତାହ ମଧ୍ୟରେ ଦୁଇ ଦଳର ପ୍ରତିଯୋଗୀ ବ୍ରୋକାଣ୍ଟୋ ୨ ଉତ୍ତମ ରୂପେ ଶିଖିଗଲେ। ପ୍ରଶିକ୍ଷଣର ପ୍ରାଥମିକ ଓ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତିଯୋଗୀଙ୍କ ମସ୍ତିଷ୍କ ପ୍ୟାଟର୍ଣ୍ଣକୁ ଇଲେକ୍ଟ୍ରୋଏନ୍‌ସେଫାଲୋଗ୍ରାମ ଇଲେକ୍ଟ୍ରୋଡ଼ସ ଦ୍ୱାରା ପରୀକ୍ଷା କରାଗଲା। ସେମାନେ ବ୍ରୋକାଣ୍ଟୋ ୨ ବାକ୍ୟ ଶୁଣିବା ସମୟରେ ଏହି ପରୀକ୍ଷା କରାଗଲା। ଇଲେକ୍ଟ୍ରୋଏନ୍‌ସେଫାଲୋଗ୍ରାମ ଇଲେକ୍ଟ୍ରୋଡ଼ସ ପ୍ରତିଯୋଗୀଙ୍କ ପ୍ରାକୃତିକ ମସ୍ତିଷ୍କ ତରଙ୍ଗ କାର୍ଯ୍ୟକଳାପକୁ ଅଧିକୃତ କଲା। ପ୍ରଶିକ୍ଷଣର ପ୍ରଥମ ଦିନରେ ଶେଷ ପର୍ଯ୍ୟାୟରେ ଦ୍ୱିଭାଷୀ ମସ୍ତିଷ୍କ ପି୬୦୦ ନାମକ ସ୍ୱତନ୍ତ୍ର ମସ୍ତିଷ୍କ ତରଙ୍ଗ ପ୍ୟାଟର୍ଣ୍ଣ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ଦେଶୀୟ ଭାଷା କହୁଥିବା ପ୍ରତିଯୋଗୀଙ୍କ ଭାଷା ପ୍ରକ୍ରିୟାକରଣ ବେଳେ ପି୬୦୦ ଦେଖିବାକୁ ମିଳେ। ତା'ର ବିପରୀତ, ପ୍ରଶିକ୍ଷଣର ବହୁ ପରେ ଅର୍ଥାତ୍ ଶେଷରେ ଏକଭାଷୀଙ୍କ ଠାରେ ପି୬୦୦ ପ୍ରଭାବ ଜଣାପଡ଼ିଥିଲା। ପ୍ରଶିକ୍ଷଣର ଶେଷ ଦିନ ସେମାନଙ୍କ ଠାରେ ଏକ ଅତିରିକ୍ତ ମସ୍ତିଷ୍କ ତରଙ୍ଗ ପ୍ୟାଟର୍ଣ୍ଣ ଦେଖାଗଲା, ଯାହା ଏକମାତ୍ର ଭାଷା ଜାଣିଥିବା ବ୍ୟକ୍ତିଙ୍କ ଠାରେ ସାଧାରଣତଃ ଦିଶେନାହିଁ ବୋଲି ଅଧ୍ୟୟନର ମୁଖ୍ୟ ଲେଖକ ଗ୍ରେ କହିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଦ୍ୱିଭାଷୀ ଭାଷା ଶିକ୍ଷା ଉପରେ ଏ ପର୍ଯ୍ୟନ୍ତ ଅନେକ ତର୍କ ହୋଇଛି। ସଦ୍ୟ ଅଧ୍ୟୟନଟି 'ବାଇଲିଙ୍ଗୁଆଲିଜମ୍: ଲାଙ୍ଗୁଏଜ୍ ଆଣ୍ଡ କଗ୍ନିସନ୍' ପତ୍ରିକାରେ ପ୍ରକାଶ ପାଇଛି।

# ତୁଳସୀର ଔଷଧୀୟ ଗୁଣ



-କ୍ରମାଗତ କାଶ ହେଲେ ତୁଳସୀପତ୍ର ରସ ସହ ମହୁ ମିଶାଇ ଏକତ୍ର ସେବନ କଲେ ଏଥିରୁ ଉପଶମ ମିଳିଥାଏ।

- ସକାଳୁ ଖାଲିପେଟରେ ୪ ରୁ ୫ଟି ତୁଳସୀପତ୍ର ଧୋଇ ଖାଇଲେ ତ୍ୱଚା ସଂକ୍ରମଣ ହୋଇନଥାଏ।

- ସତେଜ ତୁଳସୀ ପତ୍ର ରସକୁ ମୁହଁରେ ଦୈନିକ ଲଗାଇଲେ ତ୍ୱଚାରେ ଚମକ ଆସେ।

- ତୁଳସୀପତ୍ରର ବାମ୍ଫ ସପ୍ତାହକୁ ଥରେ ତ୍ୱଚା ପାଇଁ ନେଲେ ସମସ୍ତ ମଇଳା ଦୂରହୁଏ।

- ତୁଳସୀପତ୍ର ରସକୁ କେଶ ମୂଳରେ ଲଗାଇଲେ ରୂପୀ ହୁଏନାହିଁ।

- ବେସନରେ ତୁଳସୀ ରସ ମିଶାଇ ଲଗାଇଲେ ବ୍ରଣ ଓ କଳାଦାଗ ଦୂରହୁଏ।

- ତୁଳସୀପତ୍ର ଗୁଣ୍ଡ କରି ଦାନ୍ତ ଘଷିଲେ ଦାନ୍ତ ସଫା ରହେ।

- ତୁଳସୀରସ ୧ଚାମଚକୁ ଅଧ ଗିଲାସ ପାଣିରେ ମିଶାଇ ପିଇଲେ ତ୍ୱଚାର ଔଜ୍ଜଲ୍ୟ ବୃଦ୍ଧିପାଏ।

- ଭାରତୀୟ ଜଳବାୟୁରେ ଏହି ଗଛର ଉତ୍ତମ ବୃଦ୍ଧି ହେଉଥିବାରୁ ଏହାକୁ ପର୍ଯ୍ୟାପ୍ତ ପରିମାଣରେ ଲଗାଇବା ଆବଶ୍ୟକ।



# ମୃତ୍ୟୁ ଯୋଗୁଁ ଜୀବନ ସୁନ୍ଦର

ଜୀବନର ସବୁଠାରୁ ସୁନ୍ଦର ଗୁଣ ହେଉଛି ତାହାର ମୃତ୍ୟୁ। ଯିଏ ଜୀବିତ, ସେ କିଛି ବନୁ ବା ନ ବନୁ, ତାର ମୃତ୍ୟୁ ସୁନିଶ୍ଚିତ। ଆଉ କିଛି ନିଶ୍ଚିତ । ମୃତ୍ୟୁରେ ହିଁ ଜୀବନର ପୂର୍ଣ୍ଣତା। ମୃତ୍ୟୁ, ଜୀବନର ସର୍ବଶ୍ରେଷ୍ଠ ମହାତ୍ମ୍ୟ। ଜୀବନ ମୂଲ୍ୟବାନ, ତେବେ କାହିଁକି ? ମୃତ୍ୟୁ ନଥିଲେ, ଏହା ଏତେ ମୂଲ୍ୟବାନ ହୁଅନ୍ତା କି ? ସବୁଦିନ ବଂଚିରହିବା ସବୁଠାରୁ ବଡ଼ ଆକାଂକ୍ଷା। ହେଲେ କାହାରି ବି ଏହି ଅଭିଳାଷ ପୂରଣ ହୁଏନାହିଁ। ଉପନିଷଦରେ କୁହାଯାଇଛି ମୃତ୍ୟୁ ହିଁ ଜବୀନର ମୂଲ୍ୟ। ଏହି ସୁନିଶ୍ଚିତତା



ସତ୍ତ୍ୱେ, ବଂଚିବାର ଆନନ୍ଦ କେବଳ ସେତେବେଳେ ନେଇହୁଏ, ଯେତେବେଳେ ମୃତ୍ୟୁର ଠିକ୍ ସମୟ ଜଣାନଥାଏ। ଯଦି ମୃତ୍ୟୁ କେତେ ବେଳେ ଆସିବ ଜଣାଥାଆନ୍ତା, ଜୀବନକୁ କେହି ଉପଭୋଗ କରିପାରନ୍ତା କି ? ଧର୍ମରାଜ ଯୁଧିଷ୍ଠିରଙ୍କୁ ଯକ୍ଷ ପଚାରିଥିଲେ, ତାହା କେଉଁ ସତ୍ୟ, ଯାହା ସମସ୍ତେ ଜାଣନ୍ତି, କିନ୍ତୁ କେହି ବି ଜାଣିବାକୁ ଚାହାଁନ୍ତି ନାହିଁ ? ତାହା କେଉଁ ଆଶ୍ଚର୍ଯ୍ୟ, ଯାହାକୁ ସମସ୍ତେ ଜାଣି ମଧ୍ୟ ଜାଣିବାକୁ ଚାହାଁନ୍ତି ନାହିଁ ?

ତାହା ମୃତ୍ୟୁ। ସମସ୍ତେ ଜାଣନ୍ତି, ଦିନେ ନା ଦିନେ ମରିବେ, ତେବେ କେହି ମରିବାକୁ ଚାହାଁନ୍ତି ନାହିଁ। ଏହାହିଁ ଜୀବନର ସବୁଠାରୁ ବଡ଼ ସତ୍ୟ।

# ଶୋଉଥିବା ପ୍ରଥମ ମସ୍ତିଷ୍କବିହୀନ ପ୍ରାଣୀ

ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ, ଜେଲିଫିସ୍ ପ୍ରଥମ ମସ୍ତିଷ୍କ ବିହୀନ ତଥା କେନ୍ଦ୍ରୀୟ ସ୍ନାୟୁତନ୍ତ୍ର ନଥିବା ପ୍ରାଣୀ ଯାହାକି ଶୋଇପାରେ। ଏହି ବୈଜ୍ଞାନିକଙ୍କ ଦଳରେ ଜଣେ ଭାରତୀୟ ବୈଜ୍ଞାନିକ ବି ଅଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ଜୀବନ ଆରମ୍ଭରେ ବହୁ ପୂର୍ବରୁ ତଥା କେନ୍ଦ୍ରୀୟ ସ୍ନାୟୁତନ୍ତ୍ର ବିକଶିତ ହେବା ପୂର୍ବରୁ ବି ଶୟନ ବୋଲି କିଛି ଥିଲା। ମସ୍ତିଷ୍କ ନଥିବା ପ୍ରାଣୀଙ୍କ ମଧ୍ୟରେ ଶୋଇବାର ଏହା ପ୍ରଥମ ଉଦାହରଣ ବୋଲି ଆମେରିକାର କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଗବେଷକ ହାୱାର୍ଡ଼ ହିଉଜେସ୍ କହିଛନ୍ତି। ଗବେଷକମାନେ ହେନ୍ତାଳ ଜଙ୍ଗଲର ନର୍ଦ୍ଦମା ଓ ଅନ୍ୟ ଉଷ୍ମ ଓ ଅଗଭୀର ପାଣିରେ ମିଳୁଥିବା ଜେଲିଫିସ୍ କାସିଓପିଆ ଉପରେ ଅଧ୍ୟୟନ କରି ଏହି ତଥ୍ୟ ପ୍ରଦାନ କରିଛନ୍ତି। ଜେଲିଫିସ୍‌କୁ ଲ୍ୟାବର କୃତ୍ରିମ ସମୁଦ୍ର ପାଣି ରଖାଯାଇଥିବା ଏକ ପାତ୍ରରେ ରଖି ପରୀକ୍ଷା କରାଯାଇଥିଲା। ଭାସିଓପିଆ ପୂରାପୂରି ଜେଲିଫିସ୍ ପରି ନୁହେଁ। ବରଂ ଏହା ଫୁଲକୋବି ସଦୃଶ ଦେଖାଯାଉଥିଲା। ଭାରତୀୟ ବୈଜ୍ଞାନିକ କବି ନାଥ କହିଛନ୍ତି, ଆମେ ରାତିରେ ଆଇଫୋନ୍ ମାଧ୍ୟମରେ ଜେଲିଫିସର ଗତିବିଧି ଉପରେ ଭିଡ଼ିଓ



ପ୍ରସ୍ତୁତ କରିଥିଲୁ। କିନ୍ତୁ ରାତିରେ ସେମାନଙ୍କ ଠାରେ ସ୍ପନ୍ଦନ କମ୍ ଦେଖିବାକୁ ମିଳିଥିଲା। ଏଥିରୁ କାସିଓପିଆ ଶୋଇଥିବା ଆମେ ଅନୁମାନ କରିଥିଲୁ। ୬ଦିନ ଧରି ୨୩ଟି ଜେଲିଫିସ୍ ଉପରେ ଏପରି ଅନୁଧ୍ୟାନ କରାଯାଇଥିଲା। ରାତିରେ ଏମାନଙ୍କ ଠାରେ ସ୍ପନ୍ଦନହାର କମ୍ ଦେଖିବାକୁ ମିଳିଥିଲା। କିନ୍ତୁ ପାଣିରେ ଖାଦ୍ୟ ପକାଉଥିଲେ ଜେଲିଫିସ୍ ଗୁଡ଼ିକ ଉଠି ପଡୁଥିଲେ। ସେମାନଙ୍କ ଶୋଇବାର ଅଧିକ ପ୍ରମାଣ ପାଇଁ ବୈଜ୍ଞାନିକମାନେ ଆଉ ଗୋଟିଏ ପ୍ରକାରର ପରୀକ୍ଷା କରିଥିଲେ। ମୋନେ କାସିଓପିଆକୁ ଏକ ଜାଲିଥିବା ପାଇପ ଭିତରେ ରଖି ସେହି ପାଇପକୁ ପାଣି ଭିତରେ ବୁଡ଼ାଇଥିଲେ। ସେତେବେଳେ ଜେଲିଫିସ୍ ସେହି ପାଣିପାତ୍ରର ତଳକୁ ଯିବା ପରିବର୍ତ୍ତେ ଜାଲ ଉପରେ ବସି ରହିଥିଲେ। ତା'ପରେ ସେମାନେ ପାଇପକୁ ଗଭୀର ପାଣିରେ ବୁଡ଼ାଇଥିଲେ, ଯେମିତିକି କାସିଓପିଆ ଜାଲିରେ ଶୋଇବା ପାଇଁ ଭାସିଥିଲେ। ରାତିରେ ସେମାନଙ୍କ ସ୍ପନ୍ଦନ କମ୍ ରହିଥିଲା ଓ ଶୋଉଥିବା ଅନ୍ୟ ପ୍ରାଣୀଙ୍କ ବ୍ୟବହାର ସହିତ ଏହା ପ୍ରାୟତଃ ସମାନ ରହିଥିଲା। ଯେଉଁଥିରୁ ଗବେଷକ ଜେଲିଫିସ୍ ଶୋଉଥିବା ଅନୁମାନ କରିଥିଲେ। ଏହି ଅଧ୍ୟୟନ ଜର୍ଣ୍ଣାଲ କରେଣ୍ଟ ବାୟୋଲଜିରେ ପ୍ରକାଶ ପାଇଛି।

## ୱାଇକ୍ରୋମୋଜୋମ୍ ସ୍ମୃତିଶକ୍ତି ହ୍ରାସର କାରଣ !

'ଆମେରିକାନ ଜର୍ନାଲ ଅଫ୍ ହ୍ୟୁମାନ ଜେନିଟିକ୍ସର ପ୍ରକାଶିତ ଏକ ରିପୋଟ ଅନୁଯାୟୀ ବୟସ ବଢ଼ିବା ସହ ଯେଉଁ ପୁରୁଷମାନଙ୍କ ଶରୀରରୁ ୱାଇ କ୍ରୋମୋଜୋମ କମିଯାଏ, ସେମାନେ ଆଲଝିମର୍ସ ରୋଗ ଭୋଗିବାର ଆଶଙ୍କା ଅଧିକ। ପୁରୁଷ କୋଷରୁ ଏହି କ୍ରୋମୋଜୋମ କମିବା ସ୍ୱାଭାବିକ। ତେବେ, ଯେଉଁମାନେ ଧୂମପାନ କରନ୍ତି, ସେମାନଙ୍କ କ୍ଷେତ୍ରରେ ଶୀଘ୍ର, ବିପଜ୍ଜନକ ପରିମାଣରେ କମେ। ଏହା କମିବା ସହ ସ୍ମୃତି-ଶକ୍ତି ହ୍ରାସର ସଂପର୍କ ରହିଛି। ତାହାଛଡ଼ା ଏଭଳି ପୁରୁଷ କର୍କଟ ଭୋଗିବା ତଥା ଅନ୍ୟ ରୋଗ କାରଣରୁ ପ୍ରାଣ ହରାଇବାର ଆଶଙ୍କା ମଧ୍ୟ ଅଧିକ। ୱାଇ କ୍ରୋମୋଜୋମ କମିଲେ, ରୋଗ ପ୍ରତିରୋଧକ ଶକ୍ତି ବି ଦୁର୍ବଳ ହୁଏ। ୬୫-୭୩ବର୍ଷ ବୟସ୍କ ୩୨୦୦ ପୁରୁଷଙ୍କ ରକ୍ତନମୁନା ପରୀକ୍ଷଣ ଭିତ୍ତିରେ ଏହା କୁହାଯାଇଛି।

## ଜାଣନ୍ତି କି ?



-ଗର୍ଭଧାରଣର ୪୧ ସପ୍ତାହ ପରେ ଜନ୍ମ ହେଉଥିବା ପିଲାଙ୍କର ମାନସିକ ବିକାଶ ଶୀଘ୍ର ହୁଏ। ତେବେ, ସେମାନେ ଶାରୀରିକ ସମସ୍ୟାର ଶିକାର ହେବାର ଆଶଙ୍କା ଅଧିକ।

- ନିୟମିତ ସୁରାପାନ କରୁଥିବା ଲୋକେ, ଧୂମପାନ କରୁଥିଲେ, ସେମାନଙ୍କ ପକ୍ଷେ ଏହା ଛାଡ଼ିବା ଆଦୌ ସହଜ ନୁହେଁ। କାରଣ, ସେମାନଙ୍କ ଶରୀର ଶୀଘ୍ର ନିକୋଟିନକୁ ଗ୍ରହଣ କରିପାରେ।

- ଯେଉଁ ମହିଳାମାନେ ଗର୍ଭାଶୟ ଅନ୍ତରିମା ଉତ୍କୀର୍ଣ୍ଣନ ବା ଏଣ୍ଡୋମେଟ୍ରିକଓସସିସ ଭୋଗୁଛନ୍ତି, ସୋମନେ ପରବର୍ତ୍ତୀ କାଳରେ ଏପରିକି ଚାଳିଶ ବର୍ଷ ପୂର୍ବରୁ ହୃଦ୍‌ଘାତ ଭୋଗିବାର ଆଶଙ୍କା ଅଧିକ।

- ଆସ୍‌ପିରିନନଯୁକ୍ତ ଅମ୍ଳ-ବିରୋଧୀ ଔଷଧ ବା ଆଂଟାସିଡ୍ ନିର୍ଦ୍ଦିଷ୍ଟ ରୋଗୀଙ୍କ ପାଇଁ ବିପଜ୍ଜନକ ହୋଇପାରେ। ବୟସ ଷାଠିଏ ବର୍ଷରୁ ଅଧିକ ହୋଇଥିଲେ, ପୂର୍ବରୁ ଉଦର ଘାଆର ବା ଅଲସର ଭୋଗିଥିଲେ, ରକ୍ତକୁ ପତଳା କରିବା ଔଷଧ ଖାଉଥିଲେ ତଥା ଦିନରେ ତିନିରୁ ଅଧିକ ପେଗ ମଦ ପିଉଥିଲେ, ଆସପିରିନ ଭୋଗ ଥିବା ଆଂଟାସିଡ଼ ନିରାପଦ ନୁହେଁ। ଏହାଦ୍ୱାରା ହଠାତ୍ ପେଟ ଭିତରେ ରକ୍ତ ବୋହିପାରେ।

- ଖାଲି ପାଦରେ ଦୌଡ଼ିଲେ, ସ୍ମୃତିଶକ୍ତି ବଢ଼େ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୦୯ ନଭେମ୍ବର ୨୦୨୩, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିୟମ ପ୍ରଣୟନ ଆବଶ୍ୟକ...

ଅର୍ଥ ହିଁ ଅନର୍ଥର ମୂଳ କାରଣ, ଅର୍ଥାତ ଯେଉଁଠି ଅର୍ଥ ବା ଟଙ୍କା ପଇସାର କାରବାର କଥା ଉଠେ, ସେଠି ଅବଶ୍ୟ କିଛି ନା କିଛି ବିବାଦ ବିତର୍କର କଥା ଉଠିଥାଏ, ଯେମିତି ଏବେ ଉଠିଛି ନିର୍ବାଚନ ପାଇଁ ରାଜନୀତିକ ଦଳମାନଙ୍କୁ ପାଣ୍ଠି ପ୍ରଦାନକୁ ନେଇ। ନିର୍ବାଚନଗୁଡ଼ିକ ପାଇଁ ପାଣ୍ଠି ପ୍ରଦାନ ସବୁବେଳେ ଏକ ବିବାଦୀୟ ବିଷୟ ହୋଇ ରହି ଆସିଛି। ନିର୍ବାଚନଗୁଡ଼ିକ ଅବାଧ ଏବଂ ନିରପେକ୍ଷ ହେବାକୁ ସୁନିଶ୍ଚିତ କରାଇବା ନିମନ୍ତେ ଏକ ଗଣତନ୍ତ୍ର ପ୍ରତ୍ୟେକ ପଦକ୍ଷେପରେ ସ୍ୱଚ୍ଛତାର ଦାବି କରିଥାଏ, କିନ୍ତୁ ଏକ ନିର୍ବାଚନ ଅନୁଷ୍ଠିତ ହୋଇସାରିବା ପରେ ଦାଖଲ କରାଯାଉଥିବା ଆୟ ବ୍ୟୟର ହିସାବ ରାଜନୀତି ଦଳମାନଙ୍କ କଥା ଛାଡ଼ନ୍ତୁ, କଦାଚିତ୍ ଜଣେ ପ୍ରାର୍ଥୀଙ୍କର ପ୍ରକୃତ ବ୍ୟୟକୁ ପ୍ରତିଫଳିତ କରିଥାଏ, ଯେତିକି ନିର୍ବାଚନ କମିଶନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥାଏ। ତେଣୁ ରାଜନୀତିକ ଦଳମାନଙ୍କୁ ନିର୍ବାଚନୀ ବଣ୍ଡଗୁଡ଼ିକ ମାଧ୍ୟମରେ ପାଣ୍ଠି ଯୋଗାଇବାର ଏକ ଦିଗ ଗୋପନୀୟତାରେ ଆଚ୍ଛାଦିତ ହୋଇ ରହିଛି। ସମ୍ପ୍ରତି ଏହି ବଣ୍ଡଗୁଡ଼ିକର 'ଅସ୍ୱଚ୍ଛ' ସ୍ୱଭାବ ସୁପ୍ରିମକୋର୍ଟଙ୍କ ରାଡାର ଅଧୀନକୁ ଆସିଛି। 'ରାଜନୀତିକ ଦଳମାନଙ୍କୁ ପରିଷ୍କାର ଏବଂ ସ୍ୱଚ୍ଛ ଉପାୟରେ ପାଣ୍ଠି ଯୋଗାଇବା'କୁ ପ୍ରୋତ୍ସାହନ ପ୍ରଦାନ କରିବାର ତଥାକଥିତ ଲକ୍ଷ୍ୟ ନେଇ ନରେନ୍ଦ୍ର ମୋଦୀ ସରକାରଙ୍କ ଦ୍ୱାରା ୨୦୧୭ର ଆର୍ଥିକ ଆଇନ ବଳରେ ନିର୍ବାଚନୀ ବଣ୍ଡଗୁଡ଼ିକର ପ୍ରଚଳନ କରାଯାଇଥିଲା। ଏହା ପଛରେ ରହିଥିବା ଧାରଣାଟି ଥିଲା- ରାଜନୀତିକ ଦଳମାନଙ୍କୁ ଆର୍ଥିକ ସହାୟତା ଯୋଗାଇବାକୁ ଚାହୁଁଥିବା ଦାତାମାନଙ୍କୁ ସେମାନଙ୍କର ପରିଚୟ ଗୋପନ ରଖାଯାଇ ଏକ ନିରୂପଣ କରାଯାଇ ପାରିବା ଭଳି ଢ଼ଙ୍ଗରେ ପାଣ୍ଠି ପ୍ରଦାନ କରିବାର ସୁଯୋଗ ପ୍ରଦାନ କରିବା। ବଣ୍ଡଗୁଡ଼ିକ ପ୍ରାଧିକୃତ ବ୍ୟାଙ୍କ (ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ) ଗୁଡ଼ିକରୁ କ୍ରୟ କରାଯାଇ ପାରିବ ଏବଂ ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳକୁ ଦାନ କରାଯାଇ ପାରିବ। ତେବେ 'ସ୍ୱଚ୍ଛତାର ଅଭାବ' ଯୋଗୁଁ ଏହି ବ୍ୟବସ୍ଥା ବର୍ତ୍ତମାନ ସନ୍ଦେହର ବାଦଲ ଦ୍ୱାରା ଆଚ୍ଛାଦିତ ହୋଇ ପଡ଼ିଛି। ଏହି କାର୍ଯ୍ୟର ସ୍ୱଚ୍ଛତାକୁ ଆହ୍ୱାନ ଦେଇ ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସ ଏବଂ ସିପିଆଇ (ଏମ୍) ୨୦୧୯ ଏପ୍ରିଲରେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟରେ ପିଟିସନମାନ ଦାଖଲ କରିଥିଲେ ଏବଂ କୋର୍ଟ ଏବେ ସେହି ଘଟଣାର ଶୁଣାଣି କରୁଛନ୍ତି। ଏହି ମାମଲାର ଏକ ପ୍ରାଥମିକ ଚିନ୍ତା କରିବା ଭଳି ବିଷୟ ହେଉଛି, ବଣ୍ଡଗୁଡ଼ିକ ସର୍ବସାଧାରଣ ଜାଣିବା ଭଳି ସୁଯୋଗ ପ୍ରଦାନ ନକରି ଦାତାଙ୍କ ପରିଚୟକୁ ଗୋପନ ରଖିଥାଏ। ଏହି ଅସ୍ୱଚ୍ଛତା ଦାତାଙ୍କ ପରିଚୟ ଓ ତାଙ୍କର ନିଷ୍ପତ୍ତିକୁ ପରିଚାଳିତ କରୁଥିବା ଉଦ୍ଦେଶ୍ୟ ଉପରେ ସନ୍ଦେହ ସୃଷ୍ଟି କରାଇଥାଏ। ନିର୍ବାଚନୀ ବଣ୍ଡ ଗୁଡ଼ିକର ଏଭଳି ସ୍ୱଭାବ ସପକ୍ଷରେ ସରକାରଙ୍କ କହିବା କଥା ହେଉଛି, ଏହା ଦାତାଙ୍କ ଗୋପନୀୟତାକୁ ସୁରକ୍ଷା ପ୍ରଦାନ କରିଥାଏ, ଯେଉଁମାନେ କି ସେମାନଙ୍କର ରାଜନୀତିକ ଅନୁବନ୍ଧନ ଯୋଗୁଁ ପକ୍ଷପାତିତାର ଶିକାର ହେବାର ସମ୍ଭାବନା ରହିଛି। ସରକାର ଆହୁରି ମଧ୍ୟ କହିଛନ୍ତି ଯେ ଏହି ଯୋଜନା ଦାତାମାନଙ୍କ ଅଧିକାର ଓ ସ୍ୱଚ୍ଛତାର ଆବଶ୍ୟକତା ଭିତରେ ସନ୍ତୁଳନ ରକ୍ଷା କରୁଛି, ଯେହେତୁ ରାଜନୀତିକ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କ ନିକଟରେ ସେମାନଙ୍କ ପାଣ୍ଠି ସମ୍ପର୍କିତ ବିସ୍ତୃତ ବିବରଣୀ ପ୍ରଦାନ କରିବା ଆବଶ୍ୟକ ହୋଇଥାଏ। କିନ୍ତୁ ଆବେଦନକାରୀମାନେ ଯୁକ୍ତି ଦର୍ଶାଇଛନ୍ତି ଯେ ନିର୍ବାଚନୀ ବଣ୍ଡଗୁଡ଼ିକ ସ୍ୱଚ୍ଛତାର ନୀତିଗୁଡ଼ିକ ପ୍ରତି ହେୟଭାବ ପୋଷଣ କରିଥାଏ, ଯେହେତୁ ଏହା ଅସ୍ୱଚ୍ଛ ଅର୍ଥ ଯୋଗାଣକୁ ସୁଯୋଗ ପ୍ରଦାନ କରିଥାଏ ଏବଂ ବେଆଇନ୍ ପାଣ୍ଠି ଗ୍ରହଣ କରିବା ନିମନ୍ତେ ଦ୍ୱାର ଉନ୍ମୋଚନ କରିବା ସମ୍ଭାବନା ବହନ କରିଥାଏ। ଏଡିଆର ତରଫରୁ ପ୍ରତିନିଧିତ୍ୱ କରୁଥିବା ପ୍ରଶାନ୍ତ ଭୂଷଣ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି ଯେ ୨୦୨୧-୨୨ ପର୍ଯ୍ୟନ୍ତ ନିର୍ବାଚନୀ ବଣ୍ଡଗୁଡ଼ିକ ଜରିଆରେ ବିଜେପି ପାଇଁ ସଂଗୃହୀତ ଅନୁଦାନଗୁଡ଼ିକର ପରିମାଣ ୫,୨୭୧ କୋଟି ଟଙ୍କା ଥିବାବେଳେ କଂଗ୍ରେସ ପାଇଁ ଏହାର ପରିମାଣ ଥିଲା ୯୫୨ କୋଟି ଟଙ୍କା। ରାଜନୀତିକ ଦଳମାନଙ୍କ ପାଣ୍ଠି ଯୋଗାଇବା ଏବଂ ନିର୍ବାଚନୀ ସ୍ୱଚ୍ଛତାର ଭବିଷ୍ୟତ ଦୃଷ୍ଟିରୁ ସର୍ବୋଚ୍ଚ ଅଦାଲତରେ ଚାଲିଥିବା ଏହି ମାମଲାର ଏକ ଗଭୀର ନିହିତାର୍ଥ ରହିଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ଯେମିତି ଅଛି, କୋର୍ଟ ତାକୁ ସେମିତି ରହିବାକୁ ଅନୁମତି ଦିଅନ୍ତି, ତା'ହେଲେ କୋର୍ଟ ରାଜନୀତିକ ଦଳମାନଙ୍କୁ ଅଜଣା ଏବଂ ଅସୀମିତ ପରିମାଣର ପାଣ୍ଠି ସଂଗ୍ରହ କରିବାର ସୁଯୋଗକୁ ବଜାୟ ରଖିବେ। ଅପରପକ୍ଷରେ, ଏହି ଯୋଜନା ଯଦି ଗଣତାନ୍ତ୍ରିକ ନୀତି ନିୟମଗୁଡ଼ିକର ଉଲ୍ଲଘଂନ କରୁଥିବା ଜଣାପଡ଼େ, ତେବେ ରାଜନୀତିକ ଦଳମାନଙ୍କୁ ପାଣ୍ଠି ପ୍ରଦାନ କ୍ଷେତ୍ରରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ଆବଶ୍ୟକତା ଥିବା ସଂସ୍କାରମୂଳକ ପଦକ୍ଷେପ ନେବାକୁ ସରକାର ବାଧ୍ୟ ହେବେ ଏବଂ ସେଥପାଇଁ ଆବଶ୍ୟକ ନିୟମଗୁଡ଼ିକୁ ପ୍ରଣୟନ କରିବେ।

# ବିଶ୍ୱଶାନ୍ତି ପାଇଁ ଆତଙ୍କବାଦୀଙ୍କ ସମୂହ ବିନାଶ ଅପରିହାର୍ଯ୍ୟ



### ଆଶୁତୋଷ ନାୟକ

ଏକବିଂଶ ଶତାବ୍ଦୀରେ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ । ବିଶ୍ୱ ବ୍ୟାପି ସମସ୍ୟା ଭାବେ ଏହା ଉଭା ହୋଇଛି । ଆନ୍ତଜାତୀୟ ଶାନ୍ତି ଏବଂ ନିରାପତ୍ତା ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ । ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଧ୍ୱଂସର ତାଣ୍ଡବଲୀଳା ରଚିବା ଏବଂ ହିଂସା ମାଧମରେ ବର୍ବରତା ଓ ନିଷ୍ଠୁରତାର ସହ ନିରୀହ ମନୁଷ୍ୟକୁ ହତ୍ୟା କରିବା । ଆତଙ୍କବାଦୀ ମାନେ ସମଗ୍ର ମାନବ ଜାତି ପାଇଁ କଳଙ୍କ । ସେମାନଙ୍କ ପାଖରେ ମନୁଷ୍ୟତ୍ୱ ନଥାଏ । ଆତଙ୍କବାଦୀଙ୍କ ପାଖରେ କୌଣସି ମାନବୀୟ ଗୁଣ ନଥାଏ ।ଦୟା, କ୍ଷମା, ସହନଶୀଳତା,ସାଧୁତା, ନମ୍ରତା, ଭଳି ମହନୀୟ ଗୁଣ ତାଙ୍କ ପାଖରେ ଆଶା କରିବା ସୈତାନର ବେଦ ପାଠ ସଦୃଶ । ଆତଙ୍କବାଦର ଫରାସୀ ଶବ୍ଦ 'ଟେରୋରିଜମେ ' ଯାହା ଲାର୍ଟିନ କ୍ରିୟା ଟେରେରେ ରୁ ଆସୁଅଛି । ଏହାର ଅର୍ଥ ଭୟ ଦେଖାଇବା ।ଆତଙ୍କବାଦ ଏକ ପନ୍ଥା ଯାହାଦ୍ୱାରା ଏକ ସଂଗଠିତ ଗୋଷ୍ଠୀ ବା ଦଳ ନିଜର ଲକ୍ଷ୍ୟ ସାଧନ ପାଇଁ ହିଂସାର ପଦ୍ଧତି ଅବଲମ୍ବନ କରନ୍ତି । 'ହାନସ ଯେ ମୋର୍ଗେଂଥାଉ' ମତରେ ' ଖରାପ ଲୋକମାନେ ଯାହା କରନ୍ତି ତାହା ହେଉଛି ଆତଙ୍କବାଦ ' । ଜଣେ ଚୀନ ଦାର୍ଶନିକଙ୍କ ମତରେ ଆତଙ୍କବାଦର ମୁଖ୍ୟ ଲକ୍ଷ୍ୟ ହେଉଛି ଜଣକୁ ହତ୍ୟା କରି ଅନେକଙ୍କୁ ଭୟଭୀତ କରାଇବା ।

ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠ ଜୀବ । ମାନବ ଜନ୍ମର ସାର୍ଥକତା ଥାଏ ସୁନ୍ଦର ସମାଜ ଗଠନରେ । ମାତ୍ର ଅନେକ ସମୟରେ ନିର୍ବୋଧ ସ୍ୱାର୍ଥପର ମାନବ ପରିବେଶ ଓ ପରିସ୍ଥିତିର ପ୍ରଭାବରେ ପାଶବିକ ଆଚରଣ କରିଥାଏ ଏବଂ ନିଜ ପ୍ରାଣରେ ଭରିଦିଏ ପଶୁତ୍ୱ । ଏହି ପଶୁତ୍ୱରୁ ଜନ୍ମ ହୁଏ ଆତଙ୍କବାଦ । ମନୁଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥବାଦୀ ଅଭିଳାଷା ଚରିତାର୍ଥ କରିବା ନିମନ୍ତେ ବାଛିନିଏ ଆତଙ୍କର ପଥ,ଖେଳେ ରକ୍ତର ପୈଶାଚିକ ହୋଲି । ସେ କେବଳ ବୁଝେ ବନ୍ଧୁକ ଗୁଳିଗୋଳା ଓ ରକ୍ତର ପରିଭାଷା । ହିଂସା ହୁଏ ତାର ଅଳଙ୍କାର । ଏହି ଆତଙ୍କବାଦ ଭାରତବର୍ଷ ତଥା ସମଗ୍ର ବିଶ୍ୱର ଅନେକ ଦେଶକୁ କବଳିତ କରିଛି ।ଏହିଭଳି ପରିସ୍ଥିତିକୁ ଲକ୍ଷ୍ୟ କରି କୁହାଯାଇଛି ।'ମାନବ ପିଶାଚ କରିଅଛି ଆଜି ଭାରତ ମାକୁ ବନ୍ଦୀ କେତେ ନରହନ୍ତା କରନ୍ତି ତାଣ୍ଡବ ନେତ୍ରରେ ପୁଟୁଳୀ ବାନ୍ଧି 'ମୁମ୍ବାଇର ୨୬/୧୧ ଆତ୍ମଘାତୀ ଆକ୍ରମଣରେ ୨୫୦ରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ।ଆମେରିକାର ବିଶ୍ୱବାଣିଜ୍ୟ କେନ୍ଦ୍ର ଉପରେ ୯/୧୧ରେ ଅପହୃତ ବିମାନକୁ ଧକ୍କା କରାଇବା ଫଳରେ ୩୦୦୦ରୁ ଅଧିକ ବ୍ୟକ୍ତି ଚିରନିଦ୍ରାରେ ଶୋଇଗଲେ । ଆମେରିକା ଏହାର ପ୍ରତିଶୋଧ ନେଇ ଉକ୍ତ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ଓସାମାବିନ ଲାଡେନକୁ ମୃତ୍ୟୁର ସ୍ୱାଦ ଚଖାଇଥିଲେ । ମୁମ୍ବାଇ ଆକ୍ରମଣରେ ଧରାପଡିଥିବା ମୁଖ୍ୟ ଖଳନାୟକ କସାବକୁ ଭାରତ ସରକାର ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ।

ପୁଲୱାମାରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୪୦ରୁ ଉର୍ଦ୍ଧ ଆମ ଦେଶର ଲଢୁଆ ସାହସୀ ବୀର ଯବାନ ସହୀଦ ହୋଇଥିଲେ । ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା ଆତଙ୍କବାଦୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ କରି ୧୪୦କୋଟି ଭାରତୀୟଙ୍କ ଦୁଃଖ ଓ କ୍ରୋଧ ଜର୍ଜରିତ ହୃଦୟରେ ଆନନ୍ଦର ଲହରୀ ସୃଷ୍ଟି କରିଥିଲେ । ' ସେଣ୍ଟର ଫ୍ରେ ରିସର୍ଚ୍ଚ ଷ୍ଟଡି ' ପାକିସ୍ତାନ ପକ୍ଷରୁ ଆସିଥିବା ରିପୋର୍ଟ ଅନୁସାରେ ଆତଙ୍କବାଦୀଙ୍କ ପୋଷ୍ଟପୋଷାକତା ଓ ହର୍ତ୍ତାକର୍ତ୍ତା ଦୈବ୍ୟବିଧାତା ସାଜିଥିବା ପାକିସ୍ଥାନରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୨୩ରେ ୭୦୦ରୁ ଉର୍ଦ୍ଧ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଛି । ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ରୁ ୨୦୧୫ ମଧରେ ଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିଲା ବେଳେ, ୧୮,୮୪୨ରୁ ଉର୍ଦ୍ଧ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା ।୨୦୧୬ସେପ୍ଟେମ୍ବର୧୮ରେ କାଶ୍ମୀରର ଉରୀରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ଆମ ଦେଶର ୧୯ଜଣ ସାହସୀ ବୀର ଯବାନ ସହୀଦ ହୋଇଥିଲେ । ୨୦୧୯ ଫେବୃଆରୀ୧୪ରେ ବିଶ୍ୱ ଭାଲେଣ୍ଟାଇନସ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ ୪୨ଜଣ ସହୀଦ ହୋଇଥିଲେ । ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନ ହମାସ ୨୦୦୭ରେ ଆତଙ୍କୀ ଗତିବିଧି କାର୍ଯ୍ୟକଳାପ ଦ୍ୱାରା ନିଜର ଉପସ୍ଥିତ ଜାହିର କରିଆସିଛି । ଗାଜା ଷ୍ଟ୍ରିପକୁ ନିଜ ନିୟନ୍ତ୍ରଣରେ ରଖିଥିବା ପାଲେଷ୍ଟାଇନ ଆତଙ୍କବାଦୀ ଗୋଷ୍ଠୀ ହମାସ ଏବେ ନିକଟରେ ଇସ୍ରାଏଲ ଉପରେ ଭୟଙ୍କର ଆକ୍ରମଣ କରିଛି । ସମଗ୍ର ବିଶ୍ୱରେ ଏଭଳି ଆତଙ୍କବାଦୀ ଆକ୍ରମଣ ପୂର୍ବରୁ କେବେ ଦୃଶ୍ୟମାନ ହୋଇନଥିଲା ।

ବିଶ୍ୱର ଦ୍ୱିତୀୟ ବୃହତ୍ତ ଆତଙ୍କବାଦୀ ଆକ୍ରମଣ ବୋଲି ଏହାକୁ ଦାବି କରାଯାଉଛି ।ଏହି ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପାଇଁ ୧୪୦୦ରୁ ଉର୍ଦ୍ଧ ନିରୀହ ଇସ୍ରାଏଲ ଜନତାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି । ଏଥିରେ ଅନେକ ବ୍ୟକ୍ତି ପଙ୍ଗୁ ଏବଂ ଗୁରୁତର ଆହତ ହୋଇଛନ୍ତି । ଏହାସହିତ ଅନେକ କୋମଳମତି ଶିଶୁ ଅନାଥ ହୋଇଯାଇଛନ୍ତି । ଏହି ବର୍ବରୋଚିତ ନରସଂହାର ପାଇଁ ହମାସ ନିଜକୁ ଦାୟୀ କରିଛି । ଏହି ହମାସ ଆତଙ୍କବାଦୀ ସଂଗଠନ ଏବେବି ୨୦୦ରୁ ଉର୍ଦ୍ଧ ନିରୀହ ଇସ୍ରାଏଲ ବ୍ୟକ୍ତିଙ୍କୁ ପଣବନ୍ଦୀ କରିରଖିଛି । ଇସ୍ରାଏଲ ଉପରକୁ ହଜାର ହଜାର ରକେଟ ମାଡ଼ ଏବଂ ପାଲଷ୍ଟାଇନ ଆତଙ୍କବାଦୀମାନେ ଇସ୍ରାଏଲରେ ଅନୁପ୍ରବେଶ କରି ବିଭତ୍ସ ସଂହାରଲୀଳା ଘଟାଇବା ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ଏବଂ ଲୋମହର୍ଷଣକାରୀ । ଏହି ବର୍ବରୋଚିତ ନରସଂହାର ଆତଙ୍କବାଦୀ ସଂଗଠନ ହମାସ ୨୦ମିନିଟରେ ୫୦୦୦ ରକେଟ ମାଡ଼କରି ଇସ୍ରାଏଲରେ ଧ୍ୱଂସର ତାଣ୍ଡବଲୀଳା ଘଟାଇଥିଲେ । ଏହାକୁ ଶବ୍ଦ ରେ ପ୍ରକାଶ କରିବା ଅସମ୍ଭବ । ଇସ୍ରାଏଲ ପ୍ରଧାନମନ୍ତ୍ରୀ ଜନତାଙ୍କ ଉଦ୍ଦେଶ୍ୟରେ ଦେଇଥିବା ବାର୍ତ୍ତା ଅନୁସାରେ ପାଲେଷ୍ଟାଇନ ଆତଙ୍କବାଦୀ ଗୋଷ୍ଠୀ ହମାସର ମୂଳଉତ୍ପାଟନ କରିବାପାଇଁ ଏବଂ ସେଇ ଆତଙ୍କବାଦୀ ଗୋଷ୍ଠୀଙ୍କ ସମୂହ ବିନାଶ ପାଇଁ ଶପଥ ନେଇଛନ୍ତି । ଏହା ସହିତ ସେ କହିଛନ୍ତି ହମାସ ଆତଙ୍କବାଦୀ ମାନେ ଯୁଦ୍ଧ ଆରମ୍ଭ କରିଥିଲେ , ଆଉ ଯୁଦ୍ଧର ଅନ୍ତ ଇସ୍ରାଏଲ ସେନା କରିବ ଯାହାକୁ ସାରା ବିଶ୍ୱ ଦେଖିବ । ପାଲେଷ୍ଟାଇନ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ମନ୍ତବ୍ୟ ଅନୁସାରେ ଆଜି ପ୍ରଯ୍ୟନ୍ତ ୪୪୬୯ଜଣ ନିରୀହ ପାଲେଷ୍ଟାଇନ ଜନତାଙ୍କର ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ୧୪୦୦ଜଣ ନିରୀହ ଇସ୍ରାଏଲ ଜନସାଧାରଣଙ୍କ ଅକାଳ ବିୟୋଗ ଘଟିଛି ଏହି ରକ୍ତାକ୍ତ ସଙ୍ଘର୍ଷ ହେବା ଦ୍ୱାରା । ଏଥିପାଇଁ ଏବେ ସମୟ ଆସିଛି ଜାତି,ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ନିଜର ପୂର୍ବ ଶତ୍ରୁତା ଭୁଲି ବିଶ୍ୱର ସମସ୍ତ ରାଷ୍ଟ୍ର ଏହି ବିଜୟା ଦଶମୀରେ ଶପଥ ନିଅନ୍ତୁ ଯେପରିକି ସବୁ ଛୋଟ, ବଡ ଆତଙ୍କବାଦୀ ଗୋଷ୍ଠୀଙ୍କ ସମୂହ ବିନାଶ କରିବେ ।

ସାରା ବିଶ୍ୱରେ ଶାନ୍ତି ଓ ଏକତା ପାଇଁ ଆତଙ୍କବାଦୀ ମାନଙ୍କର ସମୂହ ବିନାଶ ଅପରିହାର୍ଯ୍ୟ ।ପାକିସ୍ତାନ ଓ କାନାଡ଼ା ଭଳି କିଛି ରାଷ୍ଟ୍ର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶୟ ଦେଉଛନ୍ତି । ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶୟ ଦେବା ଅର୍ଥ ବିଷଧର ସର୍ପକୁ ଦଂଶନ ପାଇଁ ଆମନ୍ତ୍ରଣ କରିବା ସଦୃଶ । ଭସ୍ମାସୁର ପରି ପରିସ୍ଥିତି ସୃଷ୍ଟି ହେବ, ରକ୍ଷା କରିବା ପାଇଁ କେହିନଥିବେ । ସେଥିପାଇଁ ଆମ ଭାଗବତ ରେ କୁହାଯାଇଛି

' ଆପଣା ହସ୍ତେ ଜିହ୍ୱା ଛେଦି,
କେ ଅଛି ତାର ପ୍ରତିବାଦୀ '

ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କ ମିଳିତ ଉଦ୍ୟମ ଓ ପ୍ରଚେଷ୍ଟା ବଳରେ ଆତଙ୍କବାଦୀଙ୍କ ସମୂହ ବିନାଶ ସମ୍ଭବ ହୋଇପାରିବ । ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ଗୋପାଳପୁର,ବାଲେଶ୍ୱର
ମୋ: ୭୦୨୦୬୧୧୩୦୦

# ଆପଲ'ର ଓ୍ୱାର୍ଣ୍ଣି ଆଲର୍ଟ



### ସୌଭାଗ୍ୟ ରଂଜନ ମହାନ୍ତ

ଏକ ଉନ୍ନତ ଗଣତନ୍ତ୍ରରେ କ୍ଷମତାସୀନ ସରକାରର ସ୍ୱେଚ୍ଛାଚାରିତାକୁ ନିୟନ୍ତ୍ରଣ କରିବା ଏବଂ ଏହାର ପ୍ରତ୍ୟେକ କାର୍ଯ୍ୟ ପାଇଁ ଉତରଦାୟୀ କରିବା କ୍ଷେତ୍ରରେ ବିରୋଧି ଦଳ ଓ ଗଣମାଧମ (ପ୍ରେସ)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବୋଧହୁଏ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ନିକଟରେ ଆଇଫୋନ ନିର୍ମାଣକାରୀ କମ୍ପାନୀ ଆପଲ' ଠାରୁ ଏକ ଡଜନରୁ ଉର୍ଦ୍ଧ୍ୱ ବିରୋଧି ଦଳ ନେତା ଓ ସାମ୍ବାଦିକମାନଙ୍କ ଇ-ମେଲରେ ସତର୍କ ସୂଚନା ପାଇଛନ୍ତି। ଯେଉଁଥିରେ ସେମାନଙ୍କ ଆଇଫୋନକୁ ସରକାର ପ୍ରାୟୋଜିତ ଆକ୍ରମଣକାରୀଙ୍କ ଜରିଆରେ ହ୍ୟାକ୍ କରିବାକୁ ଉଦ୍ୟମ ହୋଇଛି। କହିବା ଅଯଥାର୍ଥ ହେବ ନାହିଁ ଯେ, ଏହି ଘଟଣା ଗଲା କିଛି ମାସ ତଳେ ଗଣତନ୍ତ୍ର ପ୍ରଥମ ଓ ଚତୁର୍ଥ ସ୍ତମ୍ଭର ସଦସ୍ୟଙ୍କ ବିରୁଦ୍ଧରେ ହୋଇଥିବା ବହୁଚର୍ଚ୍ଚିତ ପେଗାସସ୍ 'ଗୋଇନ୍ଦାଗିରି ଘଟଣାକୁ ସ୍ମରଣ କରାଇଦେଇଛି। ଉଲ୍ଲେଖଯୋଗ୍ୟ ଯେ, ଆମେରିକାରେ ବହୁଳ ପ୍ରସାରିତ ସମ୍ବାଦପତ୍ର 'ଦି ନିୟୁର୍କ ଟାଇମିସ୍'ରେ ୨୦୨୨ର ପ୍ରାରମ୍ଭରେ ପ୍ରକାଶିତ ଏକ ପ୍ରବନ୍ଧରେ ଇସ୍ରାଏଲ ସ୍ଥିତ ଏକ ଏନଏସଓ ଗ୍ରୁପ ଦ୍ୱାରା କିପରି ପେଗାସସ୍-ଏକ ସ୍ପାଏୱୟାର ବିକଶିତ ହୋଇଛି ଏବଂ ଏହାକୁ ପ୍ରଥମେ ଇସ୍ରାଏଲ ସ୍ୱାର୍ଥ ସପକ୍ଷରେ ଏହା ବ୍ୟବହୃତ ହେବା ପରେ ଅନ୍ୟ ରାଷ୍ଟ୍ରର ବିରୋଧି ଦଳ ନେତା, ସାମ୍ବାଦିକ ଏବଂ ଅସନ୍ତୁଷ୍ଟ ନେତାମାନଙ୍କ ବିରୁଦ୍ଧରେ ଲାଗୁ କରାଯାଇଥିଲା, ସେ ନେଇ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା। ୨୦୨୧ ମସିହା ଜୁଲାଇ ମାସରେ ଭାରତରେ ପ୍ରାୟ ୪୦ଜଣ ସାମ୍ବାଦିକ କ୍ୟାବିନେଟ ମନ୍ତ୍ରୀ, ବିରୋଧି ଦଳ ନେତା ଏବଂ ବରିଷ୍ଠ ଅଫିସରମାନଙ୍କ ବିରୁଦ୍ଧରେ ପେଗାସସ୍ ସଫ୍ଟୱୟାର(ସ୍ପାଏୱୟାର) ବ୍ୟବହାର କରି କଡା ନଜରରେ ରଖାଯାଇଥିବା ନେଇ ଏକ ଚାଂଚଲ୍ୟକର ରିପୋର୍ଟ ପ୍ରକାଶ ପାଇଥିଲା। ଏହି ରିପୋର୍ଟକୁ ନେଇ ସଂସଦ ହୁଲସ୍ଥୁଲ ହୋଇଥିବାବେଳେ ସୁପ୍ରିମକୋର୍ଟ ନିଜ ଆଡୁ ଏକ କମିଟି ଦ୍ୱାରା ଏକ ତଦନ୍ତ କରିଥିଲେ। ତେବେ ସୁପ୍ରିମକୋର୍ଟ ପ୍ୟାନେଲ ତାଙ୍କ ତଦନ୍ତରେ ଗୋଇନ୍ଦାଗିରି ନେଇ କୌଣସି ପ୍ରମାଣ ପାଇନଥିବା ରିପୋର୍ଟରେ ଦର୍ଶାଇଥିଲେ। କମିଟି ୨୯ଟି ଆଇଫୋନକୁ ବ୍ୟାପକ ପରୀକ୍ଷା ନିରୀକ୍ଷା କରିଥିଲେ। ତହିଁରେ ସ୍ପାଏୱୟାର ସମ୍ପର୍କରେ କୌଣସି ତଥ୍ୟ ମିଳିନଥିବା ଉଲ୍ଲେଖ କରିଥିଲେ। କିନ୍ତୁ ଏହି ତଦନ୍ତ ପ୍ରକ୍ରୀୟାରେ କେନ୍ଦ୍ର ସରକାର କୌଣସି ସହଯୋଗ କରିନଥିବା ନେଇ ସର୍ବୋଚ୍ଚ ଅଦାଲତ ତାଙ୍କ ରିପୋର୍ଟରେ କହିଥିଲେ, ଯାହାକି ଅତ୍ୟନ୍ତ ଗୁରୁତ୍ୱ ବହନ କରେ ବୋଲି ନିସନ୍ଦେହରେ କୁହାଯାଇପାରିବ। ଅନ୍ୟପକ୍ଷରେ ପେଗାସସ୍ ଗୋଇନ୍ଦାଗିରି ଅଭିଯୋଗକୁ ଭାରତ ସରକାର ଅସ୍ୱୀକାର ଓ ଖଣ୍ଡନ କରିଥିବା ସତ୍ତ୍ୱେ ୨୦୧୭ ମସିହାରେ ଭାରତ ସରକାର ଇସ୍ରାଏଲରୁ ୨ ବିଲିଅନ ଡଲାର ପ୍ୟାକେଜରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ଗୋଇନ୍ଦାଗିରି ପାଇଁ ଉଦ୍ଦିଷ୍ଟ ଉପକରଣ କ୍ରୟ କରିଥିଲେ ବୋଲି 'ଦି ନିୟୁର୍କ ଟାଇମିସ୍' ରିପୋର୍ଟରେ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ସ୍ପାଏୱୟାର ବ୍ୟବହାର ପ୍ରଘଟ ହେବା ପରେ ବହୁ ପାଶ୍ଚାତ ରାଷ୍ଟ୍ର ସରକାର କଠୋର ପଦକ୍ଷେପ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱବ୍ୟାପୀ ୨୦ପ୍ରତିଶତ ସ୍ମାର୍ଟଫୋନ୍ ବ୍ୟବହାରକାରୀ ଆପଲ ନିର୍ମିତ ଆଇଫୋନ ବ୍ୟବହାର କରୁଥିବାବେଳେ ଭାରତରେ ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ୭ ପ୍ରତିଶତ ରହିଛି। ଆଇଫୋନ ବିବିଧ ସୁବିଧାସୁଯୋଗ ଏବଂ ବଳିଷ୍ଠ ସୁରକ୍ଷା ବ୍ୟବସ୍ଥା ରହିଥିବା ଯୋଗୁଁ ଏହାର ବ୍ୟବହାରୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଇଥିବା କୁହାଯାଏ। ଗବେଷଣାକାରୀମାନେ ଜାଣିବାକୁ ପାଇଛନ୍ତି ପେଗାସସ୍ ପରି ସ୍ପାଏୱୟାର ସଫ୍ଟୱୟାର ଆଇଫୋନଗୁଡିକ ନିଶାଣ କରିଥାଏ ଏବଂ ୨୦୧୬ରୁ ଆଇଏଏସ ସିଷ୍ଟମ ଦ୍ୱାରା ଏହାକୁ କାର୍ଯ୍ୟକାରୀ କରିଆସୁଛି। ପେଗାସସ୍ ବିରୁଦ୍ଧରେ ମାମଲା ରୁଜୁ କରିବା ପରିବର୍ତେ ଏହାର ଗୋଇନ୍ଦାଗିରିର ଦୃଢ ମୁକାବିଲା ପାଇଁ ଆପଲ' ଏକ ଉପକରଣ ଉଦ୍‌ଭାବନ କରିଛି। ବିରୋଧିଦଳମାନଙ୍କ ପ୍ରତିକ୍ରିୟା ଏବଂ ଭାରତ ସରକାରଙ୍କ ଖଣ୍ଡନ ପରେ ଆପଲ' ସ୍ପଷ୍ଟୀକରଣ ଦେଇ କହିଛି ଯେ, ଏହାର ସତର୍କ ସୂଚନା(ଚେତାବନୀ) ସମ୍ପର୍କିତ ମେସଜ୍ କୌଣସି ଗୋଟିଏ ଦେଶ ପାଇଁ ପ୍ରଯୁର୍ଯ୍ୟ ନୁହେଁ କିମ୍ବା କମ୍ପାନୀ କୌଣସି ରାଷ୍ଟ୍ର ପ୍ରାୟାଜିତ ଆଟାକର୍ସଙ୍କୁ ଦାୟୀ କରେ ନାହିଁ। କମ୍ପାନୀ ଆହୁରି ମଧ କହିଛି ଯେ, କେଉଁ ପରିସ୍ଥିତିରେ ଏଭଳି ମେସେଜ ଜାରି କରିଛି, ତାହା ପ୍ରକାଶ କରାଯାଇପାରିବ ନାହିଁ। କିନ୍ତୁ ସତର୍କ ସୂଚନା(ଓ୍ୱାର୍ଣ୍ଣି ଆଲର୍ଟ)କୁ ଅତିଗୁରୁତ୍ୱର ଭାବେ ଗ୍ରହଣ କରିବାକୁ ଆପଲ' ପରାମର୍ଶ ଦେଇଛି। ଏହା ସତ୍ୟ ଯେ, ବିରୋଧି ରାଜନେତା, ବିଦ୍ରୋହୀ ନେତାମାନଙ୍କ ଟେଲିଫୋନ ଟ୍ୟାପିଂ ଆମ ଦେଶରେ ନୂଆ ନୁହେଁ। ଅତୀତରେ ଟେଲିଫୋନ ଟ୍ୟାପି ଅଭିଯୋଗ ବହୁବାର ହୋଇଛି। ଟେଲିଫୋନ ଟ୍ୟାପିଂକୁ କେନ୍ଦ୍ର କରି ଅତୀତରେ ସ୍ୱର୍ଗତ ରାମକୃଷ୍ଣ ହେଖଡେଙ୍କ ପରି ନିର୍ମଳ ଭାବମୂର୍ତି ସମ୍ପନ୍ନ ନେତା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଆପଲ କମ୍ପାନୀ ଏହି ମେସେଜକୁ ଅଣଦେଖା ନକରିବାକୁ ପରାମର୍ଶ ଦେଇଥିବାରୁ ଏହାକୁ ଏଡାଇ ଦିଆଯାଇନପାରେ। ତେବେ ଏହି ମେସଜ୍ (ଓ୍ୱାର୍ଣ୍ଣି ଆଲର୍ଟ) ସରକାରୀ ପ୍ରାୟୋଜିତ କି ନୁହେଁ, ସେ ନେଇ ସତର୍କ ନଜର ରଖାଯିବା ଜରୁରୀ। ଏହାର ଅନୁଧ୍ୟାନ ପାଇଁ ଏକ ସ୍ୱାଧୀନ ଓ ସଶକ୍ତ ତଦନ୍ତ ଆବଶ୍ୟକ। ସୁପ୍ରିମକୋର୍ଟ ଏହାର ଅନୁଧ୍ୟାନ କରିବା ଆବଶ୍ୟକ, ଯେଉଁଥିରେ କେନ୍ଦ୍ର ସରକାରଙ୍କ ସହଯୋଗ ବାଧ୍ୟତାମୂଳକ ହେବା ଦରକାର। କେନ୍ଦ୍ର ସରକାର ମଧ ଏନଏସଓ ସହ ଡିଲ ଅଭିଯୋଗ ସମ୍ପର୍କରେ ନିଜକୁ ସ୍ୱଚ୍ଛ, ନିର୍ମଳ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଦେଶବାସୀ ଆଶାକରନ୍ତି। ଏହା ବ୍ୟତୀତ ଏଭଳି ସତା'କୁ ନିଷେଧ କରିବା ପାଇଁ ଅନ୍ୟ ସରକାରମାନେ ଗ୍ରହଣ କରିଥିବା ପଦକ୍ଷେପକୁ ଅନୁକରଣ କରିବା ସହ ନିଜକୁ ଅଭିଯୋଗ ମୁକ୍ତ କରନ୍ତୁ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ: ୯୪୩୭୯୯୪୩୭୯

## ଅନ୍ଧଦର୍ଶନ

### ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ

॥ ୧ ॥
ଯେଉଁଠି ଶୁଭୁଚି ବିଜୟ ବାର୍ତ୍ତା
ଆଗମନୀ ସାହାନାଇ,
ସେଇଠି ଶୁଭୁଚି ସବୁକିଛି ତୁଚ୍ଛ
ଆମ୍ବୁଲାନ୍ସର ହାଇ ।

॥ ୨ ॥
ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ
ହେଲ ତୁମେ ଆର୍ବିଭାବ,
ପ୍ରସ୍ଥାନ ପଥେ ପାଦ ରଖିଲଣି
ଘରେ ଦେଉ ଦେଉ ପାଦ ।
ଆନନ୍ଦେ ହସିବି, ଦୁଃଖରେ କାନ୍ଦିବି
କିଛି ନପାରଇ ଜାଣି,
ଥିଲି ମୁଁ ଏକଲା ରହବି ମୁଁ ଏକା
ଜୀବନକୁ ସ୍ୱର୍ଗ ମଣି ।

॥ ୩ ॥
ଆମେ ଯିବା ଅନ୍ଧ ବନି
ହାତୀ ଦେଖିବା ପାଇଁ,
ଦୁଇ ଆଖିରେ ହାତୀ ଦର୍ଶନ
ସମ୍ଭବ ହେବ ନାହିଁ ।

+ ବାମପଦା, ବାଲେଶ୍ୱର




## ମୋ ଭଳି ପାପୀକୁ

### ଶ୍ରୀ ଚନ୍ଦ୍ରଶେଖର ସାହୁ

ମୋ ଭଳି ପାପୀକୁ ଦରଶନ ଦେବୁ କେବେ ମୁହିଁ ଭାବି ନାହିଁ
ତୁଣ୍ଡରେ ଭଜୁଛି ରାମକୃଷ୍ଣ ନାମ ବଡଦାଣ୍ଡେ ବୁଲେ କାହିଁ ।(୦)

ଆନନ୍ଦ ବଜାରେ ଆନନ୍ଦ ଖୋଜୁନି ମୁଁ ଜଣେ ପତିତ ବୋଲି
ପତିତ ପାବନ ନାମ ନେଇଅଛୁ ଉଦ୍ଧରିବୁ ନିଶ୍ଚେ କାଲି
ଭରସା କରିଛି ବଡଠାକୁର ତୁ ତୋଠାରୁ ବଡ କେ ନାହିଁ ।

ଜଗତର ନାଥ ମୁଁ ଜଣେ ଅନାଥ ଡାକେ ଅନ୍ତରରେ ଖାଲି
ମୋ ଡାକ ଶୁଭୁକି ନଶୁଭୁ ଯଦିବା କିଛି କହିବିନି ଖୋଲି
ତୁମେ ସବୁ ଜାଣ ଜଗତ କରତା କହିବାକୁ କିଛି ନାହିଁ ।

ମୋ ଭଳି ପାପୀକୁ ଦରଶନ ଦେବୁ କେବେ ମୁହିଁ ଭାବି ନାହିଁ
ତୁଣ୍ଡରେ ଭଜୁଛି ରାମକୃଷ୍ଣ ନାମ ବଡଦାଣ୍ଡେ ବୁଲେ କାହିଁ ।(୦)

କସାପ, ଅହିୟାସ,ଯାଜପୁର -୭୫୫୦୩୬
ମୋ - ୭୮୭୩୬୯୩୮୦୭

## ଲଗାଇବା ଗଛ

### ସାବିତ୍ରୀ ମଲ୍ଲିକ

ଆସଭାଇ ସାଙ୍ଗହୋଇ
ଲଗାଇବା ଗଛ,
ଏହାଦ୍ୱାରା ପରିବେଶ
ହୋଇଯିବ ସ୍ୱଚ୍ଛ।

ସେଇ ଟିକିଗଛ ଦିନେ
ବଡ଼ ହୋଇ ପରା,
ଅମ୍ଳଜାନ ବାଣ୍ଟି ଦେବ
ଖୁସି ହେବ ଧରା ।

ଫଳ,କାଠ ତା' ଠାରୁ
ସବୁ ଆମେ ପାଇ,
ସତ ବନ୍ଧୁ ବୋଲି କହି
ଯିବା ଗୁଣ ଗାଇ ।

କାଟିବାନି କେବେ ହେଲେ
କରିନେବା ପଣ,
ନିଆଁ ଲଗାଇବା ନାହିଁ
ଗଛ ଲତା ବଣ।

ସବୁବେଳେ ମନଦେଇ
ଯତ୍ନ ନେଲେ ତା'ର
ଭଲେ ବଞ୍ଚିବା ସମସ୍ୟା
ହେବନାହିଁ କା'ର ।

+ ଦଶରଥପୁର, ଯାଜପୁର, ଓଡ଼ିଶା

## ହେମନ୍ତ ଆଗମନେ...

### ରାମଚନ୍ଦ୍ର ବେହେରା

ହେମନ୍ତ ଆସିଛି ମରତେ ଧାଇଁ
କି ସୁନ୍ଦର ଲାଗେ ସବୁଜ ମହୀ
ସଫା ଦିଶେ ପରିବେଶ
ନୀଳ ସବୁଜିମା ନାହିଁ ତା' ଉପମା
ହସୁଛି ନୀଳ ଆକାଶ।

ସକାଳର ଖରା ଲାଗେ ମନଲୋଭା
ମନ କିଣିନିଏ ଗୋଧୂଳିର ଆଭା
ଶିଶିର ଆସଇ ହସି
ଘାସ ପତରରେ ଝଲମଲ ଦିଶେ
ମନେ ଭରିଦିଏ ଖୁସି।

ଦିନର ଅବଧି ଗଲାଣି ନଇଁ
ଧୀର ପବନରେ ହସୁଛି ମହୀ
ଲାଗୁଛି ଅଳପ ଶୀତ
ସଂଜ ଓ ସକାଳେ ଘନ କୁହୁଡିରେ
ଦିଶୁନାହିଁ ରାସ୍ତା ଘାଟ।

ଧାନ ହସିଲାଣି ଦୂର ଗହିରରେ
ଫୁଲ ଉଡାଉଛି ହରଷ ମନରେ
ଚାଷୀ ମୁହେଁ ଫୁଟେ ହସ
କାର୍ତ୍ତିକରେ ସର୍ବେ ଭକ୍ତି ଭାବନାରେ
ପାଳନ୍ତି ଧରମ ମାସ।

ହବିଷ ବ୍ରତକୁ ସାଥିରେ ନେଇ
କାର୍ତ୍ତିକ ଆସିଛି ସଜେଇ ହୋଇ
ଆସୁଅଛି ଦୀପାବଳି
ଲକ୍ଷ୍ମୀ ଗଣେଶଂକୁ ପୂଜିବେ ସଭିଏଁ
ପବିତ୍ର ଦୀପକୁ ଜାଳି।

ହେମନ୍ତ ପରଶେ ବଢଇ ରାତି
ପ୍ରାତଃ ଭ୍ରମଣରେ ଜନେ ଯାଆନ୍ତି
କାର୍ତ୍ତିକର ହେଲେ ଅନ୍ତ
ମାଣବସା ପର୍ବ ଆସିବ ରାଇଜେ
ପୂଜା ହେବେ ଲକ୍ଷ୍ମୀମାତ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଚନ୍ଦ୍ରମା କି ତୁମେ ତାରା

### ସୁହଂସ ଭୋଇ

ନୀଳ ଅକାଶର ଚାରୁ ଚପଳା
ଚନ୍ଦ୍ରମା କି ତୁମେ ତାରା
ମନ ଖୋଲି କୁହ ମୁଗ୍ଧ ମାନସୀ
ମେଘ ନା ବରଷାଧାରା ।
କ୍ଷୀଣ ତନୁ ଗୋଟି ଚନ୍ଦ୍ରମଲ୍ଲୀକା
ଓଠ ଗୋଲାପ ପାଖୁଡ଼ା
ରୂପ ରଙ୍ଗ ବାସ ଗଙ୍ଗଶିଉଳୀ
ହସ ତୁମ କୃଷ୍ଣଚୁଡା।
ହୃଦୟ ତୁମର ପଦ୍ମ ପୋଖରୀ
କବରୀ କଳା ଗଜରା
ନୀଳ ଅକାଶର ଚାରୁ ଚପଳା
ଚନ୍ଦ୍ରମା କି ତୁମେ ତାରା।
ଚାଲିରେ ଫୁଟୁଛି ମଲ୍ଲି ମାଳତୀ
ଶେଫାଳି ଆଖିର ପତା
ପ୍ରଣୟ ମନର ଚିତ୍ର ତୁମର
କବିତା ବନିତା ଲତା।
ଚାହାଣି ନିରୀହ କଣ୍ଠ କୋକିଳ
କଥା ମଧୁ ପ୍ରୀତି ଭରା
ନୀଳ ଅକାଶର ଚାରୁ ଚପଳା
ଚନ୍ଦ୍ରମା କି ତୁମେ ତାରା।

+ପହଣ୍ଡି, ବରଗଡ଼

# କାର୍ତ୍ତିକ ବ୍ରତ : ଓଡ଼ିଶାର ନିଆରା ପରମ୍ପରା



## ଯଶସ୍ୱିନୀ ପଟ୍ଟନାୟକ



ବର୍ଷର ବାର ମାସ ଭିତରୁ ଚାରିଟି ମାସ ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ହେଉଛି ଅତି ପବିତ୍ର ଓ ଧର୍ମ ମାସ । କାର୍ତ୍ତିକ ହେଉଛି ଶ୍ରେଷ୍ଠ ଧର୍ମ ମାସ । ଆବାଳ ବୃଦ୍ଧ ବନିତା ପ୍ରତ୍ୟୁଷରୁ ସ୍ନାନ କରି ମାସସାରା ଦେବଦର୍ଶନ କଲେ ମହାପୁଣ୍ୟ ପ୍ରାପ୍ତି ହୁଏ । ବିଧବା ତଥା ସାଧବାମାନେ କାର୍ତ୍ତିକ ମାସରେ ହବିଷ୍ୟ ପାଳନ କରନ୍ତି । ହବିଷ୍ୟ ପାଳନ କରୁ ନଥିବା ମହିଳା - ପୁରୁଷ ନିର୍ବିଶେଷରେ ସମସ୍ତେ ଆମିଷ ଭୋଜନ ପରିତ୍ୟାଗ କରନ୍ତି । ହିନ୍ଦୁ ବ୍ରାହ୍ମଣ ଘରର ବିଧବାଙ୍କ ପାଇଁ ହବିଷ୍ୟ ପାଳନ ଏକ ବିଧି ଭାବେ ପ୍ରଚଳିତ । ପ୍ରତ୍ୟୁଷରୁ ସ୍ନାନ ଓ ଦେବଦର୍ଶନ ପରେ ଏକାଠି ହୋଇ ହବିଷ୍ୟାଳିମାନେ ଚଉରା ମୂଳେ ରାଇ ଦାମୋଦର ପୂଜା କରନ୍ତି ଏବଂ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣ କରନ୍ତି । ସୂର୍ଯ୍ୟାସ୍ତ ପୂର୍ବରୁ ହବିଷ୍ୟ ପାଳନ କରନ୍ତି । ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କାର୍ତ୍ତିକ ବ୍ରତର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ପଥକୁ ଆଲୋକିତ କରିବା ସକାଶେ ସୁଉଚ୍ଚ ସ୍ଥାନରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥାଏ । କାର୍ତ୍ତିକ ମାସରେ ତୁଳସୀ ବୃକ୍ଷକୁ ଭକ୍ତି ସହକାରେ ଆରାଧନା କରାଯାଏ । ଜଗନ୍ନାଥଙ୍କୁ ପ୍ରତିଦିନ ତୁଳସୀ ଲାଗି କରାଯାଏ । କିମ୍ବଦନ୍ତୀ ଅନୁସାରେ ରାକ୍ଷସ ଜଳନ୍ଧର ନିଜ ସତୀ, ସ୍ୱାଧୀ ପତ୍ନୀ ବୃନ୍ଦାବତୀଙ୍କ ପାତିବ୍ରତ୍ୟ ବଳରେ ବଳୀୟାନ ହୋଇ ଉଠିଥିଲା । ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ସେ ଅଜେୟ, ଅମର ରହିଥିଲା । କାର୍ତ୍ତିକ ମାସର ସୋମବାର ଦିନ ଶିବଙ୍କୁ ପୂଜା କରାଯାଏ ଏବଂ ସୋମବାର ବ୍ରତ ପାଳନ କରାଯାଏ । କାର୍ତ୍ତିକ ସୋମବାର ହବିଷ୍ୟ ପାଳନ ପୂର୍ବକ ଆଶୁତୋଷଙ୍କ ପୂଜାକଲେ ରୋଗ ଶୋକରୁ ମୁକ୍ତି ମିଳେ । ଏହି ମାସରେ ମୃତ୍ୟୁବରଣ କଲେ ସ୍ୱର୍ଗପ୍ରାପ୍ତି ହେବାର ବିଶ୍ୱାସ ରହିଛି । ହିନ୍ଦୁଧର୍ମରେ ବାର ମାସରେ ତେର ପରବ ପାଳନ କରାଯାଏ । ବ୍ରତ ପାଳନ ଦ୍ୱାରା ସମସ୍ତ ପାପରୁ ତ୍ରାହି ମିଳେ, ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ପୁରାଣ ଓ ଧର୍ମଶାସ୍ତ୍ର ଅନୁସାରେ, ଅନ୍ୟ ମାସ ଅପେକ୍ଷା କାର୍ତ୍ତିକ ମାସରେ ବ୍ରତ ଉପବାସର ମହତ୍ତ୍ୱ ଅଧିକ ଥାଏ । କାର୍ତ୍ତିକରେ ବ୍ରତ ଉପବାସ କରୁଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି ହୁଏ । ଏହି ମାସରେ ଭଗବାନ ବିଷ୍ଣୁଙ୍କ ଉପାସନା କ୍ରମ ଆରମ୍ଭ ହୋଇଥାଏ । ଏହି ମାସରେ ସ୍ୱାମୀଙ୍କ ରକ୍ଷା ପାଇଁ କରବା ଚୌଥ, ରମା ଏକାଦଶୀ, ଗୌବତ୍ସ ଦ୍ୱାଦଶୀ, ଧନତେରସ୍, ନରକ ଚତୁର୍ଦ୍ଦଶୀ, ହନୁମାନ ଜୟନ୍ତୀ, ମା'ଲକ୍ଷ୍ମୀଙ୍କ ଦୀପାବଳି, ଅନ୍ନକୂଟ ମହୋତ୍ସବ, ଗୋବର୍ଦ୍ଧନ ପୂଜା, ଭାଇ ପୂଜା, ଛଟପୂଜା ଆଦି ପଡ଼ିଥାଏ । ହିନ୍ଦୁ ପଞ୍ଜିକାରେ ୧୨ଟି ଚନ୍ଦ୍ରମାସ ରହିଛି । କାର୍ତ୍ତିକ ଅଷ୍ଟମ ଚନ୍ଦ୍ରମାସ । ଧର୍ମଶାସ୍ତ୍ରରେ ସବୁଠାରୁ ପୂଣ୍ୟ ମାସ ଭାବେ କାର୍ତ୍ତିକକୁ ବିବେଚନା କରାଯାଏ । ପଦ୍ମପୁରାଣରେ ଏହି ମାସକୁ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାନକାରୀ ମାସ ବୋଲି ମାନ୍ୟତା ରହିଛି । ପୌରାଣିକ କଥାବସ୍ତୁ ଅନୁଯାୟୀ, କାର୍ତ୍ତିକ ମାସରେ ଦୀପଦାନ ଦ୍ୱାରା ମନୁଷ୍ୟର ସମସ୍ତ ପାପ ନଷ୍ଟ ହୋଇଥାଏ । କୁହାଯାଏ, ଏହି ମାସରେ ଯେଉଁ ବ୍ୟକ୍ତି ଦେବାଳୟ, ନଦୀକୂଳ, ତୁଳସୀ ଗଛ ମୂଳରେ କିମ୍ବା ନିଜ ଶୟନ କକ୍ଷରେ ଦୀପ ଜାଳିଥାଏ, ତାକୁ ସମସ୍ତ ପ୍ରକାର ସୁଖ ପ୍ରାପ୍ତି ହୋଇଥାଏ । ଏହି ମାସରେ ସକାଳର ସ୍ନାନକୁ ବହୁତ ଶୁଭ କୁହାଯାଏ । କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ନଦୀ, ପୋଖରୀ, କୂଅ ଅଥବା ନଳକୂପ ଜଳରେ ସ୍ନାନ କଲେ ସୁଖ, ସମୃଦ୍ଧି, ଆୟୁ ବୃଦ୍ଧି ସହ ଆରୋଗ୍ୟ ପ୍ରାପ୍ତି ହୋଇଥାଏ ।

ହେମନ୍ତ ପ୍ରକୃତିର ମେଘମୁକ୍ତ ଆକାଶ ତଳେ ଧରଣୀ ରାଣୀ ପାର୍ବତୀ ନନ୍ଦନ କାର୍ତ୍ତିକେୟଙ୍କ ବନ୍ଦନାରେ ଆତ୍ମବିସ୍ମୃତ ହୋଇଉଠେ । ଦେବ ସେନାପତି ଚିରକୁମାର କାର୍ତ୍ତିକେୟଙ୍କ ଆରାଧନା ଏହି ମାସରେ କରାଯାଏ । କାର୍ତ୍ତିକ ଏକ ଧର୍ମ ମାସ ରୂପେ ପରିଚିତ । ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ-ବୃଦ୍ଧ-ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନରେ ଆତ୍ମବିଭୋର ହୋଇଉଠୁଥିବାର ପରିଲକ୍ଷିତ ହୁଏ । ପୂର୍ଣ୍ଣିମା ପର୍ବ ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ ନାମରେ ପରିଚିତ । ଏହି ପାଞ୍ଚ ଦିନରେ ଅଧିକାଂଶ ହିନ୍ଦୁ ଲୋକ ଆମିଷ ପରିହାର ପୂର୍ବକ ଧର୍ମୀୟ ମନୋଭାବରେ ଦେବତାଙ୍କୁ ପୂଜା କରିଥାନ୍ତି । କୁହାଯାଏ, ଏହି ପାଞ୍ଚଦିନ କାଳ ବଗ ମଧ ଆମିଷ ସ୍ପର୍ଶ କରେନାହିଁ । ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପଞ୍ଚକ ଅନୁଷ୍ଠିତ ହୁଏ । ଏହିଦିନ ସ୍ତ୍ରୀଲୋକମାନେ ରାଇ-ଦାମୋଦର ବ୍ରତ ଉଦ୍ୟାପନ କରିଥାନ୍ତି । ବିଧବାମାନଙ୍କ ପାଇଁ ଏହି କାର୍ତ୍ତିକ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି । ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗପୂର୍ବକ ସ୍ନାନ ସମାପନ ପରେ ସେମାନେ ଦେବାଦେବୀ ଦର୍ଶନ ପାଇଁ ଗମନ କରନ୍ତି ଏବଂ ଦେବାଳୟରୁ ପ୍ରତ୍ୟାବର୍ତ୍ତନ ପରେ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣରେ ମନୋନିବେଶ କରିଥାନ୍ତି । ତୁଳସୀ ବୃକ୍ଷକୁ ଏହି ମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଇଥାଏ । କିମ୍ବଦନ୍ତୀ ରହିଛି ଯେ ରାକ୍ଷସ ଜଳନ୍ଧର ନିଜ ସତୀ, ସାଧ୍ୱୀ ପତ୍ନୀ ତୁଳସୀଙ୍କ ପତିବ୍ରତା ବଳରେ ବଳୀୟାନ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁଚେଷ୍ଟା ସତ୍ତ୍ୱେ ଜଳନ୍ଧରର କୌଣସି ଅନିଷ୍ଟ କରିପାରିନଥିଲେ । ଆକାଶଦୀପ ପ୍ରତିଷ୍ଠା ପବିତ୍ର କାର୍ତ୍ତିକ ବ୍ରତର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ । କାର୍ତ୍ତିକମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ । ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ପ୍ରଦୀପ ଜ୍ୱଳନ ବିଧି ପ୍ରଚଳିତ । ତେଣୁ ପ୍ରାୟତଃ ପ୍ରତ୍ୟେକ ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପରେ ପ୍ରତି ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳିତ କରି ରଖାଯାଇଥାଏ । କିମ୍ବଦନ୍ତୀରୁ ଜଣାଯାଏ ଦଣ୍ଡକାରଣ୍ୟରେ ସୀତାଙ୍କ ସହିତ ରାମଚନ୍ଦ୍ର ବନ ଭ୍ରମଣ କରୁଥିବା ସମୟରେ ସେଠାରେ ମୁନିଋଷିମାନେ ରାମଚନ୍ଦ୍ରଙ୍କ କାନ୍ତି ସନ୍ଦର୍ଶନରେ ମୁଗ୍ଧ ହୋଇ ନାରୀ ରୂପେ ତାଙ୍କ ସାହଚର୍ଯ୍ୟ ଲାଭ କରିବାକୁ ମନେ ମନେ ଇଚ୍ଛା ପ୍ରକାଶ କଲେ । ନରଦେହୀ ଗୋଲକ ବିହାରୀ ମୁନିଋଷିଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟ ଅବଗତ ହୋଇ ସେମାନଙ୍କ ଅଭୀପ୍ସା ଚରିତାର୍ଥ ହେବା ସକାଶେ ଦ୍ୱାପର ଯୁଗରେ ସେମାନେ ଗୋପୀ ରୂପେ ଜନ୍ମଲାଭ କରିବାକୁ ବର ପ୍ରଦାନ କଲେ । ତଦନୁସାରେ ସେମାନେ ଗୋପୀ ରୂପେ ଜନ୍ମଲାଭ ଏବଂ ସ୍ୱୟଂ ନାରାୟଣ କୃଷ୍ଣ ରୂପେ ଆବିର୍ଭୁତ ହୋଇ ସେମାନଙ୍କ ବାସନା ଚରିତାର୍ଥ କରିଥିଲେ । ଗୋପାଙ୍ଗନାମାନେ କୃଷ୍ଣଙ୍କ ସାନିଧ୍ୟ ଲାଭ ଆଶାରେ କୁମାର ପୂର୍ଣ୍ଣିମା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରତ୍ୟୁଷରୁ ସ୍ନାନ ସମାପନ ପୂର୍ବକ ବାଲିରେ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରୁଥିଲେ । ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବା ବିଧି ପ୍ରଚଳିତ । ସେ ଦିନ ସମସ୍ତେ କଦଳୀ ବାହୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ଭସାଇଥାନ୍ତି । ଧର୍ମଶାସ୍ତ୍ରରେ ସବୁଠାରୁ ପୂଣ୍ୟ ମାସ ଭାବେ କାର୍ତ୍ତିକକୁ ବିବେଚନା କରାଯାଏ । ପଦ୍ମପୁରାଣରେ ଏହି ମାସକୁ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାନକାରୀ ମାସ ବୋଲି ମାନ୍ୟତା ରହିଛି । ପୌରାଣିକ କଥାବସ୍ତୁ ଅନୁଯାୟୀ, କାର୍ତ୍ତିକ ମାସରେ ଦୀପଦାନ ଦ୍ୱାରା ମନୁଷ୍ୟର ସମସ୍ତ ପାପ ନଷ୍ଟ ହୋଇଥାଏ । କୁହାଯାଏ, ଏହି ମାସରେ ଯେଉଁ ବ୍ୟକ୍ତି ଦେବାଳୟ, ନଦୀକୂଳ, ତୁଳସୀ ଗଛ ମୂଳରେ କିମ୍ବା ନିଜ ଶୟନ କକ୍ଷରେ ଦୀପ ଜାଳିଥାଏ, ତାକୁ ସମସ୍ତ ପ୍ରକାର ସୁଖ ପ୍ରାପ୍ତି ହୋଇଥାଏ । ଏହି ମାସରେ ସକାଳର ସ୍ନାନକୁ ବହୁତ ଶୁଭ କୁହାଯାଏ । କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ନଦୀ, ପୋଖରୀ, କୂଅ ଅଥବା ନଳକୂପ ଜଳରେ ସ୍ନାନ କଲେ ସୁଖ, ସମୃଦ୍ଧି, ଆୟୁ ବୃଦ୍ଧି ସହ ଆରୋଗ୍ୟ ପ୍ରାପ୍ତି ହୋଇଥାଏ ।


+ ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୨୧ ॥
(ପୂର୍ବ ପ୍ରକାଶିତ ଉତ୍ତାରୁ)

ପୁଣି ଶହଶହ ବର୍ଷ ବିତି ଗଲା ।

ମୀନ ଅବତାରଙ୍କ ସମୟ ଶେଷ ପ୍ରାୟ ହୋଇ ବରାହ ଅବତାର ଧାରଣ କରିବାର ମଧ୍ୟବର୍ତ୍ତୀ ସମୟ । ସ୍ଥଳ ଓ ଜଳ ଭାଗ ଉଭୟରେ ପରିଣତ ହୋଇଥିବା ଏହି ପୃଥିବୀ ଉପରେ ଏକ ଚତୁଃସ୍ପଦ କଚ୍ଛପ ଭ୍ରମଣ କରିବାରେ ଲାଗିଲା । ଭାରତୀୟ ମୁନି ଋଷି ମାନେ ଉତ୍ତର, ପଶ୍ଚିମ ସମୁଦ୍ର କୂଳରେ ସେହି ବିଚିତ୍ର ଜୀବକୁ ଦେଖି ଦିନେ ବିସ୍ମିତ ହୋଇ ଯାଇଥିଲେ । ପୁଣି ଥରେ ବାରଣାସୀର ଗଙ୍ଗାନଦୀ କୂଳରେ ଭାରତୀୟ ବୈଜ୍ଞାନିକ ଧନ୍ୱନ୍ତରୀ ସେହି ଆଶ୍ଚର୍ଯ୍ୟ ଉଭୟଚର ପ୍ରାଣୀମାନଙ୍କୁ ଦେଖି ଆନନ୍ଦରେ ବିହ୍ୱଳ ହୋଇଯାଇଥିଲେ !!

ସେତେବେଳେ ଯଜ୍ଞେଶ୍ୱର ନାମକ ବ୍ରହ୍ମାଙ୍କର ସମୟ । ସେ ହିଁ ଥିଲା ସେତେବେଳେ ଉଭୟଚର ପ୍ରାଣୀମାନଙ୍କ ମଧ୍ୟରେ ସବୁଠାରୁ ଦୀର୍ଘ ଜିବୀ ଉଭୟଚର ଏକ ଅଣ୍ଡଜପ୍ରାଣୀ । ଶତ୍ରୁ କବଳରୁ ରକ୍ଷା ପାଇବା ପାଇଁ ତାଙ୍କର ଥିଲା ଅତି କଠିନ ଚର୍ମର ଏକ ବହିରାବରଣ । ସେଜଳ ଓ ସ୍ଥଳ ଉଭୟରେ ବିହାର କରୁଥିଲେ ଏବଂ ଏକ ନୂତନ ଗଠିତ ଅବୟବକୁ ଧାରଣ କରିଥିଲେ । ସମୟ କ୍ରମେ ସେହି କଚ୍ଛପ ହିଁ ହୋଇଗଲେ ଭଗବାନଙ୍କର ଦ୍ୱିତୀୟ ଅବତାର !

ସେହି ସମୟରେ ପୃଥିବୀରେ ବହୁ ଭୂସ୍ଖଳନ ଓ ଭୂଚଳନ ହୋଇ ଥିଲା । ବିରାଟ, ବିରାଟ ପର୍ବତ ଓ ଜଳାଶୟ ମାନସୃଷ୍ଟି ହୋଇଥିଲା । ସେତେବେଳେ ଏହି ସମୟର ଅନୁଶୀଳନ କରୁଥିବା ଯୋଗ ମଗ୍ନ ଆର୍ଯ୍ୟ ଋଷି ମାନଙ୍କ ମନରେ ପ୍ରଶ୍ନଉଠିଥିଲା, ତେବେ କ'ଣ ସେଦିନ ଜଳ ଭାଗରେ ସୃଷ୍ଟି ହୋଇଥିବା ସେହି ପ୍ରକାଣ୍ଡ କାୟ ଉଭୟଚର ପ୍ରାଣୀଟି ହିଁ ଥିଲା ଭଗବାନଙ୍କର ଦ୍ୱିତୀୟ ଅବତାର ? କାରଣ, କଚ୍ଛପଙ୍କର ସୃଷ୍ଟି ହେବାର ସମୟ ସେହି ଅନୁଶୀଳନ କରୁଥିବା ବୈଜ୍ଞାନିକମାନଙ୍କର ସମୟର ବହୁ ପୂର୍ବ ସମୟ ଥିଲା ।

ଏହି ପୃଥିବୀର ସୃଷ୍ଟି ପ୍ରାୟ ୪.୫୪ କୋଟି ବର୍ଷତଳେ ହୋଇଥିଲା ବେଳେ ମନୁଷ୍ୟ ମାତ୍ର ୫ ରୁ ୭ ନିୟୁତ ବର୍ଷ ତଳେ ସୃଷ୍ଟି ହୋଇଥିଲା । କଚ୍ଛପ ଅବତାର ମୀନ ଅବତାରଙ୍କ ପରେ ସୃଷ୍ଟି ହୋଇଥିଲା ଏବଂଏହା ଥିଲା ଭଗବାନଙ୍କର ଦ୍ୱିତୀୟ ଅବତାର । କିନ୍ତୁ ଭାଗବତରେ ଭଗବାନଙ୍କର ନୃସିଂହ ଅବତାର ପରେ ହିଁଏହି କଚ୍ଛପ ଅବତାର ଦୃଷ୍ଟି ପଥକୁ ଆସିଥିଲେ ଏବଂ ସମୁଦ୍ର ମନ୍ଥନରେ ସହାୟତା କରିଥିଲେ । ଅର୍ଥାତ, କଚ୍ଛପ ହିଁ ଥିଲେ, ଜଳଚର ପ୍ରାଣୀ ମାନଙ୍କ ପରେ ପ୍ରଥମ ବୃହତ୍ତମ,ଦୀର୍ଘ ଜିବୀ ଉଭୟଚର ପ୍ରାଣୀ ବା ଦ୍ୱିତିୟ ବିସ୍ମିତ ଜୀବ, କିନ୍ତୁ ସମୁଦ୍ର ମନ୍ଥନରେ ସହାୟତା କରିଥିବା କଚ୍ଛପଙ୍କଠାରୁ ହିଁ ତାଙ୍କୁ ଅବତାର ଭାବେ ଗ୍ରହଣ କରାଗଲା । ମହର୍ଷି ବେଦ ବ୍ୟାସ ଯେତେବେଳେ ମୀନ ଅବତାରଙ୍କ ବିଷୟରେ ଲେଖିଥିଲେ, ସେ ପ୍ରଥମରେ ଏକ କ୍ଷୁଦ୍ର ଶଫରୀ ବିଷୟରେ ଲେଖିଥିଲେ । କିନ୍ତୁ,ପ୍ରଳୟ ଜଳରେ ବେଦକୁ ସୁରକ୍ଷିତ ରଖି ଥିବା ରାଘବ ମତ୍ସ୍ୟ ଏକ ବିଶାଳ କାୟ ବା ମତ୍ସ୍ୟଙ୍କର ପୂର୍ଣ୍ଣରୂପ ଥିଲେ ।

ଠିକ୍ ସେହିପରି କଚ୍ଛପ ଅବତାରଙ୍କ ସମୟରେ ମଧ ସେ ଧ୍ୟାନରେ, ପୃଥିବୀ ସୃଷ୍ଟି ହେବାର ଚାରି ଶହ ବତିଶ କୋଟି ବର୍ଷ ପରକୁ ଫେରିଗଲେ । ଭାଗବତଙ୍କ ଭାଷାରେ ଯେତେବେଳେ ରସାତ୍ମକ ଉଦକ ବା ସୃଷ୍ଟି ଉପଯୋଗୀ ଜଳ ପୃଥିବୀକୁ ଆସିଗଲା ଓ ଜଳାଶୟ ମାନ ସୃଷ୍ଟି ହେଲା, ସେଥିରେ ମୀନ ମାନେ ସୃଷ୍ଟି ହେଲେ । ତାହା ପରେ ଆତ୍ମ ରକ୍ଷା ପାଇଁ କଠିନ ଆବରଣ ଥିବା ଗେଣ୍ଡା, ଶାମୁକା,କଙ୍କଡା, କଚ୍ଛପ, ଶଙ୍ଖ ଓ କୁମ୍ଭୀର ଆଦି ଜୀବ ସୃଷ୍ଟି ହେଲେ । ଏମାନେ କ୍ଷୁଦ୍ର ଆକୃତି ରଥିଲେ । କିନ୍ତୁ କଚ୍ଛପ ଅବତାର ବେଳକୁ ସେ ଏକ ବିଶାଳ କାୟ ଓ ପୂର୍ଣ୍ଣାଙ୍ଗ କଚ୍ଛପ ଥିଲେ ।

ଯେତେବେଳେ ବ୍ୟାସଦେବ ଅବା ତାଙ୍କ ପୂର୍ବ ବର୍ତ୍ତୀ ମୁନି,ଋଷି ମାନେ ଅଥବା ସ୍ୱୟଂ ଯଜ୍ଞେଶ୍ୱର ବ୍ରହ୍ମା କଚ୍ଛପ ଅବତାରଙ୍କ ବିଷୟରେ ଅନୁଶୀଳନ କରୁଥିଲେ, ତାଙ୍କ ସମୟ ରେ ସମଗ୍ର ପୃଥିବୀ ପ୍ଲକ୍ଷ( ହିମାଳୟର ଚତୁଃ ପାର୍ଶ୍ୱ ଏବଂ ସମଗ୍ର ଇଉରୋପ ମହାଦେଶ), ଶାକ (ଆଫ୍ରିକା),କୁଶ( ଯାହା ସମୁଦ୍ର ମଧ୍ୟରେ ଥିଲା । ନିଉଜି ଲ୍ୟାଣ୍ଡ ହୋଇ ପାରେ,), କ୍ରଉଞ୍ଚ ( ଜାପାନ, ଚୀନ , ଉତ୍ତର ପୂର୍ବ ଇଉରୋପ ଆଦି), ପୁଷ୍କର ( ଏହା ଆମେରିକା ଅବା ଭାରତର ପଶ୍ଚିମ ଉପକୂଳ) କାଳୀନ (ଅଷ୍ଟ୍ରେଲିଆ ) ଏବଂ ଶାଲ୍ମଳୀ ( ଅଷ୍ଟ୍ରେଲିଆର ଉତ୍ତର, ଦକ୍ଷିଣ ଆମେରିକା ଅବା ଲଣ୍ଡନ ଆଦି ଅଞ୍ଚଳ ହୋଇପାରେ) ଏବଂ ଜମ୍ବୁ ବା ଭାରତ ଏହିପରି ସାତଟି ସ୍ଥଳ ଭାଗରେ ବିଭକ୍ତ ଥିଲା ଏବଂ ଜଳ ଭାଗକୁ ଲବଣ, ଇକ୍ଷୁ, କ୍ଷୀର, ଦଧି, ସୁରା ଏହି ପଞ୍ଚ ସମୁଦ୍ରରେ ବିଭକ୍ତ କରା ଯାଇଥିଲା । ଏଠାରେ ମୁଁ ଦେଇଥିବା ଦ୍ୱୀପ ଓ ସମୁଦ୍ରର ତଥ୍ୟ ଏକ ଶେଷ ସତ୍ୟ ନୁହେଁ । ଏହା କେବଳ ମୋର ବ୍ୟକ୍ତିଗତ ଅନୁମାନ ଅଟେ ।) ସେତେବେଳେ ବଙ୍ଗୋପସାଗର ହିଁ ଲବଣ ସାଗର ଥିଲା ଏବଂଗଙ୍ଗା ନଦୀ ଅଳକାନନ୍ଦା ନାମରେ ସୁବର୍ଣ୍ଣ ଗିରି ବା ହିମାଳୟରୁ ଆସି ଏହି ଲବଣ ସମୁଦ୍ର ରେ ପଡିଥିଲା । ସେତେବେଳେ ପୃଥିବୀ ଏବଂ ଜଳ ଆବର୍ଜ୍ଜନା ମୁକ୍ତ ଥିବାରୁ, ସମସ୍ତ ସମୁଦ୍ରର ଜଳ ବୋଧହୁଏ ଲବଣାକ୍ତ ନଥିଲା । ଆର୍ଯ୍ୟଋଷି ମାନେ ଏକମାତ୍ର ଲବଣ ସାଗର ବିଷୟରେ ଅବଗତ ଥିଲେ । କିମ୍ବା ,ସମୁଦ୍ର ଗୁଡ଼ିକର ରଙ୍ଗ ଓ ଗୁଣ ଅନୁସାରେ ନାମ କରଣ କରା ଯାଇଥିଲା ।

ସେହି ସମୟରେ ହିରଣ୍ୟ, ହିରଣାକ୍ଷ, ପ୍ରହଲ୍ଲାଦ, ବିରୋଚନ ତଥା ବଳି ପର୍ଯ୍ୟନ୍ତ ଅସୁର ବଂଶ ସୃଷ୍ଟି ହୋଇ ସାରି ଥିଲା ।ଏହି ଅସୁର ମାନେ ପ୍ରଜାପତି କଶ୍ୟପଙ୍କଠାରୁ ସୃଷ୍ଟି ହୋଇଥିଲେ । ଏମାନେ ବ୍ରହ୍ମାଙ୍କ ବରରେ ବଳିୟାନ ଥିଲେ । ଏମାନେ ଜଡ଼ ବାଦୀ ବା ବସ୍ତୁବାଦୀ ବୈଜ୍ଞାନିକ ଥିଲେ । ଏମାନେ ପ୍ରାୟ ତପସ୍ୟା ବଳରେ ତନ୍ତ୍ର, ଭୋଜବାଜୀ ବିଜ୍ଞାନ, ବାହ୍ୟ ବିଜ୍ଞାନରେ ବ୍ରହ୍ମାଙ୍କ ବର ଲାଭ କରିଥିଲେ ।ଯୋଗ ଓ ସାଧନା, ତପସ୍ୟା, ପ୍ରେମ ,ଭକ୍ତି ଆଦିରେ ଶକ୍ତିଶାଳୀ ଦେବତା ମାନେ ପୃଥିବୀର ସୃଷ୍ଟି ତତ୍ତ୍ୱ ଜାଣିବା ପାଇଁ ଅସୁର ମାନଙ୍କର ସାହାଯ୍ୟ ନେଲେ । ବସ୍ତୁବିଜ୍ଞାନକୁ ପୃଥିବୀକୁ ଧାରଣ କରି ଥିବା ବାସୁକୀଙ୍କର ମସ୍ତକ ଏବଂ ଯୋଗ, ଧ୍ୟାନ , ପ୍ରେମ ଏବଂ ତପସ୍ୟା ଆଦିକୁ ଲାଙ୍ଗୁଳ ବୋଲି ଧରାଗଲା । ଏହି ଗବେଷଣା କଚ୍ଛପଙ୍କ ଉପରେ ପର୍ଯ୍ୟବେଶିତ ଥିଲା । ଅସୁର ମାନେ ମନ୍ଦର ନାମକ ପ୍ରାଚୀନ ପର୍ବତର ଶିଳା, ମାଟି, ଜୀବ, ଗୁଳ୍ମ, ଲତା, ବୃକ୍ଷ ଏବଂ କ୍ଷୀର ସମୁଦ୍ରର ଜଳକୁ ପର୍ଯ୍ୟବେକ୍ଷଣ କଲେ । ଏହା ବସ୍ତୁ ସମ୍ବନ୍ଧୀୟ ପରୀକ୍ଷା ଓ ଯୋଗ ଲବ୍ଧ ଜ୍ଞାନ ବା ଅନ୍ତର୍ବିଜ୍ଞାନ ଓ ବହିର୍ବିଜ୍ଞାନର ଏକ ତୁମୁଳ ମନ୍ଥନ ହେଲା । ସମୁଦ୍ର ମନ୍ଥନର ଅନ୍ୟ ଏକ ଅର୍ଥ ମଧ ଏହା ହୋଇ ପାରେ ଯେ, ଯେଉଁ ଜ୍ଞାନ ସମୁଦ୍ର ବା ଅଜ୍ଞାତ ଥିଲା ତାହା ଜ୍ଞାତ ହେବା ପାଇଁ ଏହି ମନ୍ଥନ ( ପର୍ଯ୍ୟବେକ୍ଷଣ) ହୋଇଥିଲା କିମ୍ବା ଗବେଷଣାରୁ ଲବ୍ଧ ଜ୍ଞାନ କୁ ମୁଦ୍ରିତ ବା ଅଜ୍ଞାତ ରଖି ଏକ ବିଶ୍ୱାସର କାହାଣୀ ସୃଷ୍ଟି କରାଗଲା ।

(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


# ରାଗିବା ଗୋଟିଏ ରୋଗ

ସମ୍ପର୍କର ରଙ୍ଗ

## ଶ୍ୱେତା ରାଉତ୍



ଅନେକ ସ୍ଥାନରେ ପ୍ରାୟ ଲୋକଙ୍କର ଅଭିଯୋଗ ଥାଏ,ଆମ ଅଫିସର ଟା ଭାରି ଚିଙ୍ଗା, ସବୁବେଳେ ଚିଡ଼ିଚିଡ଼ି ହେଉଛି,ଘର ମାଲିକ ଟା ଭାରି କଞ୍ଜୁସ୍,ମାସ ନ ପୁରୁଣୁ ପଇସା ପାଇଁ ଚବର ଚବର ହେଉଥିବ,ବାପା ଭାରି ରାଗି,ବୁଲିବାକୁ ଯିବା କଥା ମୋର କିଏ ତାଙ୍କୁ କହିବ, ଅମୁକ ଲୋକ ଏମିତି ସମୁକ ଲୋକ ଏମିତି ଆଦି ଅନେକ କଥା । ସତରେ ଆମକୁ କେହି ଚିଡ଼ିକି କହିଲେ ଆଦୌ ଭଲ ଲାଗେ ନାହିଁ,ସେ ବ୍ୟକ୍ତି ସହିତ କଥା ହେବାକୁ ବି ଇଚ୍ଛା ହୁଏ ନାହିଁ ।କିନ୍ତୁ ଥରେ ଭାବନ୍ତୁ ତ ଯାହାକୁ ଆମେ ଚିଡୁଆ ବୋଲି କହୁଛେ,କେବେ ଜାଣିବାକୁ ଚେଷ୍ଟା କରିଛେ କି ସେ କାହିଁକି ଚିଡେ ? ସବୁ ସମୟରେ ଚିଡ୍ ଚିଡ୍ ହେଉଥିବା ଲୋକ ଖରାପ ହୋଇନଥାନ୍ତି ।ସେମାନେ ମୁହଁରେ ଗାଳି କରିଦିଅନ୍ତି ସିନା ହୃଦୟଟା ସଫା ଥାଏ । ମୁହୁର୍ତ୍ତକେ ରାଗିଗଲେ ପୁଣି ମୁହୂର୍ତ୍ତକେ ନମ୍ର ହୋଇଯାଆନ୍ତି ।

ଯାହା ପାଖରେ ସବୁ ସୁଖ ସୁବିଧା ଥାଏ, ଯଶ , ସମ୍ମାନ ଥାଏ, ଯାହା ଚାହେଁ କରିପାରେ, ତାକୁ ରାଗ ଆସିବ ବା କାହିଁକି ? ଅଭାବ, ସଂଘର୍ଷ, ଦୁଃଖ ଅନେକ ସମୟରେ ମଣିଷକୁ ବିଚଳିତ କରିଦିଏ ।କୌଣସି ସଫଳତା କି ସିଦ୍ଧାନ୍ତ ନ ପାଇ ସେ ପରିସ୍ଥିତି ଉପରେ ରାଗେ, ନିଜ ଉପରେ ରାଗେ, ସହକର୍ମୀଙ୍କ ଉପରେ ରାଗେ ।ବ୍ୟକ୍ତି ନଚାହିଁଲେ ବି ଆପେ ଆପେ ମୁହଁରୁ କିଛି ବାହାରିଯାଏ ଯାହା ଅନ୍ୟକୁ ଦୁଃଖଦିଏ । ପରେ ବ୍ୟକ୍ତି ଅନୁତାପ କରେ, ହେଲେ କ୍ଷଣିକ ରାଗରେ କହିଥିବା କଥା ତା ପାଇଁ କାଳ ହୋଇଯାଏ । ତାର ପରିସ୍ଥିତି ବି କେହି ବୁଝନ୍ତିନି, ଓଲଟା ତାର ସେ ବ୍ୟବହାର ସମ୍ପର୍କରେ ଅନ୍ୟମାନଙ୍କୁ କହି ତାକୁ ଆହୁରି ଖରାପ କରାଇଦିଅନ୍ତି ।

କେବେ ଆମର ପରିସ୍ଥିତି ବି ଏମିତି ହେଇପାରେ, ଆମକୁ ବି କ୍ରୋଧ, ରାଗ ଆସିପାରେ ।ତେଣୁ ଆମ ଉପରେ କ୍ରୋଧ କରୁଥିବା ଲୋକଙ୍କୁ ଘୃଣା କରିବା ବଦଳରେ ତାଙ୍କୁ ବୁଝିବା ଦରକାର ଯେ ସେ କୌଣସି ଦୁଃଖ, ଅସଫଳତା, ଅପବାଦ, ଅଭାବ ଯୋଗୁଁ ବୋଧହୁଏ ଏପରି ବ୍ୟବହାର କରୁଛନ୍ତି ।ସେ ନିଜେ ଜଣେ ରୋଗୀ,ରାଗିବା ତାଙ୍କର ସ୍ୱଭାବ ନୁହେଁ, ତାଙ୍କର ଗୋଟିଏ ରୋଗ । ରୋଗ ଭଲ ହେଲେ ବ୍ୟକ୍ତି ସାମାନ୍ୟ ହୋଇଥାଏ,ତେଣୁ ତାଙ୍କର ରୋଗ ଦୂରେଇବା ନିହାତି ଦରକାର ଓ ଏହା କୌଣସି ଔଷଧ ଦ୍ୱାରା ନୁହେଁ,ଆମମାନଙ୍କ ଶ୍ରଦ୍ଧା ଦ୍ୱାରା ସମ୍ଭବ ।

ରାଗିବା ଲୋକଙ୍କଠୁ ଭୟଙ୍କର ହେଉଛନ୍ତି,ଚୁପ୍ ରହି,ଧୀରେ କଥା କହି,ଅନ୍ୟତ୍ର ନାଟ ଲଗାଇ କଳି କରିବା ଲୋକ ।ରାଗି ଲୋକ ତ ଜଣଙ୍କୁ ରାଗିକି ମୁହଁରେ କୁହେ,ହେଲେ ଶାନ୍ତ ଦିଶୁଥିବା ଅନେକ ଲୋକ ଅଛନ୍ତି ଯିଏ ପଦେ ଚୁଗୁଲି କରି ନରମ କଥା କହି ସହସ୍ର ଲୋକଙ୍କୁ ରଗେଇଦେବେ ।ତେଣୁ ରାଗି ହୁଅନ୍ତୁ କି ଶାନ୍ତ ସମସ୍ତେ ନିଜ ସଂସ୍କାର ନେଇ ବ୍ୟବହାର କରନ୍ତି,ଆମେ ହୁଏତ କାହାକୁ ବଦଳେଇ ପାରିବାନି,କିନ୍ତୁ ଅନ୍ୟର ପରିସ୍ଥିତି ବୁଝି ନିଜ ବ୍ୟବହାର ମାର୍ଜିତ କରି ପାରିବା ।ରାଗି ଲୋକ ସହିତ ଶ୍ରଦ୍ଧାରେ କଥା ହୋଇ ଅଧିକ ରାଗିବାରୁ ବଞ୍ଚେଇ ପାରିବା ।ଶାନ୍ତ ହେବାକୁ ସଚେତନ କରାଇ ଶାନ୍ତି ରକ୍ଷା କରିପାରିବା ।


ରାଉତ କମ୍ପ୍ଲେକ୍ସ, କଟକ ରୋଡ,
ଲକ୍ଷ୍ମୀସାଗର, ଭୁବନେଶ୍ୱର
(ମୋ)୯୪୩୯୭୨୬୦୬୦


## ଆଜିର କବିତା



### ତୁ ଦେବୀ ସ୍ୱୟଂସିଦ୍ଧା

#### ମୀରା ବେଉରା

କେତେ ରକ୍ତପାତ, ଯୁଦ୍ଧ, ନରହତ୍ୟା
ଲୁଣ୍ଠନ, ପାଶବିକ ଅତ୍ୟାଚାର
ଶୋଷଣ ପୀଡନ ପରେ
ସବୁ କଳଙ୍କିତ ଅଧ୍ୟାୟ ର ସମାପ୍ତ ପରେ
ରକ୍ତ ରଞ୍ଜିତ ଇତିହାସର
ମୂକସାକ୍ଷୀ ସାଜିବା ପରେ
ଏବେ ତୁ ସ୍ୱୟଂ ସିଦ୍ଧା
ନିଜେହିଁ ନିଜର ଭାଗ୍ୟବିଧାତା
ନାରୀ ସଶକ୍ତିକରଣର ଯୋଦ୍ଧା
ଲୋଡାନାହିଁ ତୋତେ
ଆଉ କାହା ସହଯୋଗ ଅନୁକମ୍ପା
କାହା ସୁରକ୍ଷାର ଖୋଳପା
ଆସୁ ଯେତେ ଛଳନାର ଭୂମିକମ୍ପ
ଅଥବା ମହାପ୍ରଳୟ
ତୁ ଏବେ ନିଜହାତେ
ଆଙ୍କିଛୁ ତୋର ସୁରକ୍ଷାର ବଳୟ
ତୁ ଚାହିଁଲେ ମାରଣାସ୍ତ୍ରେ ଦୁଷ୍ଟ
ମାନବାତ୍ମା ଯିବ ଧ୍ୱଂସ ହୋଇ
ପୁଣି ତୁ ଚାହିଁଲେ ବିସ୍ତରିଯିବ ଏଠି
ଶାନ୍ତି ମୈତ୍ରୀ ପ୍ରୀତି
ଶାନ୍ତିର ଯୁଦ୍ଧରେ ସବୁ ଅନ୍ୟାୟ ଅଧର୍ମ,
ଅନୀତି, ଶୋଷଣକୁ ଦେବୁ ଶୁଆଇ
କରି ସବୁ ଦୁଃଖ ଦୂର୍ଗତିର ଦୁର୍ଗ ପତନ
ବସ୍ତରିବ ସେଠି ସତ୍ୟ ଧର୍ମ ନ୍ୟାୟର ଆସନ
ସୁନା, ହୀରା, ମୋତି, ମାଣିକ ଖଚିତ
ମୁକୁଟ ଓ ପାଟ ବସ୍ତ୍ର ପିନ୍ଧାଇ
ବଂଚିବାର ଅଧିକାର ତୋ ଠୁ ନିଅନ୍ତି ଛଡ଼ାଇ
ତୋ ରକ୍ତ, ମାଂସ,
ଅସ୍ଥି, ମଜା ଶରୀରକୁ ଶୋଷଣ କରି
ପୂଜନ୍ତି ତୋତେ ମାଟି, କୁଟା ଓ କାଠିର
ମୃନ୍ମୟ ପ୍ରତିମା କରି ।


ରଘୁନାଥ ଜିଉ ମହାବିଦ୍ୟାଳୟ,
ଦେଉଳସାହି, ତୁଳସୀପୁର କଟକ
(ମୋ)୯୮୫୩୩୫୦୩୮୪

# ଯୌତୁକ ରାକ୍ଷସ କବଳରେ ମହିଳା: ଜାଗା ନ ମିଳିବାରୁ ନେଲେ ଜୀବନ



କେନ୍ଦ୍ରାପଡ଼ା,୦୮/୧୧ (ନି.ପ୍ର): 'ଜାଗା ପାଇବା ପାଇଁ ସବୁବେଳେ ଦାବି କରି ଆସୁଥିଲେ। ମାତ୍ର ଆମେ ମନା କରିବାରୁ ଆମ ଭଉଣୀକୁ ନିର୍ଯାତନା ଦେଉଥିଲେ। ଅଷ୍ଟମଙ୍ଗୁଳାରୁ ମୋ' ଭଉଣୀକୁ ପିଟାପିଟି କରୁଥିଲେ। ଆଉ ଶେଷରେ ତାକୁ ମାରିଦେଲେ।' ରାଜଧାନୀର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଆଜି ଯୌତୁକ ରାକ୍ଷସ କବଳରେ ଜଣେ ମହିଳା ପଡ଼ିଥିବା ବେଳେ କୋହଭରା କଣ୍ଠରେ ଏପରି ତାଙ୍କ ଭଉଣୀ କହିଛନ୍ତି। ମୃତା ମହିଳାଜଣକ ହେଲେ ପ୍ରିୟଙ୍କା ମିଶ୍ର। ପ୍ରିୟଙ୍କାଙ୍କୁ ହତ୍ୟା ଅଭିଯୋଗରେ ପୁଲିସ୍ ତାଙ୍କ ସ୍ୱାମୀ ସୁରଜ୍ ଦାସଙ୍କୁ ଅଟକ ରଖି ପଚରାଉଚରା କରୁଛି। କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରିୟଙ୍କା ମିଶ୍ରଙ୍କ ସହ ଅରବିନ୍ଦ ନଗରର ପ୍ରଦୀପ୍ତ ଦାସଙ୍କ ପୁଅ ସୁରଜ୍ ଦାସଙ୍କର ଅଢ଼େଇ ବର୍ଷ ପୂର୍ବରୁ ବୈଦିକ ରୀତି ନୀତିରେ ବିବାହ ହୋଇଥିଲା। ବିବାହ ପରଠୁ ପ୍ରିୟଙ୍କାଙ୍କ ଶାଶୁ ଘର ଲୋକେ ତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ଫୋନ ଯୋଗେ ପରିବାରକୁ ଜଣାଇଥିଲେ ପ୍ରିୟଙ୍କା। ଏ ନେଇ ପ୍ରିୟଙ୍କାଙ୍କ ଭଉଣୀ କହିଛନ୍ତି, ମୋ ଭିଣୋଇ ଘର ଲୋକେ ସବୁବେଳେ ଆମକୁ ଜାଗା ମାଗୁଥିଲେ। ମାତ୍ର ଜାଗା ପାଇଁ ମନା କରି ଦେବାରୁ ଅଷ୍ଟମଙ୍ଗୁଳା ପରଠୁ ଭଉଣୀ ଉପରେ ଅତ୍ୟାଚାର ଆରମ୍ଭ କରିଦେଲେ। ଭିଣୋଇଙ୍କର ଅନ୍ୟ ଯୁବତୀଙ୍କ ସହ ସମ୍ପର୍କ ଥିଲା। ମୋ' ଭଉଣୀ ତାହାକୁ ବିରୋଧ କରୁଥିବାରୁ ସେ ସବୁବେଳେ ତାକୁ ପିଟାପିଟି କରୁଥିଲେ। ଏପରିକି ମୋ' ଭଉଣୀ ପେଟରେ ଛୁଆ ରହିବା ପରେ ବି ତା' ଶାଶୁ ଓ ନଣନ୍ଦ ପିଲାଟିକୁ ନଷ୍ଟ କରି ଦେଇଥିଲେ ବୋଲି କହିଛନ୍ତି ମୃତା ମହିଳାଙ୍କ ଭଉଣୀ। ଗତକାଲି ଭଉଣୀର ଶାଶୁ ଫୋନ୍ କରି କହିଲେ ତୋ ଭଉଣୀ ଆତ୍ମହତ୍ୟା କରି ଦେଇଛି ବୋଲି କହିଥିଲେ। ମାତ୍ର ଆମେ ପହଞ୍ଚିଲା ବେଳକୁ ମୃତଦେହ ମର୍ଗରେ ଅଛି ବୋଲି ଜାଣିବାକୁ ପାଇଲୁ। ଏନେଇ ଅତିରିକ୍ତ ଡିସିପିଙ୍କୁ ପଚାରିବାରୁ ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ମୃତା ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ପରିବାରର ଅନ୍ୟମାନଙ୍କ ଅଭିଯୋଗକୁ ଭିତ୍ତି କରି ହତ୍ୟା ମାମଲା ରୁଜୁ କରିଛୁ।

# ବର୍ଷା ଅଭାବରୁ ମାଟି ଫାଟି ଆଁ: କ୍ଷେତରେ ମାଡୁଛି ଚକଡ଼ା, ଚାଷୀ ମୁଣ୍ଡରେ ଚଡ଼କ



ବେତନଟୀ ସଦର,୦୮/୧୧ (ନି.ପ୍ର): ଆଶ୍ୱିନ ଯାଇ କାର୍ତ୍ତିକ ଚାଲିଥିବା ବେଳେ ଫଟା ବିଲ ଚାଷୀର ଚିନ୍ତାକୁ ବଢ଼ାଇ ଦେଇଛି। ଧାନ ଥୋଡ଼ ଧରି ଫୁଲ ଉଡ଼ାଇବା ସମୟରେ ବିଲ ଫାଟି ଆଁ କରିଛି। ମୟୂରଭଂଜ ଜିଲ୍ଲା ବେତନଟୀ ବ୍ଲକର ଅଧିକାଂଶ ସ୍ଥାନରେ ଜଳସେଚନର ବିଶେଷ ସୁବିଧା ନଥିବା ବେଳେ ବିଭିନ୍ନ ସ୍ଥାନରେ ଆସନ୍ନ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାକୁ ବସିଛି। ବ୍ୟାଙ୍କ୍ ଏବଂ ବିଭିନ୍ନ ଲୋକଙ୍କଠାରୁ କରଜ କରି ଟଙ୍କା ଆଣି ଚାଷରେ ଲଗାଇଥିଲା କିନ୍ତୁ ଏଭଳି ସ୍ଥିତି ଦେଖି ମୁଣ୍ଡରେ ହାତ ଦେଇଛନ୍ତି ଚାଷୀ। ଏଭଳି ପରିସ୍ଥିତିରେ ବିହନ ପାଇବା ମଧ କଷ୍ଟ ହୋଇପଡ଼ିବ ବୋଲି ଆଶଙ୍କା କଲାଣି ଚାଷୀ। ଚଳିତ ବର୍ଷ ଭଲ ଫସଲ ହେବ ବୋଲି ଆଶା କରିଥିଲା ଚାଷୀ। ବିଶେଷତଃ ଖୋର୍ଦ୍ଧା ଜିଲ୍ଲାର ଚାଷୀ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଆନ୍ତି। କିନ୍ତୁ ଚଳିତ ବର୍ଷ ମୌସୁମୀ ଆସିଲା ଓ ଚାଲିଗଲା ହେଲେ ଚାଷ ପାଇଁ ଯେତିକି ବର୍ଷା ଦରକାର ତାହାଠାରୁ ବହୁ କମ୍ ପରିମାଣରେ ବର୍ଷା ଏବେ ଚାଷୀର ଚିନ୍ତାକୁ ବଢ଼ାଇ ଦେଇଛି। ଜିଲ୍ଲାର ସମସ୍ତ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ହୋଇଥିବା ଜିଲ୍ଲା କୃଷି ବିଭାଗ ସୂଚନା ଦେଉଥିବାବେଳେ ବେତନଟୀ ବ୍ଲକର ପ୍ରାୟତଃ ଅଞ୍ଚଳରେ ଆବଶ୍ୟକତାଠାରୁ ୪୦ଶତକଡା କମ ବର୍ଷା ରେକର୍ଡ କରାଯାଇଛି। ସେପଟେ ଜିଲ୍ଲା କୃଷି ବିଭାଗର ସୂଚନା ମୁତାବକ ବେତନଟୀ ବ୍ଲକରେ ଚଳିତବର୍ଷ ସର୍ବମୋଟ ୧୪ ହଜାର ୩ଶହ ୪୮ହେକ୍ଟର ଜମିରେ ଧାନଚାଷ କରାଯାଇଛି। ତନ୍ମଧ୍ୟରୁ ୩ହଜାର ୩ଶହ ୨୧ ହେକ୍ଟର ଡିପଜମିଥିବା ବେଳେ ୬ହଜାର ୩ଶହ ୪୮ହେକ୍ଟର ଜମି ମଧ୍ୟମ ଉଚ୍ଚରେ ରହିଛି। ସେହିଭଳି ୪ହଜାର ୬ଶହ ୭୯ ହେକ୍ଟର ତଳିଆ ଜମି ରହିଛି। ତେବେ ତଳିଆ ଜମିରେ କୌଣସି ପ୍ରକାରେ ପାଣି ରହିଥିବା ବେଳେ ଡିପ ଏବଂ ମଧ୍ୟମ ଉଚ୍ଚ କିସମର ଜମିରେ ପାଣିଶୁଖି ଜମି ଫାଟିବାକୁ ବସିଲାଣି ସ୍ୱର୍ଣ୍ଣମାନ କିଭଳି ଡିପ ଜମିରେ ହୋଇଥିବା ଧାନଫସଲକୁ ପାଣି ଯୋଗାଇବେ ସେଇ ଚିନ୍ତାରେ ରହିଥିବା ଚାଷୀ। ସେହିପରି ଚାଷଜମି ନିକଟରେ ପ୍ରାୟ ସ୍ଥାନରେ ସେମିତି କିଛି ଜଳସେଚନର କୌଣସି ସୁବିଧା ନଥିବାରୁ ଏଭଳି ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି, ଯେଉଁଠି ଛୋଟବଡ଼ କେନାଲ ଅଛି ସେଠାରେ କେନାଲରେ ପାଣି ନାହିଁ, ସେହିପରି ଏହି ମାତ୍ର ୨ ଦିନ ହେବ ସୁବର୍ଣ୍ଣରେଖା କେନାଲରେ ପାଣି ଚାଲିବା ଯୋଗୁଁ ଦହିକୋଟି ପଞ୍ଚାୟତର କେନାଲ ପାର୍ଶ୍ୱବର୍ତ୍ତୀ ଚାଷୀଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିଛି। ଏମିତି ସବୁଆଡେ ବିଲ ଭିତରେ ବହୁ ଉଠା ଜଳସେଚନ ସୁବିଧା ଫେଲ୍ ମାରିଛି। ପରିତାପର ବିଷୟ ଚାଷୀମାନଙ୍କ ପାଇଁ ସରକାରଙ୍କ ମାଲମାଲ ଯୋଜନା ମଧ୍ୟରେ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଗଣ୍ଡା ଗଣ୍ଡା ଉଠା ଜଳ ସେଚନ ପ୍ରକଳ୍ପ ଗୁଡିକ ପ୍ରଶାସନର ଉଦାସୀନତା ମନଭାବ ହେତୁ ଦୀର୍ଘଦିନ ହବ 'କୋମା' ଅବସ୍ଥାରେ ପଡ଼ିରହିଛି। ପୂର୍ବରୁ ଏହି ପ୍ରକଳ୍ପ ଗୁଡିକର ରକ୍ଷଣାବେକ୍ଷଣା ତଥା ଲାଗିଥିବା ପାଣି ଉଠା ମେସିନ ଟିକୁ ଚଳାଇବା ପାଇଁ ପ୍ରଶାସନ ତରଫରୁ ଜଣେ କୁଶଳୀ କର୍ମଚାରୀକୁ ନିୟୋଜିତ କରାଯାଉଥିବାବେଳେ ଏବେ ସେମାନଙ୍କୁ ହଟାଇ ସ୍ଥାନୀୟ ଅଞ୍ଚଳର ଅଳ୍ପ କେତେ ଚାଷୀଙ୍କୁ ନେଇ ଗୋଟିଏ ପାଣି ପଞ୍ଚାୟତ ଗଠନ କରାଯାଇ ସବୁ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଦିଆଯାଉଛି। ଫଳରେ ଗରିବ ଚାଷୀମାନେ ସେଗୁଡିକର ସୁଚାରୁ ରୂପେ ପରିଚାଳନା କରିପାରୁନାହାନ୍ତି। କୋଉଠି ମେସିନ ଖରାପ ହୋଇଗଲେ ସଜାଡି ପାରୁନାହାନ୍ତି ତ କୋଉଠି ମୋଟା ଅଙ୍କର ବିଦ୍ୟୁତ ବିଲ ପୈଠ କରିପାରୁନାହାନ୍ତି। ତାପରେ ବର୍ଷର ଛଅ ମାସ ଚାଷ ହୋଉଥିବାବେଳେ ବାର ମାସର କରେଣ୍ଟ ବିଦ୍ୟୁତ ଶୁଳ୍କ ଦେବାକୁ ପଡୁଛି। ତେଣୁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ପ୍ରାୟତଃ ପ୍ରକଳ୍ପ ଗୁଡିକ ଜରାଜୀର୍ଣ୍ଣ ହୋଇ ପଡ଼ି ରହିଛି। ବିଭାଗୀୟ କର୍ମଚାରୀ ତ ଛାଡ଼ ପ୍ରଶାସନର ଉପରିସ୍ଥ ଅଫିସର ମାନଙ୍କର ମଧ୍ୟ ଏଥି ପ୍ରତି ନିଘା ନାହିଁ। ସ୍ଥାନୀୟ ଚାଷୀଙ୍କ କହିବା ମୁତାବକ ନାମକୁ ମାତ୍ର ସରକାରଙ୍କ ଯୋଜନା ସବୁ, ହେଲେ କୌଣସି ଗୋଟିଏରେ ବି ଚାଷୀକୁଳ ସିଧାସଳଖ ଲାଭବାନ ହୋଇ ପାରୁନାହାନ୍ତି।

# ପରିଚାଳନା କର୍ତ୍ତୃପକ୍ଷ ବୈଠକ ସଫଳ: ଆରମ୍ଭ ହେଲା ଜୟପୁର କାଗଜକଳ

ଜୟପୁର,୦୮/୧୧ (ନି.ପ୍ର): କଞ୍ଚାମାଲ ଅଭାବରୁ ଗତ ଜୁଲାଇ ମାସରୁ ଉତ୍ପାଦନ ବନ୍ଦ ରହିଥିଲା କାଗଜକଳ। ସୋମବାର ସଂଧ୍ୟାରେ ବ୍ଲାଷ୍ଟପର୍ଣ୍ଣେସରେ ନିଆଁ ଲଗାଯାଇଥିବା ବେଳେ ମଙ୍ଗଳବାର ଠାରୁ ପେପରମିଲ୍ ଆରମ୍ଭ ହୋଇଛି। ଶ୍ରମବିଭାଗ-ଶ୍ରମିକ ସମନ୍ୱୟ ସମିତି –ପରିଚାଳନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ହୋଇଥିବା ବୈ?ଠକ ସଫଳ ହୋଇଛି। ୧ ଓ୨ ନମ୍ବର ସଂଘ ଦୁଇ ଦଫା ଦାବି ୪ମାସର ଅଗ୍ରୀମ ଦରମା ଏକା ସହ ପ୍ରଦାନ କରିବା ଓ ୨୦୧୨-୧୫ ତ୍ରିପାକ୍ଷୀକ ଚୁକ୍ତିକୁ ଲାଗୁ କରିବାକୁ ଦାବି କରି କାର୍ଯ୍ୟବନ୍ଦ କରିଥିବା ବେଳେ ୩ ଓ ୪ କଂପାନୀ ପ୍ରକାଶ କରିଥିବା ବିଜ୍ଞପ୍ତିରେ ରାଜି ହୋଇଥିଲେ। ତେବେ ବିବାଦ ମଧ୍ୟରେ ଗତ ମାସ ୯ଘଣ୍ଟା ଧରି ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ହୋଇଥିବା ବୈଠକ ଫେଲ୍ ମାରିଥିଲା। ତେବେ ଗତ କାଲିର ବୈଠକ ସଫଳ ହେବା ସହ ଦୀର୍ଘ ସାଢ଼େ ୪ମାସ ପରେ ମିଲ୍ କାର୍ଯ୍ୟକ୍ଷମ ହୋଇଛି। ୧ ଓ୨ ନଂ ଶ୍ରମିକ ସଂଘ ଜିଦ୍ ରୁ ଓହରିଥିବା ବେଳେ କଂପାନୀ ନିଜ ଜିଦକୁ ମନାଇବାରେ ସଫଳ ହୋଇଛି। କାଗଜକଳ ପରିସରରେ ଯୁଗ୍ମ ଶ୍ରମ ଆୟୁକ୍ତ ନରେନ୍ଦ୍ର ରାଇକା,ଜିଲ୍ଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ ,କାଗଜକଳର ଉପଦେଷ୍ଟା ଏମ୍. କେ. ଗୁପ୍ତା, ୟୁନିଟ୍ ମୁଖ୍ୟ ଏସ୍. ଏସ୍. ପାଲଙ୍କ ସହ ୪ଟି ଶ୍ରମିକ ସଂଘର ମିଳିତ ଆଲୋଚନା ପାଇଁ ସମନ୍ୱୟ ବୈଠକ ଡାକି ଥିଲେ। ଗତ ଜୁଲାଇ ମାସରୁ କଂପାନୀ ବନ୍ଦ ରହିଥିବାରୁ କଂପାନିର ଆର୍ଥିକ ପରିସ୍ଥିତି ସୁଧୁରି ନଥିବା କାଗଜକଳର ଉଚ୍ଚ କର୍ତ୍ତୃପକ୍ଷ କହିଥିଲେ। ଜୁନମାସର ଦରମା ସହ ୫୦ ପ୍ରତିଶତ ଭତ୍ତା କର୍ମଚାରୀଙ୍କ ଆକାଉଣ୍ଟରେ କଂପାନି ଜମା କରିଥିଲେ। ସେଭଳି ଦ୍ୱିତୀୟ ଦରମା ଏହି ମାସର ଶେଷ ସପ୍ତାହ ଆଡକୁ ଦେବେ ବୋଲି କଂପାନୀ ପକ୍ଷରୁ ଅବଗତ କରାଯାଇଥିଲା। ଏହା ପରେ ପ୍ରତ୍ୟେକ ମାସରେ ସେହି ମାସର ଦରମା ସହ ଦୁଇ ମାସ ପୁରୁଣା ଦରମା ପ୍ରଦାନ କରିବେ ବୋଲି କର୍ତ୍ତୃପକ୍ଷ ଅବଗତ କରିଥିଲେ। ଅନ୍ୟ ସବୁ ସମସ୍ୟା ସଂପର୍କରେ ମିଲ୍ ଚାଲିବାର ୬ମାସ ପରେ ଆପୋଷରେ ବସି ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା। ୨ଟି ସଂଘର ସଭାପତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ଉଦ୍ୟମରେ ଆଲୋଚନା ସଫଳ ହୋଇଛି ବୋଲି ୪ଟି ଶ୍ରମିକ ସଂଘର କର୍ମକର୍ତ୍ତା ମାନେ କହିଛନ୍ତି। ଦଶହରା ଓକାର୍ତ୍ତିକପୁର୍ଣ୍ଣିମାରେ କଂପାନି ଦରମା ଦେଇନଥିବା ବେଳେ ଦୀପାବଳୀରେ ଦରମା ମିଳିଥିବାରୁ ଶ୍ରମିକ ମହଲରେ ଖୁସି ଦେଖିବାକୁ ମିଳିଥିଲା।

# ବିଦ୍ୟୁତ ଦେଇଥିଲା ଯାତନା, ଏମ୍ସ ଦେଲା ନୂଆ ଜୀବନ



ଭୁବନେଶ୍ୱର,୦୮/୧୧ (ନି.ପ୍ର): ବିଦ୍ୟୁତ ଦେଇଥିଲା ଯାତନା। ଯନ୍ତ୍ରଣାରେ ଜର୍ଜରିତ ହେଉଥିଲେ ୬ ବର୍ଷୀୟ ଶ୍ରାବଣୀ ମଲ୍ଲିକ ଓ ୭ ବର୍ଷୀୟ ସୂର୍ଯ୍ୟକାନ୍ତ। କେବେ ଜୀବନ ପାଇବେ ବୋଲି ଭାବିନଥିଲେ। ଭୁବନେଶ୍ୱର ଏମ୍ସ ଡାକ୍ତରଙ୍କ ଯୋଗୁ ଉଭୟ ନୂଆ ଜୀବନ ପାଇଲେ। ଅନ୍ୟ ଜଣଙ୍କର ସ୍କିନ ଦେଲା ଉଭୟଙ୍କୁ ନୂଆ ଜୀବନ। ଆଲୋଗ୍ରାଫ୍ଟ ଚିକିତ୍ସା ଜରିଆରେ ମିଳିପାରିଛି ଏଭଳି ସଫଳତା। ଭୁବନେଶ୍ୱର କେଶୁରା ଗାଁର ୬ ବର୍ଷୀୟା ଝିଅ ଶ୍ରାବଣୀ ମଲ୍ଲିକ। ଜୁନ୍ ୯ ତାରିଖରେ ଛାତ ଉପରେ ଖେଳୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଯେଉଁଥିପାଇଁ ଶ୍ରାବଣୀଙ୍କ ଦୁଇ ହାତ ଓ ପୂରା ପେଟ ପୋଡ଼ି ଯାଇଥିଲା। ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ଡାକ୍ତର କହିଥିଲେ, ଉଭୟ ହାତ କାଟିଲେ ଯାଇ ଝିଅକୁ ବଞ୍ଚେଇବା ଅସମ୍ଭବ ହେବ। ଏସ୍‌ସିବି ଡାକ୍ତରଙ୍କଠାରୁ ଏପରି ନିରାଶା ବାଣୀ ଶୁଣିବା ପରେ ଭାଙ୍ଗି ପଡ଼ିଥିଲେ ପରିବାର ଲୋକେ। ପରେ ଶେଷ ଆଶା ନେଇ ପହଞ୍ଚିଥିଲେ ଏମ୍ସରେ। ଶ୍ରାବଣୀଙ୍କୁ ଭୁବନେଶ୍ୱର ଏମ୍ସ ବର୍ଣ୍ଣ ସେଣ୍ଟରରେ ଭର୍ତ୍ତି କରାଯାଇଥିଲା। ସେହିପରୀ ପୁରୀର ୭ ବର୍ଷୀୟ ସୂର୍ଯ୍ୟକାନ୍ତ। ବିଜୁଳି ସଂସ୍ପର୍ଶରେ ଆସିବା ପରେ ମୁହଁକୁ ଛାଡ଼ି ପୂରା ଶରୀର ଜଳି ଯାଇଥିଲା। ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ହାତ ଟେକି ଦେଇଥିଲେ। ଏହା ପରେ ପରିବାର ଲୋକେ ଭଗବାନଙ୍କ ଭରସାରେ ଏମ୍ସରେ ଭର୍ତ୍ତି କରିଥିଲେ। ଏଭଳି ସ୍ଥିତିରେ ଉଭୟ ଶିଶୁଙ୍କୁ ବଞ୍ଚାଇବା ଲାଗି ସ୍କିନ ଆଲୋଗ୍ରାଫ୍ଟ ଏକମାତ୍ର ବିକଳ୍ପ ଥିଲା। କିନ୍ତୁ ଭୁବନେଶ୍ୱର ଏମ୍ସରେ ସ୍କିନ ବ୍ୟାଙ୍କ ନଥିବାରୁ ଏ ଆଶା ମଧ ଫିକା ପଡ଼ିଥିଲା। କିନ୍ତୁ ସୌଭାଗ୍ୟର କଥା, ସେହି ସମୟରେ ଅନ୍ୟ ଜଣେ ରୋଗୀର ଚିକିତ୍ସା ଲାଗି ମୁମ୍ବାଇରୁ ଆସିଥିଲା ଏକ ସ୍କିନ। ସଂପୃକ୍ତ ରୋଗୀଙ୍କ ମୃତ୍ୟୁ ହୋଇଯିବାରୁ ତାଙ୍କ ପରିବାର ଲୋକେ ସେହି ସ୍କିନକୁ ବର୍ଣ୍ଣ ସେଣ୍ଟରକୁ ଦାନ କରିଦେଇଥିଲେ। ଯାହାକି ଉଭୟ ଶିଶୁଙ୍କ ଜୀବନ ବଞ୍ଚାଇବାରେ ନେଇଥିଲା ପ୍ରମୁଖ ଭୂମିକା। ଯଦିଓ ଶ୍ରାବଣୀଙ୍କ ଦୁଇହାତ କାଟିବାକୁ ପଡିଛି, ହେଲେ ଏବେ ଉଭୟ ଶିଶୁ ସୁସ୍ଥ ହୋଇଗଲେଣି ବୋଲି କହିଛନ୍ତି। ତେବେ ଏନେଇ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ କହିଛନ୍ତି, ପୂର୍ବରୁ ଏମ୍ସରେ କେବଳ ଅଟୋଗ୍ରାଫ୍ଟ ବା ରୋଗୀର ନିଜ ଶରୀରରୁ ସ୍କିନ ନେଇ ସଫଳ ଚର୍ମ ପ୍ରତ୍ୟାରୋପଣ କରାଯାଉଥିଲା। ଡାକ୍ତରୀ ଟିମର ପ୍ରଚେଷ୍ଟା ଯୋଗୁ ପ୍ରଥମ ଥର ଲାଗି ଆଲୋଗ୍ରାଫ୍ଟ ଜରିଆରେ ଦୁଇ ରୋଗୀଙ୍କୁ ନୂଆ ଜୀବନ ଦିଆଯାଇପାରିଛି। ଏବେ ସମସ୍ତଙ୍କ ଆଶା, ଏ ସଫଳତା ପରେ ଏମ୍ସ ଭୁବନେଶ୍ୱରରେ ଖୁବ୍‌ଶୀଘ୍ର ସ୍ଥାପନ ହେବ ଏକ ସ୍କିନ ବ୍ୟାଙ୍କ। ଯାହାକି ଅନେକ ପୋଡ଼ା ରୋଗୀଙ୍କ ପାଇଁ ସଞ୍ଚାରିବ ଜୀବନ ଜିଇଁବାର ନୂଆ ଆଶା।

# ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ, ଥାନାରେ ଏତଲା

ଭୁବନ ,୦୮/୧୧ (ନି.ପ୍ର): ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଥାନାରେ ଅଭିଯୋଗ । ଏପରି ଅଭାବନୀୟ ଘଟଣା ଘଟିଛି ଭୁବନ ଥାନା ଅନ୍ତର୍ଗତ ବେଣ୍ଟସାଳିଆ ଗ୍ରାମରେ । ସୂଚନାଯୋଗ୍ୟ ଯେ, ଗ୍ରାମର ଶରତ ଦାଶ ଓ ପୀଡିତା ମହିଳାଙ୍କ ପରିବାର ମଧ୍ୟରେ ଆଜିକୁ ପାଞ୍ଚ ଦିନ ହେବ ଝଗଡା ଲାଗିରହୁଥିଲା । ତେବେ ମଙ୍ଗଳବାର ସକାଳେ ପୀଡିତା ମହିଳା ଗ୍ରାମ ନିକଟ ପୋଖରୀକୁ ଶୌଚ ସାରି ଫେରୁଥିବା ସମୟରେ ଗ୍ରାମର ଶରତ ଦାଶ ଜୋର ଜବରଦସ୍ତ ମହିଳାଙ୍କୁ ଦୁଷ୍କର୍ମ କରିଥିଲା । ତେବେ ପୀଡିତା ମହିଳାଙ୍କ ସ୍ୱାମୀ ଘରେ ନଥିବାରୁ ନିଜେ ମହିଳା ଭୁବନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାରେ ଭୁବନ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ତେବେ ଅଭିଯୋଗ ଆଧାରରେ ଭୁବନ ପୋଲିସ ତଦନ୍ତ ଚଳାଇଥିବା ବେଳେ ଶରତ ଦାଶ ଗ୍ରାମରୁ ଫେରାର ଥିବା ଜଣାପଡିଛି।

# ମାଣ୍ଡିଆ ଉପରେ ବେଶି ନଜର, କାଙ୍ଗୁ ହେଉଛି କମ୍‌ଜୋର



କୋରାପୁଟ,୦୮/୧୧ (ନି.ପ୍ର): ଆଦିବାସୀଙ୍କ ମୁଖ୍ୟ ଖାଦ୍ୟ ଲଘୁଶସ୍ୟକୁ ଗୁରୁତ୍ୱ ଦେଉଛନ୍ତି ସରକାର। ଏହାକୁ ମିଲେଟ ମିଶନର ମଧ୍ୟରେ ସାମିଲ କରିଛନ୍ତି। ଏପରିକି ଦେଶ ବିଶେଷରେ ମାଣ୍ଡିଆକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ କାଙ୍ଗୁ ଚାଷ ଲୋପ ପାଇବାକୁ ବସିଲାଣି। ଫଳରେ ବହୁ ପାରମ୍ପରିକ ବିହନ ଆଉ ଚାଷୀଙ୍କ ପାଖରେ ନାହିଁ। ହାତଗଣତି ଚାଷୀ ଏହି ଚାଷ କରୁଛନ୍ତି। କୋରାପୁଟ ଜିଲ୍ଲାର ନନ୍ଦପୁର, ଲମତାପୁଟ, ପଟାଙ୍ଗି ଓ ଦଶମନ୍ତପୁର ଆଦି ବ୍ଲକ୍ ସମେତ ଅନ୍ୟ କିଛି ସ୍ଥାନରେ କାଙ୍ଗୁ ଚାଷ ହେଉଛି। ମିଲେଟ ମିଶନ ପକ୍ଷରୁ ପ୍ରାୟ ୧୦୦ ହେକ୍ଟର ଜମିରେ ଏହି ଚାଷ ହେଉଛି। ତେବେ ମାଣ୍ଡିଆ ଭଳି ଏହାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଧାର୍ଯ୍ୟ ହୋଇନଥିବା ସହ ବଜାର ବ୍ୟବସ୍ଥା ନ ଥିବା ଯୋଗୁ ଚାଷୀ ଶୋଷଣର ଶିକାର ହେଉଛନ୍ତି। କାଙ୍ଗୁ କେଜି ପ୍ରତି ପ୍ରାୟ ଶହେ ଟଙ୍କା ଦରରେ ବାହାର ଅଞ୍ଚଳର ବ୍ୟବସାୟୀମାନେ କିଣି ନେଉଛନ୍ତି। ଏଥିରେ ବିଭିନ୍ନ କମ୍ପାନୀର ଟ୍ୟାଗ୍ ଲଗାଇ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏହାର ଔଷଧୀୟ ଗୁଣ ପାଇଁ ଲୋକେ କିଣି ନେଉଛନ୍ତି। ଚାଷୀ ଭୀମ ଗୌଡ଼ କହିଛନ୍ତି ଯେ, ତାଙ୍କ ଜେଜେ ବାପା ଓ ବାପା ଏହି କାଙ୍ଗୁ ଚାଷ ବହୁତ ପରିମାଣରେ କରୁଥିଲେ। ବର୍ତ୍ତମାନ୍ ଏହା କମି ଯାଇଛି। ଚାଷ ଜମିର ହିଡ଼ ଗୁଡ଼ିକରେ ଏହା କରାଯାଉଛି। ପୂର୍ବରୁ ଭଟା ଗୁଡ଼ିକରେ ସ୍ୱତନ୍ତ୍ର ଭାବେ ଚାଷ ହେଉଥିଲା। ବର୍ତ୍ତମାନ ବହୁ ପାରମ୍ପରିକ ବିହନ ଗୁଡ଼ିକ ଲୋପ ପାଇବାକୁ ବସିଲାଣି। ମାଣ୍ଡିଆ ଭଳି ଏହାକୁ ପ୍ରୋତ୍ସାହନ ଦେଲେ କାଙ୍ଗୁ ଚାଷ ବୃଦ୍ଧି ପାଇବ। ଅନ୍ୟଜଣେ ଚାଷୀ ସୁରେନ୍ଦ୍ର ମସ୍ତି ଓ ଖଗେଶ୍ୱର କହିଛନ୍ତି ଯେ, କାଙ୍ଗୁର ପାରମ୍ପରିକ ବିହନ ଗୁଡିକର ସଂରକ୍ଷଣ ଆବଶ୍ୟକ। ଖାଦ୍ୟରେ ପୋଷଣ ଥିବା କ୍ଷୁଦ୍ର ଖାଦ୍ୟ ଶସ୍ୟ ଗୁଡ଼ିକର ବ୍ୟବହାର ପାଇଁ ସରକାର କହୁଛନ୍ତି। ହେଲେ ଏହାକୁ ପ୍ରୋତ୍ସାହନ ଦେଉ ନାହାନ୍ତି। ପୂର୍ବରୁ ଗରିବ ଲୋକଙ୍କର ଏହା ପ୍ରଧାନ ଖାଦ୍ୟ ଥିଲା। ଏବେ ଏହାକୁ ବଡ଼ ବଡିଆମାନେ ଜଳଖିଆରେ ବ୍ୟବହାର କରୁଛନ୍ତି। କାଙ୍ଗୁ ଏବେ ବହୁ ଲୋକଙ୍କର ପ୍ରିୟ ଖାଦ୍ୟ ହୋଇଛି। ତଥାପି ଏହାର ଚାଷ କମି କମି ଯାଉଛି।

# ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

ସାଲେପୁର ,୦୮/୧୧ (ନି.ପ୍ର): ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ। ଏଭଳି ଅଭାବନୀୟ ଘଟଣା ଘଟିଛି କଟକ ଜିଲ୍ଲା ସାଲେପୁର ବ୍ଲକ ଧୁଆଂସାହି ଗ୍ରାମରେ । ମୃତକ ହେଲେ ଧୁଆଂସାହି ଗ୍ରାମର ରାମଚନ୍ଦ୍ର ମିଶ୍ରଙ୍କ ପୁତ୍ର ଦୀପକ କୁମାର ମିଶ୍ର । ଏକ ଓଲଡିଂ ଦୋକାନରେ କାମ କରୁଥିବା ବେଳେ ବିଦ୍ୟୁତ ଆଘାତରେ ଦୀପକ ଗୁରୁତର ହୋଇଯାଇଥିଲେ । ତାଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ସାଲେପୁର ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ । ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଛନ୍ତି । ସାଲେପୁର ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରଜୁକରି ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଇ ତଦନ୍ତ ଚଳାଇଥିବା ନେଇ ପୋଲିସ ସୂଚନା ଦେଇଛି ।

# ସ୍ୱଳ୍ପ ବୃଷ୍ଟିପାତ: ଝରିଗାଁରେ ୪୦ ପ୍ରତିଶତ ଧାନ ଅମଳ କମିବା ଆଶଙ୍କା



ଝରିଗାଁ,୦୮/୧୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଝରିଗାଁ ବ୍ଲକର ପ୍ରାୟ ୯୦ ପ୍ରତିଶତ ଲୋକେ ଚାଷ କରି ପରିବାର ଚଳାଇଥାନ୍ତି। ପ୍ରଶାସନ ପକ୍ଷରୁ ଏହି ବ୍ଲକରେ ଜଳସେଚନ ବ୍ୟବସ୍ଥା କରାଯାଇନଥିବାରୁ ଚାଷୀ କେବଳ ବର୍ଷା ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ବ୍ଲକର ଚାଷୀମାନେ ଚାଷ କାମ ଆରମ୍ଭରୁ ହିଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିଳମ୍ବରେ ବର୍ଷା ହେବା ଏବଂ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ବହୁ ଚାଷୀ ଧାନ ରୁଆ ସାରିବା ପରେ ଠିକ୍ ସମୟରେ ତଳି ପକାଇ ପାରିନଥିଲେ। ବର୍ଷା ଅଭାବରୁ ବ୍ଲକର ପ୍ରାୟ ୪୦ ହେକ୍ଟର ଧାନ ରୁଆ ଜମି ପଡ଼ିଆ ପଡ଼ି ରହିଗଲା। ଏଥିସହ ଜମିରେ ଧାନ ବୁଣିଥିବା ଚାଷୀମାନେ ମଧ୍ୟ ବର୍ଷା ଅଭାବ ଯୋଗୁଁ ବେଉଷଣ କାମ ଠିକ୍ ସମୟରେ କରିପାରିନଥିଲେ। ସେହିପରି ତଳି ରୁଆ ବିଳମ୍ବ ହେବା ଯୋଗୁଁ ଏହା ପାକଳ ହୋଇଯାଇଥିଲା। ସେହି ତଳିକୁ ରୁଆ କରିବା ପରେ ମଧ ଧାନ ପିଲ ଠିକ୍ ଭାବେ ବାହାରି ନଥିବା ଚାଷୀମାନେ କହିଛନ୍ତି। ଯେଉଁ ଜମିରେ ଧାନ ଚାଷ ହୋଇଥିଲା ସେଠାରେ ସାର ପ୍ରୟୋଗ କରିପାରୁନଥିବାରୁ ଧାନ ଗଛ ଗୁଡ଼ିକର ରଙ୍ଗ ପରିବର୍ତ୍ତନ ହେବା ସହ ଧାନ ଗଛ ଗୁଡିକ ଝାଉଁଳି ଯାଇଥିଲା। କିଛି ଜମିରେ ରୋଗପୋକ ଲାଗି ଧାନ ଗଛ ନଷ୍ଟ ହୋଇଯାଇଥିଲା। ଏଭଳି ସ୍ଥିତିରେ ପ୍ରାୟ ୪୦ ପ୍ରତିଶତ ଧାନ ଅମଳ କମିବ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି। ଗତ ଅକ୍ଟୋବର ମାସରେ ଝରିଗାଁ ବ୍ଲକରେ ବର୍ଷା ଉଭାନ ହୋଇ ଯାଇଥିଲା। ଯଦି ଅକ୍ଟୋବର ମାସରେ ୮ ଦିନ ଅନ୍ତରରେ ଦୁଇରୁ ତିନି ଥର ବର୍ଷା ହୋଇଥିଲେ ଧାନ ଅମଳ କିଛି ମାତ୍ରାରେ ଅଧିକ ହୋଇପାରିଥାନ୍ତା ବୋଲି ଚାଷୀମାନେ କହିଛନ୍ତି। ଏକ ମାସ ଧରି ବର୍ଷା ଅଭାବ ଯୋଗୁଁ ଧାନ ଜମି ଗୁଡ଼ିକରେ ପାଣି ନଥିବା ବେଳେ ଜମି ଫାଟି ଆଁ କରିଛି। ଫଳରେ ଋଣ କରି ଚାଷ କରିଥିବା ଚାଷୀ ଋଣ ପରିଶୋଧ ଓ ପରିବାର ଚଳାଇବା ନେଇ ଚିନ୍ତାରେ ପଡ଼ିଛନ୍ତି। ଏଭଳି ସ୍ଥିତିକୁ ଦେଖି ଝରିଗାଁ ବ୍ଲକକୁ ମରୁଡ଼ିଗ୍ରସ୍ତ ଅଞ୍ଚଳ ଭାବେ ଘୋଷଣା କରିବାକୁ ଚାଷୀ ମହଲରେ ଦାବି ହୋଇଛି। ସୂଚନାଯୋଗ୍ୟ ବ୍ଲକରେ ଜୁନ୍ ମାସରେ ମାତ୍ର ୧୬୭.୨ମିମି ବର୍ଷା ହୋଇଥିବା ବେଳେ ୪୧ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା। ସେହିପରି ଜୁଲାଇରେ ୨୯୭ ମିମି ବର୍ଷା ହୋଇଥିବା ବେଳେ ୪୧ ପ୍ରତିଶତ ନିଅଣ୍ଟିଆ ଏବଂ ଅଗଷ୍ଟ ମାସରେ ୧୧୪ମିମି ବର୍ଷା ହୋଇଥିବା ବେଳେ ୨୦୫ ମିମି ନିଅଣ୍ଟିଆ ବର୍ଷା ହୋଇଛି। ସେପଟ୍ଟେମ୍ବର ମାସରେ କିଛି ମିମି ବର୍ଷା ହୋଇଥିବା ବେଳେ ଅକ୍ଟୋବର ମାସରେ ବର୍ଷାର ଦେଖା ନଥିଲା। ଚଳିତ ବର୍ଷ ଝରିଗାଁ ବ୍ଲକର ୮୬୫୦ ହେକ୍ଟର ଜମିରେ ଧାନ ଚାଷ ହେଉଥିବା ବେଳେ ୫୧୯୦ ହେକ୍ଟର ଜମିରେ ଧାନ ବୁଣା ଏବଂ ୩୪୬୦ ହେକ୍ଟର ଜମିରେ ଧାନ ରୁଆ ହୋଇଥିଲା।

# ଗୟଳବାଙ୍କରେ ହାତୀ ଆତଙ୍କ, ଜଗି ରହିଛି ବନବିଭାଗ

ବାଙ୍କୀ ,୦୮/୧୧ (ନି.ପ୍ର): ବାଙ୍କୀ ଗୟଳବାଙ୍କ ଗାଁରେ ହାତୀ ଆତଙ୍କ । ଦିନ ପ୍ରାୟ ଚାରିଟା ହେବ ବାଙ୍କୀ କଟକ ମୂଖ୍ୟ ରାସ୍ତା କଡରେ ଦନ୍ତା ହାତୀ । ମୂଖ୍ୟ ରାସ୍ତା ଦେଇ ଯାତାୟତ କରୁଥିବା ଲୋକେ ଭୟଭୀତ । ହାତୀକୁ ଜଗି ରହିଛି ଭଗିପୁର ବନବିଭାଗ କର୍ମ ଚାରି । ରାସ୍ତା ଉପରେ ଲାଗିରହିଛି ଲୋକଙ୍କ ଗହଳି । ଚନ୍ଦକା ଡମପଡା ଚନ୍ଦକା ଅଭୟାରଣ୍ୟରୁ ଖାଦ୍ୟ ଅନ୍ୟୁଷଣରେ ଗାଁ ଭିତରକୁ ପଶି ଆସିଛି ଗୋଟିକିଆ ଦନ୍ତା । ଗାଁ ଭିତରକୁ ଦନ୍ତା ହାତୀ ଆସିଥିବା ବେଳେ ଲୋଙ୍କେ ଭୟବିତ । ଖବର ପାଇ ଘଟଣାସ୍ଥଳରେ ବନ ବିଭାଗ ପହଁଚି ହାତୀ ର ଗତିବିଧି ଉପରେ ନଜର ରଖିଛି । ସୂଚନା ଥାଉକି, ଗତ କିଛିଦିନ ହେବ ଏଠାରେ ହାତୀ ଉପଦ୍ରବ ଜାରି ରଖିଛନ୍ତି । ରାତି ତ ଦୂରର କଥା ଦିନରେ ବି ଚଳିବ ମୁସ୍କିଲ ହୋଇପଡିଛି । ମୁଖ୍ୟ ରାସ୍ତାରେ ହାତୀଙ୍କ ଚଳପ୍ରଚଳ ହେତୁ ଲୋକଙ୍କ ଯାତାୟତ ଉପରେ ପ୍ରଭାବ ପଡିଛି ।

# ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜେଡିର ଜୋନ୍ ସ୍ତରୀୟ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ

ବାଲିଆପାଳ, ୮/୧୧ (ନି ପ୍ର)- ଆସନ୍ତା ୨୦୨୪ ସାଧାରଣ ନିର୍ବାଚନର ବିଗୁଲ ବାଜିବା ପାଇଁ ଆଉ କିଛି ମାସର ଅବଧି ବାକିଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଲେଣି । ବିଜୁ ଜନତା ଦଳ ମଧ ଏଥିରେ ପଛରେ ପଡ଼ିନାହିଁ । ଭାରତ ବର୍ଷର ସର୍ବଶ୍ରେଷ୍ଠ ଆଞ୍ଚଳିକ ଦଳ ଭାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଦଳର ସମସ୍ତ ନେତା ଓ କର୍ମୀ । ତୃଣମୂଳ ସ୍ତରରେ ଦଳକୁ ଆହୁରି ସୁଦୃଢ଼ କରିବା ପାଇଁ ଇତି ମଧ୍ୟରେ ଆରମ୍ଭ କରିସାରିଛି ପ୍ରଶିକ୍ଷଣ ଶିବିର । ଭୁବନେଶ୍ୱର ଶଙ୍ଖ ଭବନ ଠାରେ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବା ପରେ, ଏବେ ଜୋନ ସ୍ତରୀୟ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏହି କ୍ରମରେ ବସ୍ତା ନିର୍ବାଚନ ମଣ୍ଡଳୀର ଜୋନ ସ୍ତରୀୟ ପ୍ରଶିକ୍ଷଣ ଶିବିର ବାଲିଆପାଳ ଠାରେ ଆରମ୍ଭ ହୋଇଛି । ସ୍ଥାନୀୟ ଶୁଭମ୍ ଗେଷ୍ଟ ହାଉସ୍ ଠାରେ ବୁଧବାର ଦିନ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନେତୃତ୍ୱରେ ବସ୍ତା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବସ୍ତା ଏବଂ ବାଲିଆପାଳ ବ୍ଲକ୍ ୪୫ ଗୋଟି ପଞ୍ଚାୟତର ସମସ୍ତ ୱାର୍ଡ଼ର ସକ୍ରିୟ ସଦସ୍ୟଙ୍କ ପାଇଁ ପ୍ରଶିକ୍ଷଣ ଶିବିର ର ଶୁଭାରମ୍ଭ ହୋଇଯାଇଛି । ଏହି ପ୍ରଶିକ୍ଷଣ



ଶିବିର ପ୍ରତ୍ୟେକ ଦିନ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି । ବୁଧବାର ପ୍ରଥମ ଦିବସରେ ୧୫ ଟି ପଞ୍ଚାୟତର ସମସ୍ତ ୱାର୍ଡ଼ର ସକ୍ରିୟ ସଦସ୍ୟ ସଦସ୍ୟା ମାନେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ । ବିଗତ ୨୩ ବର୍ଷ ଧରି ବିଜୁ ଜନତା ଦଳ ଯେପରି ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇଆସୁଛି, ସେ ସମ୍ପର୍କରେ ବସ୍ତା-ବାଲିଆପାଳର ସକ୍ରିୟ କର୍ମୀମାନଙ୍କୁ ଶଙ୍ଖ ଭବନରୁ ଆସିଥିବା ପ୍ରଶିକ୍ଷିକା ଏବଂ ଦଳର ବରିଷ୍ଠ ନେତା ଅବଗତ କରାଇଥିଲେ । ଏଥି ସହ ଦଳର ରାଜ୍ୟ ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଫଳରେ ରାଜ୍ୟ ବିକାଶର ସୋପାନ କିପରି ଗୋଟିଏ ପରେ ଗୋଟିଏ ଅତିକ୍ରମ କରି ସମଗ୍ର ଦେଶରେ ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ପାଲଟିଛି ସେ ସମ୍ପର୍କରେ କର୍ମୀ ମାନଙ୍କୁ ଅବଗତ କରାଇଥିଲେ । ଏହାସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ ଅବା ୫ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍କୁଲ, କଲେଜ, ମଠ ଓ ମନ୍ଦିର ରୂପାନ୍ତରଣ ପ୍ରକ୍ରିୟାରେ ରାଜ୍ୟର ପ୍ରତ୍ୟେକ ବର୍ଗର ଜନସାଧାରଣ କିପରି ଉପକୃତ ହେଉଛନ୍ତି ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ । ତତ୍ ସହିତ ବସ୍ତା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ବିଜୁ ଜନତା ଦଳ କିପରି ପ୍ରତିଶୃତିବଦ୍ଧ ସେ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଜଣାଇଥିଲେ । ସାମାଜିକ ଗଣ ମାଧମ ଜରିଆରେ ଆହୁରି କିପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ତୃଣମୂଳ ସ୍ତରରେ ପହଞ୍ଚିବ ଓ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ନେଇ ପ୍ରଶିକ୍ଷିତ ହେବା ସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବରେ ଦେଖିବାକୁ ଉପସ୍ଥିତ କର୍ମୀମାନେ ଶପଥ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ର, ନୀଳଗିରି ନିର୍ବାଚନ ମଣ୍ଡଳୀର ବିଜେଡ଼ି ନେତା ତଥା ଜିଲ୍ଲା ବିଜେଡ଼ିର ବରିଷ୍ଠ ଉପସଭାପତି ସନ୍ତୋଷ ଖଟୁଆ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସ ମହାପାତ୍ର, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ଜିଲ୍ଲା ଉପସଭାପତି ଲକ୍ଷ୍ମୀଧର ଦାସ, ପ୍ରଶିକ୍ଷିକା ତଥା ରାଜ୍ୟ ବିଜେଡ଼ିର ମୁଖପାତ୍ର ମହାକ୍ଷିତା ମିଶ୍ର, ଅନ୍ୟତମ ପ୍ରଶିକ୍ଷିକା ତଥା ରାଜ୍ୟ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦିକା ସୁପ୍ରିତି ଶର୍ମା, ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବସ୍ତା ବ୍ଲକ ବିଜେଡ଼ି ସଭାପତି ଅନୀଲ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ପଞ୍ଚାୟତ ସଭାପତି , ଯୁବ, ଛାତ୍ର ଓ ମହିଳା ବିଜେଡ଼ିର କାର୍ଯ୍ୟକର୍ତ୍ତା ଏବଂ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଭୋକେସନାଲ୍ ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଉଦଘାଟିତ

ଭୁବନେଶ୍ୱର, ୦୮/୧୧ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବ୍ୟାଙ୍କିଙ୍ଗ୍, ଫାଇନାନ୍ସିଆଲ୍ ସର୍ଭିସେସ୍ ଏବଂ ଇନ୍ସୁରାନ୍ସ ଭୋକେସନାଲ୍ ବିଷୟରେ ଶିକ୍ଷକମାନଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି । ପୂର୍ବତନ ଉପନିର୍ଦ୍ଦେଶକ ପ୍ରଫେସର ଡ. ତିଳତମା ସେନାପତି ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ଶ୍ରୀମତୀ ରଞ୍ଜିତା ମେରୀ ନାୟକ ଉପଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଶିବିରର କାର୍ଯ୍ୟ ନିର୍ଘଂଟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ ବଳ ସମସ୍ତ ଟ୍ରେନି ଓ ରିସୋର୍ସ ପର୍ସନ୍ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ କରିଥିଲେ । ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର ଆୟାର ଦୁଇଦିବସୀୟ ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ ସମ୍ବନ୍ଧରେ ଆଲୋଚନା କରିବା ସହ ଟ୍ରେନିମାନଙ୍କ ଠାରୁ ଫିଡ୍‌ବ୍ୟାକ୍ ନେଇଥିଲେ । ଏନ୍‌ଏସ୍‌କ୍ୟୁଏଫ୍ ସିଲାବସ୍ ପ୍ରଥମ ବର୍ଷ ପାଇଁ ଲାଗୁ ହୋଇଥିବାରୁ ବିଭିନ୍ନ ମାଧ୍ୟମରୁ ସିଲାବସ୍ ସମ୍ବନ୍ଧୀୟ ଶିକ୍ଷା ସାମଗ୍ରୀ ଛାତ୍ରଛାତ୍ରୀମାନଙ୍କୁ ଜଣାଇବା ପାଇଁ ମତପ୍ରଦାନ କରିଥିଲେ । ସହକାରୀ ନିର୍ଦ୍ଦେଶକ ସୁନନ୍ଦା ମେକାପ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡିରେ ମିଶିଲେ ଅବସରପ୍ରାପ୍ତ ଡିଏସ୍‌ପି ରାଇସେନ ମୁର୍ମୁ

ଭୁବନେଶ୍ୱର, ୦୮/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ଅବସରପ୍ରାପ୍ତ ଡିଏସ୍‌ପି ରାଇସେନ ମୁର୍ମୁ ବୁଧବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ରାଇସେନ ମୁର୍ମୁଙ୍କୁ ଉପଢୌକନ ଦେଇ ଶ୍ରୀ ମଙ୍ଗରାଜ ଦଳକୁ ସ୍ୱାଗତ କରିଥିଲେ । ବିଜୁ ଜନତା ଦଳରେ ରାଇସେନ ମୁର୍ମୁଙ୍କ ଯୋଗଦାନ ଫଳରେ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ସାଂସଦ ଶ୍ରୀ ମଙ୍ଗରାଜ କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ରାଇସେନ ମୁର୍ମୁ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା କହିଥିଲେ । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ବୋଲି ପ୍ରକାଶ କରିଥିଲେ । ଏହି ମିଶ୍ରଣ ପର୍ବରେ ମୟୂରଭଞ୍ଜ ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମ, ରାଇରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜୁସେତୁ ଯୋଜନାରେ ନୀଳଗିରରେ ୨ଟି ପୋଲ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ

ନୀଳଗିରି,୮/୧୧ (ନି ପ୍ର): ରାଜ୍ୟ ସରକାର ବିଜୁ ସେତୁ ଯୋଜନା ରେ ୨୦୨୩- ୨୪ ମସିହା ପାଇଁ ରାଜ୍ୟର ବିଭିନ୍ନ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକର ସୋନ ନଦୀ ଉପରେ ୨ ଟି ପୋଲ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ଗୋଟିଏ ପୋଲ ଅଯୋଧ୍ୟା ରୁ ବାଡ଼ିଆ କୁହ୍ଲାପାଳ ରାସ୍ତାର ସୋନ ନଦୀ ଉପରେ ୧୪କୋଟି ୮୭ ଲକ୍ଷ ୩୯ ହଜାର ଟଙ୍କା ମଞ୍ଜୁର ହୋଇଥିବା ବେଳେ ସୀଙ୍ଗିରି ରୁ ବରହମପୁର ରାସ୍ତା ର ସୋନ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୧୪ କୋଟି ୮୯ ଲକ୍ଷ ୭୦ ହଜାର ଟଙ୍କାର ଟେଣ୍ଡର ଆହ୍ୱାନ ହୋଇଛି । ଏହି ପୋଲ ନିର୍ମାଣ ସହିତ ବ୍ଲକର ଅନ୍ୟ ତିନୋଟି ପୋଲ ନିର୍ମାଣ ପାଇଁ ଟେଣ୍ଡର କାମ ସରିଥିବା ସହ ମୋଟ ୫ଗୋଟି ପୋଲ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ଇଞ୍ଜିନିୟର ସୁକାନ୍ତ କୁମାର ନାୟକ ଙ୍କ ପ୍ରଚେଷ୍ଟା କାର୍ଯ୍ୟକାରୀ ହେବାକୁ ଯାଉଥିବା ବେଳେ ଏହି ଖବର ଶୁଣି ଅଞ୍ଚଳ ବାସି ଉଭୟ ଶ୍ରୀଯୁକ୍ତ ନାୟକ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଧନ୍ୟବାଦ ଦେଇଛନ୍ତି ।ଉକ୍ତ ସେତୁ ନିର୍ମାଣ ହେଲେ ସେତୁର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଜନସାଧାରଣ ଉପକୃତ ହେବେ ।

# ୧.୪ ବିଲିୟନ - ଏକ ଆକାଂକ୍ଷା, ଏକ ସ୍ଥାୟୀ ଭବିଷ୍ୟତ: ବିକାଶରେ ଭାରତର ପଥ" ବାର୍ଷିକ ସମ୍ମିଳନୀ ଆୟୋଜିତ

ଭୁବନେଶ୍ୱର,୮/୧୧ (ନି ପ୍ର): ଜନସଂଖ୍ୟା ଅଧ୍ୟୟନ ଭାରତୀୟ ସଂଗଠନ ଏବଂ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ରାଉରକେଲା, ମାନବିକି ଏବଂ ସାମାଜିକ ବିଜ୍ଞାନ ବିଭାଗର ମିଳିତ ଆନୁକୁଲ୍ୟରେ '୧.୪ ବିଲିୟନ୍- ଏକ ସ୍ଥାୟୀ ଆକାଂକ୍ଷା, ଏକ ସ୍ଥାୟୀ ଭବିଷ୍ୟତ: ବିକାଶର ଭାରତର ପଥ' ବିଷୟବସ୍ତୁ ଉପରେ ଏକ ବାର୍ଷିକ ସମ୍ମିଳନୀ ଭୁବନେଶ୍ୱର ବେହେରା ଅଡିଟୋରିୟମ, ଏନ୍‌ଆଇଟି ରାଉରକେଲା ଠାରେରେ ଉଦ୍ଘାଟନ ହୋଇଯାଇଅଛି । ଏହି ସମ୍ମିଳନୀ ତିନି ଦିନ ଧରି ଚାଲିବ, ଏଥିରେ ଦେଶର ବୋହୂ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନରୁ ୧୫୦ ଜଣ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଛନ୍ତି । ଜେଏନୟୁ, ବିଟ୍ସ ପିଲାନି, ଯାଦବପୁର ବିଶ୍ୱବିଦ୍ୟାଳୟ, ଆଇଆଇଟି, ଏନାଇଟି ଇତ୍ୟାଦି ପ୍ରମୁଖ ବିଶ୍ୱବିଦ୍ୟାଳୟରୁ ଆସି ଅଛନ୍ତି । କାର୍ଯକ୍ରମରେ ସ୍ୱାଗତ ଅଭିଭାଷଣ ପ୍ରଫେସର୍ ଜଲନ୍ଧର ପ୍ରଧାନ ଦେଇଥିବା ବେଳେ ଭାରତ ବର୍ତ୍ତମାନ ସବୁଠୁ ଜନ ବହୁତ ଦେଶ ହେବାକୁ ଯାଉଅଛି, ଜନସଂଖ୍ୟା ଏବଂ ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ୧.୪ ବିଲିୟନ ଭାରତୀୟଙ୍କ ଆକାଂକ୍ଷା କିପରି ପୂରଣ ହେବ ସେ ବିଷୟରେ ଚିନ୍ତା କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯକ୍ରମରେ ନିର୍ଦ୍ଦେଶକ କେ. ଉମାମହେଶ୍ୱର ରାଓ ଯୋଗ ଦେଇ କହିଥିଲେ ଯେ, 'ଜନସଂଖ୍ୟା ବୃଦ୍ଧି ହେଉଛି ଦ୍ରୁତ ସହରୀକରଣ ପରିଚାଳନା, ଅନ୍ତର୍ଭୂକ୍ତ ଅଭିବୃଦ୍ଧି, ଦାରିଦ୍ର ତଥା ଅସମାନତାକୁ ଦୂର କରିବା, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ମୌଳିକ ସୁବିଧା ଉପଲବ୍ଧ କରାଇବା ପାଇଁ ଏକ ଚ୍ୟାଲେଞ୍ଜ ଅଟେ । ତଥାପି, ଏହି ଜନସଂଖ୍ୟା ବୃଦ୍ଧି ଅର୍ଥନୈତିକ ଅଭିବୃଦ୍ଧି, ନବସୃଜନ ଏବଂ ସାମାଜିକ ପ୍ରଗତି ପାଇଁ ମଧ ସୁଯୋଗ ଆଣିପାରିବ । ନିରନ୍ତର ବିକାଶ ଅବଲମ୍ବନ କରି ଭାରତ ଜନସଂଖ୍ୟାଗତ ଡିଭିଡେଣ୍ଡକୁ ବ୍ୟବହାର କରିପାରିବ, ପରିବେଶ ସ୍ଥିରତାକୁ ପ୍ରୋତ୍ସାହିତ କରିପାରିବ, ସାମାଜିକ ଅନ୍ତର୍ଭୂକ୍ତିକୁ ପ୍ରାଥମିକତା ଦେବ ଏବଂ ସମସ୍ତ ନାଗରିକଙ୍କ ପାଇଁ ସମୃଦ୍ଧ ତଥା ସମାନ ଭବିଷ୍ୟତ ସୃଷ୍ଟି କରିବ । ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଶ୍ରୀ ୱିଲିୟମ୍ ହଁଲନ ଜୁନିଅର ମତ ପ୍ରଦାନ କରିଥିଲେ, 'ଜନସଂଖ୍ୟା ବୃଦ୍ଧି ଚ୍ୟାଲେଞ୍ଜଗୁଡିକର ସାମ୍ନା କରିବାକୁ ଆମକୁ ନୂତନତ୍ୱ ଏବଂ ପ୍ରଯୁକ୍ତିର ଶକ୍ତି ବ୍ୟବହାର କରିବାକୁ ପଡିବ । ଅକ୍ଷୟ ଶକ୍ତି, ବାୟୋଟେକ୍ନୋଲୋଜି ଏବଂ ସୂଚନା ପ୍ରଯୁକ୍ତିବିଦ୍ୟାରେ ଭାରତ ଅତୁଳନୀୟ ଅଗ୍ରଗତି କରିସାରିଛି । ଅନୁସନ୍ଧାନ ଏବଂ ବିକାଶରେ ବିନିଯୋଗ କରି ଆମେ ସମାଧାନ ସୃଷ୍ଟି କରିପାରିବା ଯାହା ପରିବେଶର ଅବକ୍ଷୟ ବିରୁଦ୍ଧରେ ସାରା ବିଶ୍ୱରେ ମୁକାବିଲାକୁ ସମାଧାନ କରିବ । ମାନବ ଅସ୍ତିତ୍ୱର ବିକାଶକୁ ସ୍ୱୀକୃତି ଦେଇ ଆମେ ଦୃଢ଼ ବିନିଯୋଗ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ କରିବା ଆବଶ୍ୟକ । ମୁଖ୍ୟ ଅତିଥି, ପଦ୍ମଶ୍ରୀ (ପ୍ରଫେସର) ଦିଗମ୍ବର ବେହେରା ଟି.ବି. ଉପରେ ଏକ ବିଶେଷ ଧ୍ୟାନ ଦେଇ ସମ୍ମିଳନୀର ବିଷୟବସ୍ତୁ 'ବିକାଶର ପଥ' ବିଷୟରେ ଜନସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ । ସେ କହିଛନ୍ତି, "୨୦୨୫ ପୂର୍ବରୁ ଯକ୍ଷ୍ମା ଦୂର କରିବା ପାଇଁ ଭାରତର ଏକ ଲକ୍ଷ୍ୟ ରହିଛି, ୨୦୩୦ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ର ଧାର୍ଯ୍ୟ ଲକ୍ଷ୍ୟଠାରୁ ପାଞ୍ଚ ବର୍ଷ ଆଗରେ । ପୁଷ୍ଟିହୀନତା ଟିବି ମହାମାରୀର ଅନ୍ୟତମ ପ୍ରମୁଖ ଯୋଗଦାନକାରୀ ଭାବରେ ଉଭା ହୋଇଛି, ତେଣୁ ସାମାଜିକ ବିଜ୍ଞାନ ଏବଂ ଚିକିତ୍ସା ବିଜ୍ଞାନକୁ ଏକତ୍ର କରିବା ଜରୁରୀ ଅଟେ । କ୍ଷୁଧା ଶୂନ୍ୟ, ପୁଷ୍ଟିକର ଖାଦ୍ୟ ଏବଂ ଟିବୀ ଦୂର କରିବାର ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବାକୁ ହେବ । କୋଭିଡ -୧୯ ମହାମାରୀ ସମୟରେ ଭାରତର ପ୍ରଶଂସନୀୟ ପ୍ରଦର୍ଶନ, ଟିକା ଏବଂ ପିପିଇ କିଟ୍ ଉତ୍ପାଦକ ହେବା ଏବଂ ଏହାର ସୀମା ବାହାରେ ସମର୍ଥନ ବିସ୍ତାର କରିବା ସର୍ବଭାରତୀୟ ସ୍ତରରେ ଏହା ଏକ ଗର୍ବ ରେ ବିଷୟ । ଉତ୍ତମ ସ୍ୱାସ୍ଥ୍ୟସେବା, ଅର୍ଥନୈତିକ ବିକାଶ ସମସ୍ତଙ୍କ ପାଇଁ ଗୃହ, ଏବଂ ଗୁଣାତ୍ମକ ଶିକ୍ଷା ଇତ୍ୟାଦିରେ ସହଯୋଗର ଆବଶ୍ୟକତା ଅଛି । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀରାମ ହରିଦାସ (ଡେପୁଟି ପ୍ରତିନିଧୀ, ୟୁଏନ୍‌ଏଫପିଏ ଇଣ୍ଡିଆ), ପ୍ରଫେସର ସୁରେଶ ଶର୍ମା (ସଭାପତି, ଆଇଏଏସପି), ପ୍ରଫେସର ଉଷା ରାମ (ସାଧାରଣ ସମ୍ପାଦକ, ଆଇଏ ଏସପି) ମଧ ଯୋଗ ଦେଇଥିଲେ । ପ୍ରଫେସର ନାରାୟଣ ସେଠୀ (ମାନବିକତା ତଥା ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ) ଏହି ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଅନୁସନ୍ଧାନକାରୀଙ୍କ ମଧ୍ୟରେ ସହଯୋଗ ଏବଂ ନେଟୱାର୍କିଂ ପାଇଁ ଏହି ସମ୍ମିଳନୀ ଏକ ଉତ୍ତମ ପ୍ଲାଟଫର୍ମ ହେବ । ଅନୁସନ୍ଧାନକାରୀ, ଅଭ୍ୟାସକାରୀ ଏବଂ ଏକାଡେମିକ୍ମାନଙ୍କ ପାଇଁ ସର୍ବଶେଷ ଉଦ୍ଭାବନ, ସର୍ବୋତ୍ତମ ଅଭ୍ୟାସ, ଧାରା ଏବଂ ଚିନ୍ତାଧାରା ତଥା ବ୍ୟବହାରିକ ଆହ୍ୱାନ ତଥା ଆଲୋଚନା ପାଇଁ ଏହି ସମ୍ମିଳନୀ ଏକ ନୂତନ ଦିଗଦର୍ଶନ ଦେବ । ଡକ୍ଟର ଜିତେନ୍ଦ୍ର ଯାଦବ (କୋଷାଧ୍ୟକ୍ଷ, ଆଇଏଏସପି) ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ଶେଷ କରିଥିଲେ । ଏହି ସମ୍ମିଳନୀରେ କ୍ଷେତ୍ରର ପ୍ରଖ୍ୟାତ ବିଶେଷଜ୍ଞଙ୍କ ଦ୍ୱାରା ଆଲୋଚନା, ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଆଲୋଚନା, ମୌଖିକ କାଗଜ ଉପସ୍ଥାପନା ଏବଂ ଇଣ୍ଟରାକ୍ଟିଭ୍ ପୋଷ୍ଟର ଅଧିବେଶନ ହେବ ।

# ଓଡିଶା ଡ୍ରାଇଭର ମହା ସଂଘର ବନ୍ଧୁମିଳନ ଆଗାମି ଦିନର ସଂଘର କାର୍ଯ୍ୟକ୍ରମ

ବସ୍ତା, ୮/୧୧(ନିପ୍ର) ଡ୍ରାଇଭରମହା ସଂଘ ତରଫରୁ ବସ୍ତା ଥାନା ଭେଲୁରା ଛକ ନିକଟସ୍ଥ ମା ତାରିଣୀ ମନ୍ଦିର ନିକଟରେ ବିଶାଳ ସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମଥାନି ବାଇପାସ ନିକଟରୁ ସଂଘର ରାଜ୍ୟସଭାପତିଙ୍କୁ ସ୍ୱାଗତକରି ଏକମଟର ସାଇକେଲେ ରାଲିରେ ହଜାର ହଜାର ଡ୍ରାଇଭର ଭାଇମାନେଙ୍କଦ୍ୱାରା ବିଭିନ୍ନ ରାସ୍ତା ପରିକ୍ରମା କରି ସଭାମଣ୍ଡପ କୁଅଣାଯାଇଥିଲା ଏହିସଭାରେ ବାଲେଶ୍ୱର ଜିଲ୍ଲାର ଉପସଭାପତି ଚନ୍ଦନ ଭଟ୍ଟାଚାର୍ଯ୍ୟ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଓଡିଶା ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ଯୋଗଦେଇଥିଲେ ସମ୍ମାନିତ ଅତିଥିଭାବେ ରାଜ୍ୟ ସହ ସଂପାଦକ ଘନଶ୍ୟାମ ବେହେରା, ଅନ୍ୟ ଜଣେ ଅତିଥି ଭାବେ ମାନସ ରଞ୍ଜନ ଦେବତା, ଯୋଗଦେଇଥିବା ଡ୍ରାଇଭର ଭାଇମାନଙ୍କର ବିଭିନ୍ନ ସମସ୍ୟା ସରକାରଙ୍କୁ ଜଣାଇବା ତାଙ୍କର ହକ ଦାବୀ ବିଷୟ ବନ୍ଧୁ ମାନଙ୍କୁ କହିଥିଲେ ବାଲେଶ୍ୱର ଜିଲ୍ଲା ସଭାପତି ରାମକୃଷ୍ଣ ଦାସ ଅତିଥିମାନଙ୍କୁ ସ୍ୱାଗତସମ୍ବର୍ଦ୍ଧନା କରିଥିଲେ ଓଡିଶା ସମେତ ପୋଡଶି ପଶ୍ଚିମ ବଙ୍ଗରୁ ଆସିଥିବା ଡ୍ରାଇଭର ଭାଇମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ବସ୍ତାଡ୍ରାଇଭର ସଂଘର ସଭାପତି ଶର୍ବେଶ୍ୱର ଦାସ, ଉପସଭାପତି ଅରୁଣ କୁମାର ଯେନା ଦୟାନିଧି ଶେଶ ଉକ୍ତ କାର୍ଯ୍ୟକ୍ରମକୁ ସଫଳ ସୁନ୍ଦର କରିବାର ପ୍ରମୁଖ ଭୂମିକା ଥିଲା ।

# ବିଜେପି ଜିଲ୍ଲାସଭାପତିଙ୍କୁ ଜଳେଶ୍ୱରରେ ସମ୍ବର୍ଦ୍ଧନା

ଜଳେଶ୍ୱର,୮/୧୧(ନିପ୍ର): ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ବାଲେଶ୍ୱର ଜିଲା ସଭାପତିଭାବେ ଉମାକାନ୍ତ ମହାପାତ୍ରଙ୍କୁ ପୁଣି ମନୋନୀତ କରିଥିବାରୁ ରାଜ୍ୟ ସଭାପତିଙ୍କୁ ଧନ୍ୟବାଦ ଜଣାଇ ନୂଆ ସଭାପତି ଶ୍ରୀ ମହାପାତ୍ରଙ୍କୁ ଜଳେଶ୍ୱର ବିଜେପି ପକ୍ଷରୁ ନୂଆବଜାରସ୍ଥିତ ମୂରଲୀ କଲ୍ୟାଣ ମଣ୍ଡପ ପରିସରରେ ଆଜି ସମ୍ବର୍ଦ୍ଧନା ଦିଆଯାଇଛି । ଆଗାମି ୨୦୨୪ ନିର୍ବାଚନ ପାଇଁ ଦଳକୁ ଅଧିକ ସୁଦୃଢ କରିବାଲାଗି ସମସ୍ତେ ବଦ୍ଧପରିକର ଓ କାର୍ଯ୍ୟକରିବେ ବୋଲି ମତପ୍ରକାଶ ପାଇଛି । ଜିଲା ଉପସଭାପତି ପ୍ରବୀର କୁମାର ପ୍ରଧାନ, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ସମୀର ପାତ୍ର, ବ୍ଲକ ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ତରୁଣ ପଟ୍ଟନାୟକ, ବିଶ୍ୱରୂପ ଦାସ, କାଉନସଲର ଚନ୍ଦନ ଦାସ, ଶିବନାରାୟଣ ମହାପାତ୍ର, ସରପଂଚ ରଜଂନ ମହାନ୍ତି, ସମିତି ସଦସ୍ୟ ମୁକୁନ୍ଦ ଜେନା, ଜିଲା ମହିଳା ସଂପାଦକ ସାବିତ୍ରର ଜେନା, ସୁମତୀ ଦେ, ଦେବଯାନୀ ଅଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରକ ପଛପଟୁ ଧକ୍କା ଦେଲା ଟ୍ରକ ହେଲପର ମୃତ

ବସ୍ତା:୮/୧୧ (ନିପ୍ର) ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ନଂ ଜାତୀୟ ରାଜପଥ ବସ୍ତା ବାଇପାସ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି । ସୂଚନା ରୁ ପ୍ରକାଶବୁଧବାର ସକାଳେ ସମୟରେ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଦୁଇ ଟ୍ରକ ଆଗ ପଛହୋଇ ଯାଉଥିବା ସମୟରେ ଆଗ ଟ୍ରକ(ଓ ଡି -୦୧-ଜେଡ ୦୩୨୭) ଟି ଛିଡ଼ା ହେବା ପାଇଁ ହଠାତ୍ ଗତିକମ କରି ରାସ୍ତା ପାର୍ଶ୍ୱକୁ ଯାଉଥିବା ବେଳେ ଦୃତଗତିରେ ପଛପଟୁ ଆସୁଥିବା ଟ୍ରକ(ଓଡି-୦୨-ସି ସି ୪୮୫୧)ଟି ଆଗ ଟ୍ରକକୁ ଧକ୍କା ଦେଇଥିଲା । ପଛ ଟ୍ରକର ଚାଳକ ଅକ୍ଷତେ ବର୍ତିଥିଲା ବେଳେ ହେଲ୍ପର ଜଣକ ଚାପି ହୋଇ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତ ଜଣକ



ହେଲେ ଖୋର୍ଦ୍ଧା ଜିଲ୍ଲାର ବାଉରୀ ସାହି ଭାଲିଆ ବାଡ଼ି ଅଞ୍ଚଳ ର ଚିତ୍ତରଞ୍ଜନ ନାୟକ (୩୪) । ଏବଂ ଆଗ ଟ୍ରକ ଟି ଜାତୀୟ ରାଜପଥ ରୁ ୫୦ ଫୁଟ ତଳକୁ ଖସି ନୟନଯୋଡ଼ିରେ ପଡ଼ିଥିଲା । ଆଗ ଟ୍ରକର ଚାଳକ ସାମାନ୍ୟ ଆହତ ହୋଇଥିଲେ । ଉପସ୍ଥିତ ଥିବା ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ବସ୍ତା ହସ୍ପିଟାଲ ପଠାଇଥିଲେ । ଖବର ପାଇ ବସ୍ତା ପୋଲିସ ପହଞ୍ଚି ଗାଡ଼ି ଜବତ କରି ଅଧିକ ତଦନ୍ତ ଜାରୀ ରଖିଛି ।


# ନାଗରିକ ମଞ୍ଚର ବୈଠକ : ଓପନ ଜିମ ଖୋଲିବାକୁ ବିଡିଓଙ୍କୁ ଦାବିପତ୍ର



ଖଇରା,୮/୧୧(ନିପ୍ର)ଖଇରା ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଖଇରାସ୍ଥିତ କାର୍ଯ୍ୟାଳୟ ରେ ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ଶରତ କୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ପ୍ରାରମ୍ଭରେ ଦିବଂଗତ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ବାର୍ଷିକ ଉତ୍ସବ ପାଇଁ ଲେଖା ଆବେଦନ ଉପରେ ଆଲୋଚନାରେ ଚଳିତ ବର୍ଷ ସମସ୍ତ ଲେଖା ଗୁଡିକର ପଞ୍ଜିକରଣ ପାଇଁ ସଭ୍ୟ ବସନ୍ତ କୁମାର ଦାସ ପ୍ରସ୍ତାବ ରଖିଥିଲେ । ଓଡିଆ ଭାଷାର ସମ୍ପ୍ରସାରଣ ପାଇଁ ସାଇନ ବୋର୍ଡ ଏବଂ ସରକାରୀ ଚିଠି ଓଡିଆ ଭାଷାରେ ଲେଖାଯିବା ଭଳି ଗଠନମୂଳକ ପଦକ୍ଷେପ ନିଆଯିବାକୁ ମଞ୍ଚର ସଦସ୍ୟ ମାନେ ଦାବୀ କରିଥିଲେ । ମଞ୍ଚର ସମ୍ପାଦକ ମୁକ୍ତିକାନ୍ତ ଶତପଥି,କୋଷାଧକ୍ଷ ଅନାମ ଚରଣ ପଣ୍ଡା,ବସନ୍ତ କୁମାର ଖିଲାର,ସନ୍ତୋଷ କୁମାର ଶତପଥି ,ରମାକାନ୍ତ ଶତପଥି ,ଡା ପ୍ରଭାକର ପଣ୍ଡା,ବୁଦ୍ଧିରାମ ପାଣିଗ୍ରାହୀ,ଜଗତାନନ୍ଦ ମହାପାତ୍ର,ଅଭିରାମ ମହାପତ୍ର,ଅନ୍ତର୍ଯ୍ୟାମୀ ପାତ୍ର ପ୍ରମୁଖଙ୍କ ତରଫରୁ ଏହି ଦାବୀପତ୍ର ପ୍ରଦାନ କରାଯାଇଥିଲା । ପରେ ସମସ୍ତ ସଦସ୍ୟ ମାନେ ମିଳିତ ଭାବେ ଏକ ଦାବୀପତ୍ର ଖଇରା ବିଡିଓଙ୍କୁ ପ୍ରଦାନ କରିଥିଲେ । ଯେଉଁଥିରେ ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଖଇରା ଠାରେ ପ୍ରଶାସନ ତରଫରୁ ଓପନ ଜିମ ଖୋଲିବାକୁ ବିଡିଓ ଅନନ୍ତ କୁମାର ହାଁସଦାଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା ।

# ଜାତୀୟ ଖେଳକୁଦରେ ବ୍ରୋଞ୍ଜ ବିଜେତା ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ବାରିପଦା,୮/୧୧ (ନି ପ୍ର): ଗୋଆର ପାଞ୍ଜିମ ଠାରେ ଅନୁଷ୍ଠିତ ଜାତୀୟ ଖେଳକୁଦ ପ୍ରତିଯୋଗିତାରେ ବେତନଟୀର ଯୁବ ଖେଳାଳୀ ବିରାମ ଟୁଡୁ ଯୁଶୁ, ଟାଉଲୁ ଓ ନାରକୁଆନ ଖେଳରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ମେଡାଲ ହାସଲ କରି ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି ଓ କୋଚ ତଥା



ଜିଲ୍ଲା ସମ୍ପାଦକ ଯୁଶୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ବିରାମ ବର୍ତ୍ତମାନ ବେତନଟୀ ଡିଗ୍ରୀ କଲେଜର +୩ ତୃତୀୟ ବର୍ଷ କଳାର ଛାତ୍ର । କ୍ରିକେଟ, ଫୁଟବଲ ଏବଂ ଅନ୍ୟ ଖେଳକୁଦରେ ଯୁବ ଖେଳାଳି ମାନେ ବ୍ୟସ୍ତ ଥିବାବେଳେ ବିରାମ ଏଭଳି ଏକ ଖେଳରେ କୃତିତ୍ୱ ହାସଲ କରିଥିବାରୁ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ଅନ୍ୟାନ୍ୟ ସଦସ୍ୟ ତଥା କ୍ରୀଡ଼ାପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି ।

# ଛାତର ସେଣ୍ଟାରିଂ ପଟା ଖୋଲିବାକୁ ମନା କରିବାରୁ ଆକ୍ରମଣ

ବାଲିଆପାଳ,୮/୧୧(ନି ପ୍ର) ଛାତର ସେଣ୍ଟାରିଂ ପଟା ଖୋଲିବାକୁ ମନା କରିବାରୁ ସାଉଡି ଗ୍ରାମରେ ଜଣେ ବ୍ୟକ୍ତି ତାଙ୍କ ପଡୋଶୀ ଘରର ଜଣେ ଯୁବକଙ୍କୁ ଆକ୍ରମଣ କରିଛନ୍ତି । ଏ ନେଇ ସିଂଲା ଥାନାରେ ଏକ ମାମଲା ରୁଜୁ ହୋଇଛି । ପ୍ରକାଶ ସାଉଡି ଗ୍ରାମର ହରି ହର ପଟ୍ଟା ୟତ ଚାଷ ପାଇଁ ଖଳା ମଡାଇ ଥିଲେ । ତିନି ତାରିଖ ତାଙ୍କ ସ୍ତ୍ରୀଙ୍କ ଦେହ ଖରାପ ହେବାରୁ ସେ ତାଙ୍କୁ ବାଲେଶ୍ୱର ହସ୍ପିଟାଲକୁ ନେଇ ଯାଇଥିଲେ । ତାଙ୍କ ଖଳାକୁ ଲାଗି ତାଙ୍କ ପଡୋଶୀ ବିଶ୍ୱ ନାଥ ବେହେରାଙ୍କ ପକ୍କା ଘର ଛାତ । ହରିହରଙ୍କ ଖଳା ଦେଇ ଛାତର ସେଣ୍ଟାରିଂ ପଟା କାଢ଼ିଲେ ଖଳା ନଷ୍ଟ ହୋଇ ଯିବ । ବିଶ୍ୱ ନାଥ ଲୋକ ଲଗାଇ ଜୋର ଜବରଦସ୍ତ ପଟା କାଢୁଥିଲେ । ହରିହରଙ୍କ ସାନ ପୁଅ ପଦ୍ମ ଲୋଚନ ସେଠାରେ ବାରଣ କରିଥିଲେ । ଏନେଇ ଉଭୟଙ୍କ ମଧ୍ୟରେ ବଚସାରୁ ମାର ପିଟ ହୋଇଥିଲା । ହରିହରଙ୍କ ବଡ଼ ପୁଅ ଓ ଝିଅ ଘଟଣା ସ୍ଥଳରେ ପହଂଚି ବିଶ୍ୱ ନାଥଙ୍କୁ ବିରୋଧ କରିବାରୁ ଗଣ୍ଡ ଗୋଳ ବଢିଥିଲା । ପରେ ଲୋକ ଜମା ହୋଇ ଯିବାରୁ ଗଣ୍ଡ ଗୋଳ ଥମିଥିଲା । ପରେ ହରିହର ନ୍ୟାୟ ପାଇବା ପାଇଁ ଥାନାର ଦ୍ୱାରସ୍ଥ ହୋଇ ଛନ୍ତି ।ତେବେ ବିଶ୍ୱ ନାଥ ସେମାନଙ୍କ ଉପରେ ପାଲଟା ଅଭିଯୋଗ କରିଥିବା ବେଳେ ପୁଲିସ ତଦନ୍ତ ପରେ ପଦକ୍ଷେପ ନେବ ବୋଲି କହିଛି ।

# ନିମ୍ନମାନର ୫-ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ: ଖସିଲା ସିଲିଂ ଅଳ୍ପକେ ବର୍ତ୍ତିଲେ ପ୍ରଧାନ ଶିକ୍ଷକ

ନୀଳଗିରି,୮/୧୧ (ନି ପ୍ର): ନୀଳଗିରିର ସର୍ବପୁରାତନ ଓ ଖ୍ୟାତିଅର୍ଜନ କରିଥିବା ଶିକ୍ଷାନୁଷ୍ଠାନ କୈଳାସ ଚନ୍ଦ୍ର ଉଚ୍ଚବିଦ୍ୟାଳୟ ୫ଟିରେ ରୂପାନ୍ତରିକରଣ ହୋଇଥିଲେ ମଧ ୨ ବର୍ଷ ନପୁରୁଣ ୫ଟି ଯୋଜନାରେ ନିର୍ମାଣ ହୋଇଥିବା ନିମ୍ନମାନର କାର୍ଯ୍ୟ ପାଇଁ ଏବେ ସମଗ୍ର ନୀଳଗିରିରେ ଚର୍ଚ୍ଚା ।ସୂଚନା ଅନୁଯାୟୀ ବୁଧବାର ସକାଳ ୯ ଟା ସମୟରେ ଯେତେବେଳେ ସ୍କୁଲର ପ୍ରଧାନ ଶିକ୍ଷକ ଭୀମସେନ ବିଶ୍ୱାଳ ନିଜର କାର୍ଯ୍ୟାଳୟ ଖୋଲି ଭିତରକୁ ପ୍ରବେଶ କରିଥିଲେ ହଠାତ ଉକ୍ତ କାର୍ଯ୍ୟାଳୟର ଗୋଟିଏ ପାର୍ଶ୍ୱର ସିଲିଂ ତଳକୁ ଖସିପଡିଥିଲା ।ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱାଳ ଓ ଡାଟା ଅପରେଟର ଅଳ୍ପକେ ବର୍ତ୍ତିଯାଇ ନିଜକୁ ବଞ୍ଚେଇବାରେ ସକ୍ଷମ ହୋଇଥିଲେ ।ଖାଲି ସେତିକି ନୁହେଁ ଶିକ୍ଷକମାନଙ୍କ ବୈଠକ



ଗୃହର ସିଲିଂ ମଧ ଫାଟିଯାଇଥିବା ବେଳେ ଚଟାଣରେ ପଡିଥିବା ମାର୍ବଲ ଗୁଡିକ ଉଠିଯାଇଥିବାର ଦେଖିବାକୁ ମିଳିଛି ।ଏଥିରୁ ଉକ୍ତ ବିଦ୍ୟାଳୟରେ ୫ଟି ଯୋଜନାରେ କିପରି ନିମ୍ନମାନର କାର୍ଯ୍ୟ କରାଯାଇଛି ତାହା ସ୍ପଷ୍ଟ ବାରିହେଉଛି ।୫ଟି ରୂପାନ୍ତରିକରଣ ପାଇଁ ୨ଟି ପର୍ଯ୍ୟାୟରେ ସ୍କୁଲର ଉନ୍ନତିକରଣ ପାଇଁ ୯୦ ଲକ୍ଷ ଟଙ୍କା ଆସିଥିବା ବେଳେ ଏହି କାର୍ଯ୍ୟ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ନୀଳଗିରି ପୂର୍ତ୍ତବିଭାଗ ଦ୍ୱାରା ପରିଚାଳନା କରାଯାଉଥିଲା । ସହରର ମଧ ସ୍ଥଳରେ ଅବସ୍ଥିତ ଉକ୍ତ ଶିକ୍ଷାନୁଷ୍ଠାନ ପୂର୍ତ୍ତବିଭାଗର ତତ୍ତ୍ୱବଧାନରେ କାର୍ଯ୍ୟ ହୋଇଥିଲା ।ହେଲେ ଉକ୍ତ ଘଟଣା ପ୍ରତି ପୂର୍ତ୍ତବିଭାଗର ନିଘା ନାହିଁ ଏ ସମ୍ପର୍କରେ ପୂର୍ତ୍ତବିଭାଗର ଏସଡିଓ ଜ୍ୟୋତିପ୍ରକାଶ ପଣ୍ଡାଙ୍କୁ ପଚାରିବାରୁ ସେ ସେ ସମ୍ପର୍କରେ ଅବଗତ ନାହାନ୍ତି ତଦନ୍ତ କରିବା ପରେ ଯାହା ପଦକ୍ଷେପ ନେବେ ବୋଲି କହିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାଲେଶ୍ୱର ଜିଲ୍ଲାର ୨ଜଣ ବରିଷ୍ଠ ସାମ୍ବାଦିକଙ୍କ ବିୟୋଗ




ବାଲେଶ୍ୱର,୮/୧୧ (ନି ପ୍ର): ବାଲେଶ୍ୱର ଜିଲ୍ଲାରେ ଗୋଟିଏ ଦିନରେ ୨ ଜଣ ସାମ୍ବାଦିକଙ୍କ ଅକାଳ ବିୟୋଗ ଜିଲ୍ଲାର ସାମ୍ବାଦିକ ମାନଙ୍କୁ ହତଚକିତ, ମର୍ମାହତ ଓ ସ୍ତମ୍ଭିଭୂତ କରିଦେଇଛି। ବାଲିଆପାଳ ବ୍ଲକ ର କାର୍ଯ୍ୟରତ ସାମ୍ବାଦିକ ରାଧାକୃଷ୍ଣ ସାହୁ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଫଟୋ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କ ଅକାଳ ବିୟୋଗରେ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତିଙ୍କ ସମେତ ରାଜ୍ୟର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତାମାନେ ଗଭୀର ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି। ଦୀର୍ଘଦିନ ଧରି ଅସୁସ୍ଥ ଥିବା ସତ୍ୟପ୍ରିୟ ମହାନ୍ତି ଜଣେ ମେଳାପି, ବନ୍ଧୁ ବତ୍ସଳ, ସ୍ନେହୀ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ଏଥିସହିତ ବିଭିନ୍ନ ଅନୁଷ୍ଠାନ ସହ ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଡ଼ିତ ଥିଲେ। ତାଙ୍କର ଏକ ବିଶେଷତ୍ୱ ଥିଲା ସେ ଏକାଧାରରେ ଆମ ରାଜ୍ୟର ସମସ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶେଷ କରି ବିଜୁ ପଟ୍ଟନାୟକ, ନୀଳମଣି ରାଉତରାୟ, ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମେତ ସବୁ ରାଜନେତାଙ୍କ ଭାଷଣକୁ ଅବିକଳ ନକଲ କରି ଆମମାନଙ୍କୁ ଖୁସି କରିଦେଉଥିଲେ। ଜିଲ୍ଲା ର ଦୁଇ ସାମ୍ବାଦିକଙ୍କର ଅକାଳ ବିୟୋଗ ଆମ ସମସ୍ତଙ୍କ ପାଇଁ ଦାରୁଣ ଦୁଃଖ ଆଣିଦେଇଛି। ସେମାନଙ୍କର ଆତ୍ମା ଶାନ୍ତିପାଉ ତାଙ୍କର ପରିବାରକୁ ଏଭଳି ଦୁର୍ଦ୍ଦିନରେ ସାହସ ଓ ଶକ୍ତି ସାମର୍ଥ୍ୟ ମିଳୁ ସେମାନେ ଭାଙ୍ଗି ନ ପଡନ୍ତୁ ଏହାହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଓଡ଼ିଶା ସାମ୍ବାଦିକ ୟୁନିଅନର ପ୍ରାର୍ଥନା ବୋଲି ଓଡ଼ିଶା ସାମ୍ବାଦିକ ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଜଣାଇଛନ୍ତି।

# କେନ୍ଦ୍ରୀୟ ଯୋଜନାର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର

## ବାଙ୍ଗିରିପୋଷି ଘାଟିରାସ୍ତା ସହ ଝାରପୋଖରୀଆ ଅର୍ଦ୍ଧ ନିର୍ମିତ ଅଭରବ୍ରିଜ ବିଷୟରେ ଆଲୋଚନା

## ନଭେମ୍ବର ୨୦ରେ ମହାମହିମ ରାଷ୍ଟ୍ରପତି କରିବେ କୁଳିଅଣା ଏକଲାବ୍ୟ ମଡେଲ ସ୍କୁଲର ଉଦଘାଟନ



ବାରିପଦା,୮/୧୧ (ନି ପ୍ର): ଆଜି କେନ୍ଦ୍ରରାଷ୍ଟ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ ଓଡିଶାରେ ଚାଲୁଥିବା କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିଛନ୍ତି. ବୈଠକରେ ନ୍ୟାସନାଲ ହାଇୱେ ଅଥୋରିଟି ଅଫ୍ ଇଣ୍ଡିଆର ରିଜିଓନାଲ ଅଫିସର ବିରେନ୍ଦ୍ର ସିଂ ଏବଂ ପ୍ରୋଜେକ୍ଟ ଡାଇରେକ୍ଟର ବାଲେଶ୍ୱର ପିଆଇଓ ଜେପି ବର୍ଷା ପ୍ରମୁଖ ଉପସ୍ଥିତ ଥିଲେ। ବାଙ୍ଗିରିପୋଷୀ ଘାଟି ରାସ୍ତାର ସଂପ୍ରସାରଣ, ଏନଏଚଆଇ ର ବିଦ୍ୟୁତିକରଣ, ରୋଡ ସାଇଟରେ ହାତୀ ଓ ବନ୍ୟଜନ୍ତୁଙ୍କ ପାଇଁ ଅଣ୍ଡର ପାସ ଗୁଡିକ ଚିହ୍ନଟ କରି ଖୁବ୍‌ଶୀଘ୍ର ଡିପିଆର ପ୍ରସ୍ତୁତ କରାଯାଇ ଡିସେମ୍ବର ସୁଧା କାମ ଆରମ୍ଭ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଝାରପୋଖରୀଆର ଅର୍ଦ୍ଧନିର୍ମିତ ପୋଲ ଏବଂ ବାରିପଦାର ପାଲବଣୀ ଓ କୁବୁଲି ପେଟ୍ରୋଲପମ୍ପ ନିକଟରେ ହେଉଥିବା ସମସ୍ୟାର ସମାଧାନ ସହ ଗୋପାଳପୁର, ଦୀଘା କୋଷ୍ଟାଲ ହାଇୱେର ନୂତନ ନିର୍ମାଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ. ସେହିପରି ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ ଓଡିଶାରେ ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ ନିର୍ମାଣ କରୁଥିବା ସମସ୍ତ ଭାରତ ସରକାରଙ୍କର ବ୍ୟବସାୟୀକ ସଂସ୍ଥାର ପ୍ରତିନିଧିଙ୍କ ସହ ଆଲୋଚନା କରି ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ଜଙ୍ଗଲ ସମସ୍ୟା ଥିବା ଇଏମଆରଏସ ସ୍ଥାନ ଗୁଡିକ ସମାଧାନ କରି ବିଭାଗକୁ ହସ୍ତାନ୍ତର କରୁନଥିବାରୁ ମନ୍ତ୍ରୀ ଉଦବେଗ ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ନିର୍ମାଣାଧୀନ ସମସ୍ତ ଏକଲବ୍ୟ ବିଦ୍ୟାଳୟକୁ ଶୀଘ୍ର ଶେଷ କରିବା ସହିତ ଓଡ଼ିଶାରେ ନିର୍ମାଣ କରିବାକୁ ଥିବା ୮୭ଟି ଏକଲବ୍ୟ ବିଦ୍ୟାଳୟ ଗୁଡିକର ପୂର୍ବ ନିର୍ମାଣ ପ୍ରସ୍ତୁତି ଶେଷ କରି ଭୂମିପୂଜନ ସାରିବା ପାଇଁ ପିଏସୟୁଙ୍କୁ ନିର୍ଦ୍ଦେଶ ଦେବା ସହ କୁଳିଅଣାଠାରେ ନବନିର୍ମିତ ଏକଲବ୍ୟ ମଡେଲ ରେସିଡିନ୍ସିଆଲ ସ୍କୁଲକୁ ମହାମହିମ ରାଷ୍ଟ୍ରପତି ଆସନ୍ତା ନଭେମ୍ବର ୨୦ତାରିଖରେ ଶୁଭ ଉଦଘାଟନ କରିବେ ବୋଲି ସୂଚନା ଦେଇଛନ୍ତି। ଶେଷରେ ମନ୍ତ୍ରୀ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ଅଧିକାରୀଙ୍କ ସହିତ ଓଡ଼ିଶାର ଜଳ ସମସ୍ୟା ଉପରେ ଆଲୋଚନା କରି ବିଭିନ୍ନ ସମସ୍ୟାର ସମାଧାନ ଯଥାଶୀଘ୍ର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଇଫେଡ କମିଶନର ଓ ତାଙ୍କ ଅଧିକାରୀ ମାନଙ୍କ ସହିତ ଆଲୋଚନା କରି ବନଧନ ବିକାଶ କେନ୍ଦ୍ରର କିପରି ବିକାଶ ହେବ ଓ ଆଦି ମହୋତ୍ସବ ବିଷୟରେ ମନ୍ତ୍ରୀ ଆଲୋଚନା କରିଥିଲେ।

# ଜଳେଶ୍ୱରରୁ ବାଲେଶ୍ୱରକୁ ବିସିଇଟିର ବସ୍‌ସେବା ଶୁଭାରମ୍ଭ




ଜଳେଶ୍ୱର,୮/୧୧(ନିପ୍ର): ବାଲେଶ୍ୱରସ୍ଥିତ ବିସିଇଟିରେ ଏ ଅଂଚଳରୁ ଛାତ୍ରଛାତ୍ରୀମାନେ ଶିକ୍ଷାଲାଭ କରୁଥିବାରୁ ସେଠାକୁ ଯାତାୟାତ ଲାଗି ପରିଚାଳନା କମିଟି ପକ୍ଷରୁ ବସ୍ ସେବା ଆରମ୍ଭ କରାଯାଇଛି। ବାଲେଶ୍ୱର ସହର ଉପକଣ୍ଠ ସେରଗଡ ଛକ ନିକଟରେ ବାଲେଶ୍ୱର କଲେଜ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି ୨୦୦୧ ମସିହାରେ ସ୍ଥାପିତ ହୋଇଥିବା ବେଳେ ୨୦୧୬ ମସିହାରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଆବାସିକ) ୨୦୨୦ରୁ ନିତ୍ୟାନନ୍ଦ ଫାର୍ମାସୀ କଲେଜ କାର୍ଯ୍ୟ କରିଆସୁଅଛି। ଜଳେଶ୍ୱର ତଥା ପଶ୍ଚିମବଂଗରୁ ଛାତ୍ରଛାତ୍ରୀଙ୍କ ଯାତାୟାତ ଲାଗି ବଡବଜାର ଛକଠାରୁ ବସ୍ ଜାତାୟାତ କରିବାକୁ ଥିବାରୁ ଆଜି ନଗରପାଳ ପ୍ରଦୀପ କୁମାର ପ୍ରଧାନ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ପୁଷ୍ପପ୍ରିୟା କାମିଲା, କାଉନସିଲର ସତ୍ୟବତୀ ଗିରି, କବିତା ଧଳ, ଚନ୍ଦନ ଦାସ, ସୁରଜ ଚୌରାସିଆ, ଲକ୍ଷ୍ମଣ ସରେନ୍, ସତ୍ୟରଂଜନ ଦାସମହାପାତ୍ର, ଆନନ୍ଦ କର, ସଂଜିବ ପାଳ, ଦୁର୍ଗାଶଂକର ବ୍ରହ୍ମ, ବିଜୟ କାମିଲା ପ୍ରମୁଖ ଉପସ୍ଥିତ ଥିଲେ। ନଗରପାଳଙ୍କ ଅନୁରୋଧ କ୍ରମେ ବିସିଇଟିର ନିର୍ଦ୍ଦେଶକ ଡ. ଶରତ କୁମାର ମିଶ୍ର ଜଳେଶ୍ୱରର ବ୍ଲକ ବଜାର ଠାରେ ଏକ ସିସିକ୍ୟାମେରା ଲଗାଇବାର ପ୍ରତିଶୃତି ଦେଇଥିବାରୁ ପୌରପାଳିକା ତରଫରୁ ସାଧୁବାଦ ଜଣାଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ମନୋଜ କୁମାର ଜେନା ସଂଚାଳନା କରିଥିବା ବେଳେ ଜ୍ୟୋତିରଂଜନ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ମନ୍ମଥ କୁମାର ବିଶ୍ୱାଳ ଜଳେଶ୍ୱର ବାସୀଙ୍କ ସହଯୋଗକୁ ଧନ୍ୟବାଦ ଜଣାଇଛନ୍ତି।

# ବିଶ୍ୱବିଦ୍ୟାଳୟରେ କୃଷି ସଂପ୍ରସାରଣ କାର୍ଯ୍ୟକ୍ରମ




ବାରିପଦା,୮/୧୧ (ନି ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ ଦ୍ୱାରା କୃଷି ସଂପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାରୁ ଚାଳିଶ ଜଣ ଡିଲର ଯୋଗଦେଇଥିବା ବେଳେ, ଭାରତ ସରକାରଙ୍କ କୃଷି ସଂପ୍ରସାରଣ ଯୋଜନା ଦେଶୀ ଅଧିନରେ ହାଇଦ୍ରାବାଦସ୍ଥିତ ମ୍ୟାନେଜ ସଂସ୍ଥା ଏହାକୁ ପରିଚାଳନା କରିଥିଲା. କରଞ୍ଜିଆ ଗୋଷ୍ଠୀ କୃଷି ଅଧିକାରୀ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଅଭିମନ୍ୟୁ ଅଣ୍ଡିଆଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ.ଗାର୍ଗୀ ମହାନ୍ତିଙ୍କ ଦ୍ୱାରା ମାଛ ଅନ୍ତରୁ ପ୍ରସ୍ତୁତ ଜୈବିକ ସାର ଡିଲର ମାନଙ୍କୁ ବିନାମୂଲ୍ୟରେ ପ୍ରଦାନ କରାଯାଇଥିଲା। ବିଭାଗୀୟ ପ୍ରଫେସର ଡ.ହେମନ୍ତ କୁମାର ସାହୁ ଏହି ଜୈବିକ ସାରର ଉପକାରିତା ଓ କାର୍ଯ୍ୟକାରିତା ତଥା ବ୍ୟବହାର ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ବିଭାଗୀୟ ମୁଖ୍ୟ ସହଯୋଗୀ ପ୍ରଫେସର ଡ.ପୁଷ୍ପାଞ୍ଜଳି ପରିଡ଼ା, ସହକାରୀ ପ୍ରଫେସର ଡ. ପ୍ରିୟରଞ୍ଜନ ଦେବତା, ଡ. କୁକୁ ମହାପାତ୍ର ଓ ବିଭାଗର ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଅଧିକାରୀଙ୍କ ସହମତିରେ ଚାଲୁଛି ମାଙ୍କଡା ଚୋରା ଚାଲାଣ



ଖଇରା,୮/୧୧(ନିପ୍ର) ଖଇରା ତହସିଲ ଅଧୀନ କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ରରେ ମାଙ୍କଡା ଚୋରା ଚାଲାଣ କାରୀ ମାନେ ପୁଣି ଥରେ ସକ୍ରୀୟ ହୋଇ ପଡିଛନ୍ତି। ୧ମାସ ଧରି ଲୁଟେରା ମାନେ ରାତିସାରା ଉଜାଗର ରହି ବେଆଇନ ଚୋରା ଚାଲାଣ ମାଧ୍ୟମରେ କୋଟି କୋଟି ରାଜସ୍ୱ ଫାଙ୍କି ଚାଲିଛନ୍ତି। ଏଥିରେ କିଛି ରାଜସ୍ୱ ଅଧିକାରୀଙ୍କ ସଂପୃକ୍ତି ଥିବାର କୁହାଯାଉଛି। ତୁରନ୍ତ ଏହା ଉପରେ ଅଙ୍କୁଶ ଲଗାଇବାକୁ ଗଡପୋଖରୀ,ବାଉଁଶଗଡିଆ, କୁପାରୀ,ରଟିଣା,ବର୍ତ୍ତନା,ହରିପୁର ପଞ୍ଚାୟତର ଜନସାଧାରଣ ଦାବୀ କରିଛନ୍ତି।ପ୍ରକାଶ ଯେ କୁପାରୀ ରାଜସ୍ୱ କ୍ଷେତ୍ର ର ବରପଦା,ବାରାଯୋଡି, ଏଲ ଏଣ୍ଡ ଟି ପଡିଆ,କଇଥଗଡିଆ ଏବଂ ବର୍ତ୍ତନା ରାଜସ୍ୱ କ୍ଷେତ୍ରର ବିଭିନ୍ନ ସ୍ଥାନରୁ ମାଙ୍କଡା ଖୋଲି ମାଫିଆ ମାନେ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ କରୁଥିଲେ। ମାଙ୍କଡା ଉତ୍ତୋଳନ ପରେ ପରିତ୍ୟକ୍ତ ଖଣିରେ ପାଣି ଭର୍ତ୍ତୀ ପରେ ଏ କୃତ୍ରିମ ପୋଖରୀ ଗୁଡିକ ଉଭୟ ମଣିଷ ପଶୁଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥିଲା। ଉଭୟ ଗୃହପାଳିତ ଓ ବନ୍ୟ ଜନ୍ତୁ ମାନେ ପାଣି ପିଇବାକୁ ଆସି ମୃତ୍ୟୁ ମୁଖରେ ପଡୁଥିଲେ। ସେହିଭଳି କିଛି ବୟସ୍କ ବ୍ୟକ୍ତି ଓ ଛୋଟ ପିଲା ଗାଧୋଇବା ତଥା ଶୌଚ ହେବାକୁ ଆସି ଜିବନ ହାରିବା ପରେ ଗ୍ରାମବାସୀଙ୍କ ତରଫରୁ ପ୍ରତିବାଦର ସ୍ୱର ଉଠିଥିଲା। ସ୍ଥାନୀୟ ଗ୍ରାମବାସୀ ମାନଙ୍କର ପ୍ରବଳ ବିରୋଧ ପରେ କିଛି ବର୍ଷ ଧରି ବନ୍ଦ ହୋଇ ପଡିବା ପରେ ଏବେ ପୁଣି ପାଖାପାଖି ୧ମାସ ହେବ ଏହି ମାଙ୍କଡା ମାଫିଆ ମାନେ ସକ୍ରିୟ ହୋଇ ପଡିଛନ୍ତି। ବରପଦା ତଥା ଅନ୍ୟ କିଛି ଅଞ୍ଚଳରେ ପୁଣି ସରକାରୀ ତଥା ବେସରକାରୀ ଜମିରେ ରାତି ଅଧିଆ ମାଙ୍କଡା ଖୋଲି ଚାଲାଣ କରିବା ଆରମ୍ଭ କରିଛନ୍ତି। ସେପଟେ ଚାଷ ଜମି ନିଟତରେ ବଡ ବଡ ଗାତ ସୃଷ୍ଟି ହେଉଥିବାର ଚାଷ ଜମି ଶୁଖିଲା ପଡି ଯାଉଥିବା ନେଇ ଚାଷିମାନେ ଅଭିଯୋଗ କରିଛନ୍ତି। ପାଣି ଅଭାବରୁ ଶହ ଶହ ଏକର ଚାଷଜମିରେ ମରୁଡି ଆଶଙ୍କା ଦେଖାଦେଇଛି। ମାଫିଆ ମାନେ କିଛି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ହାତ କରି ଅଳ୍ପ କିଛି ଅର୍ଥ ଲୋଭ ଦେଖାଇ ଜମି ନିଲାମରେ ନେଇ ମାଙ୍କଡା ଖୋଳି ବିକ୍ରି କରିବା ଆରମ୍ଭ କରିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଘଟଣାକ୍ରମେ ନିକଟରେ ୩ନଂ ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଓ ବହୁ ଲୋକପ୍ରତିନିଧି ଖଇରା ଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କୁ ଭେଟି ଚୋରୀ ରୋକିବାକୁ ମାଙ୍କଡା ଖଣି ଗୁଡିକୁ ନିଲାମ ପ୍ରକ୍ରିୟାରେ ଚଲାଇ ରାଜସ୍ୱ ସଂଗ୍ରହ ପାଇଁ ଲିଖିତ ଭାବେ ଦାବୀ କରିଥିଲେ। ଏହାଦ୍ୱାରା ଶ୍ରମିକଙ୍କୁ ରୋଜଗାର ମିଳି ପାରିବ ବୋଲି ଯୁକ୍ତି ଦର୍ଶାଇଥିଲେ। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗ ପରେ ରାଜସ୍ୱ ନିରିକ୍ଷକଙ୍କୁ ପଠାଇଥିଲେ ହେଁ କେହି ଖଣି ଖୋଳୁନଥିବାର ଆରଆଇ ରିପୋର୍ଟ କରିଥିବାର କହିଛନ୍ତି।

# ଜିଲ୍ଲା ନିର୍ମାଣ ଶ୍ରମିକ ସମନ୍ୱୟ ସମିତିର ବୈଠକ




ବାରିପଦା,୮/୧୧ (ନି ପ୍ର): ମୟୂରଭଞ୍ଜ ଜିଲ୍ଲା ନିର୍ମାଣ ଶ୍ରମିକ ସମନ୍ୱୟ ସମିତିର ଏକ ବୈଠକ ବାରିପଦା ଠାରେ ସଭାପତି ଅମଲ ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହାଇଯାଇଛି. ଜିଲ୍ଲାରେ ପ୍ରାୟ ୧ଲକ୍ଷ୬୦ ହଜାର ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଥିବା ବେଳ ଅଦ୍ୟାବଧି ମାତ୍ର ୧୧ ହାଜର ପଞ୍ଜୀକୃତ ଶ୍ରମିକଙ୍କ ନବିକରଣ ହୋଇଥିବାରୁ ବୈଠକେର କ୍ଷୋଭ ପ୍ରକାଶ ପାଇଥିଲା. ସେହିପରି ଆବେଦନ କରିଥିବା ଶ୍ରମିକ ମାନଙ୍କର ନବୀକରଣକୁ ଶ୍ରମ କାର୍ଯ୍ୟାଳୟ ମଞ୍ଜୁର କରୁନଥିବା, ସହାୟତାରାଶିର ଆବେଦନ ପତ୍ର କାର୍ଯ୍ୟାଳୟେର ଗାଏବ ହୋଇଯିବା ଅତ୍ୟନ୍ତ ନିନ୍ଦନିୟ ବୋଲି ବୈଠକେର ସମିତିର ସମ୍ପାଦକ ଶ୍ରୀଯୁକ୍ତ କାହ୍ନୁ ଚରଣ ବେହେରା କହିଥିଲେ. ୨୦୨୨ମସିହା ଠାରୁ ନବୀକରଣ ପାଇଁ ଆବେଦନ କରିଥିବା ସମସ୍ତ ଶ୍ରମିକ ମାନଙ୍କ ଅନଲାଇନ ଆବେଦନ ଗୁଡିକୁ ତୁରନ୍ତ ମଞ୍ଜୁର କରାଯିବା ଏବଂ ନିର୍ମାଣ ଶ୍ରମିକ ମାନଙ୍କର ସମସ୍ୟା ବିଷୟେର ଶ୍ରମ ଅଧିକାରୀ ସାକ୍ଷାତ ଆଲୋଚନା କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି. ବୈଠକେର ଗୁରୁଭା ହାଁସଦା, ସୂର୍ଯ୍ୟକାନ୍ତ ସାହୁ, ଜଗବନ୍ଧୁ ମିଶ୍ର, ମଧୁସୂଦନ ଜେନା, ମଦନ ମୋହନ ଜେନା, ସିନିଗ ଲତା ମାଝୀ, ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳ, ମେହଶ୍ୱର ବେହେରା ଧନ୍ୟବାଦ ଅପର୍ଣ କରିଥିଲେ।

# ରାଷ୍ଟ୍ରୀୟ ହିନ୍ଦୁ ସଂଗଠନ ଦେବସେନା ବାଲେଶ୍ୱର ଜିଲ୍ଲା ପକ୍ଷରୁ ବସ୍ତା ବିଇଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ବସ୍ତା, ୮/୧୧( ନିପ୍ର) ରାଷ୍ଟ୍ରୀୟ ହିନ୍ଦୁ ସଂଗଠନ ଦେବସେନା ବାଲେଶ୍ୱର ଜିଲ୍ଲା ପକ୍ଷରୁ ବସ୍ତା ବିଇଓ ଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର। ସୂଚନା ଅନୁସାରେ ଚଳିତ ୨୦୨୩/୨୪ ମସିହାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରେ ଅର୍ଦ୍ଧ ବାର୍ଷିକ ଷଷ୍ଠ ଶ୍ରେଣୀ ପରୀକ୍ଷା ରେ ଓଡ଼ିଆ ପ୍ରଶ୍ନ ପତ୍ର ଅନୁଛେଦରେ ଶ୍ରୀ ରାମଚନ୍ଦ୍ର ଏବଂ ରାମରାଜ୍ୟ କୁ କାଳ୍ପନିକ ଆଖ୍ୟା ଦେଇଥିବା ନେଇ ଦେବସେନା ସଂଗଠନ ପକ୍ଷରୁ ବସ୍ତା ବିଇଓ ଙ୍କ ଜରିଆରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସହିତ ବସ୍ତା ଆଇ ଆଇ ସି ଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦେବସେନା ସଂଗଠନ ଦାବି କରିଛନ୍ତି ଯେ, ଷଡ଼ଯନ୍ତ୍ରକାରୀ ଆଗାମୀ ଦିନରେ ଏପରି ଷଡ଼ଯନ୍ତ୍ର ନ କରନ୍ତୁ ଏବଂ ହିନ୍ଦୁ ପ୍ରେମିଙ୍କୁ କୋଠାରଘାତ କରିଥିବାରୁ ଷଡ଼ଯନ୍ତ୍ରକାରୀ କ୍ଷମା ପ୍ରାର୍ଥନା କରନ୍ତୁ। ବାଲେଶ୍ୱର ଜିଲ୍ଲା ଦେବସେନା ଅଧକ୍ଷ ଶଙ୍କର ଜେନା,ଗୋ ସୁରକ୍ଷା ଅଧକ୍ଷ ମନୋଜ କୁମାର ସାମଲ, ଆଇଟିସେଲ ଅଧକ୍ଷ ବାବୁ ପାଣି, ବସ୍ତା ବ୍ଲକ୍ ଦେବସେନା ଅଧକ୍ଷ ଅନ୍ତର୍ଯ୍ୟାମୀ ରାଉଳ, ସୁନିଲ୍ ଶେଖର ଙ୍କ ସମେତ ବହୁ ହିନ୍ଦୁ ପ୍ରେମୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଫାର୍ମସିଷ୍ଟଙ୍କ ପରଲୋକ

ଜଳେଶ୍ୱର ୮/୧୧(ନିପ୍ର): ଅବସରପ୍ରାପ୍ତ ଫାର୍ମାସିଷ୍ଟ ଜଳେଶ୍ୱରର ଚକ୍ରଡା ଗ୍ରାମର ରଜନୀକାନ୍ତ ପଣ୍ଡା ୭୩ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପ୍ରାଣତ୍ୟାଗ କରିଛନ୍ତି। ସେ ଜଣେ କେବଳ ଫାର୍ମାସିଷ୍ଟ ନ ଥିଲେ ତାଙ୍କର ବନ୍ଧୁ ବତ୍ସଳତା, ପରୋପକାର, ଅନୁଷ୍ଠାନ ପ୍ରେମ, ସାମାଜିକ କାର୍ଯ୍ୟ ଲାଗି ବେସ୍ ପରିଚିତ ଥିଲେ। ସେ ଗତ କିଛିଦିନ ଧରି ଅସୁସ୍ଥ ଥିବାରୁ ଚିକିତ୍ସିତ ହେଉଥିଲେ। ସେ ବାଲିଆପାଳର ବିଷ୍ଣୁପୁର, ଜଳେଶ୍ୱରର ନାମ୍ପୋ, ବସ୍ତାର ସିଂଲା ଓ ସନ୍ତୋଷପୁର ଠାରେ ରହିଛି କାର୍ଯ୍ୟ କରି ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁପରେ ପୁରୀର ସ୍ୱର୍ଗଦ୍ୱାର ଠାରେ ଏକମାତ୍ର ପୁତ୍ର ବଦ୍ରିନାରାୟଣ ପଣ୍ଡା ମୁଖାଗ୍ନି ଦେଇଛନ୍ତି। ତାଙ୍କର କନ୍ୟା, ସ୍ତ୍ରୀ ଓ ଆତ୍ମିୟ ସ୍ୱଜନ ତଥା ବିଶିଷ୍ଟ ଶିକ୍ଷକ ସଂଜୟ ଦାସ, ଡ. ବିଜୟ କୁମାର ଦାସ, ଭାଇ ସୁବ୍ରତ ପଣ୍ଡାଓ ଅଶୋକ ପଣ୍ଡା ମୃତ୍ୟୁଶର୍ଯ୍ୟା ନିକଟରେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଏ ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

# ଜୁଡ଼ିସିଆଲ ହବ୍ କ୍ରିୟାନୁଷ୍ଠାନ କମିଟି ଧନ୍ୟବାଦ ଜଣାଇଲା




ବାଲେଶ୍ୱର,୮/୧୧ (ନି ପ୍ର): ଦୀର୍ଘ ପ୍ରାୟ ଦେଢମାସଧରି ନିରନ୍ତର ଶାନ୍ତିପୂର୍ଣ୍ଣ ଅନ୍ଦୋଳନ ଜରିଆରେ ଜୁଡିସିଆଲ ହବ୍ କ୍ରିୟାନୁଷ୍ଠାନ କମିଟି ଜୁଡିସିଆଲ ହବ ସ୍ଥାପନର ସ୍ଥାନ ସହର ମଧ୍ୟରେ ନିରୂପଣ କରିବା ନେଇ ଯେଉଁ ସଂଗ୍ରାମ କରିଥିଲା ତାହାର ସଫଳତା ମିଳିଥିବାରୁ କମିଟି ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ବିଶେଷଭାବେ ଜିଲ୍ଲାପାଳ ଏହି ସ୍ପର୍ଶକାତର ବିଷୟକୁ ଗମ୍ଭୀରତାର ସହ ଅନୁଭବ କରି ସହର ମଧ୍ୟସ୍ଥ ଜଳସେଚନ ବିଭାଗ ପରିସରସ୍ଥ ସ୍ଥାନରେ ହେବା ପାଇଁ ପ୍ରକ୍ରିୟା ଗ୍ରହଣ କରିବାର ନିଷ୍ପତ୍ତି ନେଇଥିବାରୁ ଜିଲ୍ଲାପାଳଙ୍କୁ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଧନ୍ୟବାଦ ସହ ଜିଲ୍ଲାର ଜିଲ୍ଲାପରିଷଦ ସଦସ ସଦସ୍ୟା, ଜିଲ୍ଲାପରିଷଦ ଅଧ୍ୟକ୍ଷ, ପୌରପାଳିକାଙ୍କ ଅଧ୍ୟକ୍ଷା, ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ସର୍ବୋପରି ଜିଲ୍ଲାର ଜନସାଧାରଣଙ୍କ ସହ ଗଣମାଧ୍ୟମର ପ୍ରତିନିଧିଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କ୍ରିୟାନୁଷ୍ଠାନ କମିଟିର ସଭାପତି ଗୌରୀ କୁମାର ରାଉତ ବିସ୍ତୃତ ସୂଚନା ଦେଇ ଥିଲାବେଳେ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଓ ସଦସ୍ୟ ସର୍ବଶ୍ରୀ ସମ୍ପାଦକ ମାନସୀ ରଥ, ଉପଦେଷ୍ଟା କବି କାଳୀପଦ ପଣ୍ଡା, ଉପେନ୍ଦ୍ର ନାଥ ପାତ୍ର, ଆଡଭୋକେଟ ଜିତେନ୍ଦ୍ର ଉପାଧ୍ୟାୟ, ପ୍ରଭାତ ଦାସ, ମହମ୍ମଦ ଇସଲାମ, ରବିନ କୁମାର ଜେନା, ସୂର୍ଯ୍ୟକାନ୍ତ କର, ବିକ୍ରମ ପଣ୍ଡା, ରଞ୍ଜିତା ମହାପାତ୍ର, ତୁଷାର କାନ୍ତି ମହାପାତ୍ର, ମିନତି ସେଠୀ, ଆଶ୍ରିତା ତରାଇ, ମିନାରାଣୀ ବିଶ୍ୱାଳ, ସୋନାଲି ସାହା, ନବକିଶୋର ପଣ୍ଡା, ରୀତାଞ୍ଜଳି ନନ୍ଦ, ରାଧାବଲ୍ଲଭ ଦାସ, ସୁବାସ ମାସନ୍ତ, ହୃଦାନନ୍ଦ ବାରିକ, ପ୍ରତାପ ନନ୍ଦ, ଶରତ ଚନ୍ଦ୍ର ମହାପାତ୍ର, ରାଧାବଲ୍ଲବ ଦାସ, ପ୍ରତାପ ଚନ୍ଦ୍ର ମହାନ୍ତି, ରବିନ୍ଦ୍ର କୁମାର ସେଠୀ, ବିପ୍ଳବ କୁମାର ମହାନ୍ତି, ମାନଗୋବିନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ରହି ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଉଳ ଓ ଭତ୍ତା ସବୁକିଛିରୁ ବଂଚିତ 'କରଣ'



ଉଦଳା, ୦୮/୧୧(ନି.ପ୍ର) – ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ରାଇକାଳି ଗ୍ରାମର ଦୃଶ୍ୟ। ଏହିଗ୍ରାମର ବାସିନ୍ଦା କରଣ ମାର୍ଣ୍ଡିଙ୍କୁ ବର୍ତ୍ତମାନ ବୟସ ୬୨ ବର୍ଷ ଛୁଇଁଲା। କରଣଙ୍କ କହିବାଅନୁସାରେ ସେ ପିଲା ଥିବା ସମୟରେ ତାଙ୍କର ପିତା ମଧୁ ମାର୍ଣ୍ଡି ଓ ମାତା ସାଲଗେ ମାର୍ଣ୍ଡିଙ୍କର ଦେହାନ୍ତ ହୋଇଗଲା। କିଛିଦିନ ପରେ ତାଙ୍କର ସହଧର୍ମିଣୀ ମଧ୍ୟ ବିଦାୟ ନେଲେ। କୌଣସି ପିଲାପିଲି ନଥିବାରୁ କରଣ ଏକାକି ଆଜକୁ ଦିର୍ଘ ୩୦ ବର୍ଷ ହେବ ଦିନ ବିତାଇବାକୁ ବାଧ୍ୟ ହୋଇଛନ୍ତି। ଦିନ ମଜୁରିଆ ଭାବରେ କାମ କରି 'କରଣ' ଯାହା ରୋଜଗାର କରନ୍ତି ସେଥିରେ ନିଜର ଗୁଜୁରାଣ ମେଂଟାଇଥାନ୍ତି। ସରକାର ଖାଦ୍ୟ ଯୋଜନାରେ ଯୋଗାଇ ଦେଉଥିବା ମାସିକ ମୁଣ୍ଡପିଛା ୫ କିଗ୍ରା ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ ଭତା ଏପର୍ଯ୍ୟନ୍ତ କରଣଙ୍କ ପାଖରେ ପହଂଚିପାରି ନାହିଁ। ଏପରିକି ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ମଧ୍ୟ ସେ ପାଇପାରିନଥିବାର କଥା ଜଣାଇଛନ୍ତି। ଏସବୁ ପାଇବା ପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି କୌଣସି ସୁଫଳ ପାଇପାରିନଥିବାର କହିଛନ୍ତି। ଏଥିପ୍ରତି କତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଅମର୍ଦ୍ଦାରୋଡ ସମବାୟ ସମିତିର ନୂତନ ଅଫିସ ଗୃହ ଭିତ୍ତିପ୍ରସ୍ତର ସ୍ଥାପିତ



ବସ୍ତା,୮/୧୧(ନିପ୍ର): ଶ୍ୟାମସୁନ୍ଦରପୁର ସ୍ଥିତ ଅମର୍ଦ୍ଦାରୋଡ ସମବାୟ ସମିତିର ନୂତନ ଅଫିସ ଗୃହ ଆଜି ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତିର ସଂପାଦକ ନିରଞ୍ଜନ ପାତ୍ର ଅଧ୍ୟକ୍ଷତାରେ ସମବାୟ ସମିତିର ସଭାପତି ଦୀପକ କୁମାର ସାହୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ମଦନ ମୋହନ ପାଳ,ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶମ୍ଭୁନାଥ ସେଠୀ ଓ ସମବାୟ ସମିତିର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo